କୁଳବଧୂ

ପ୍ରତିମା ମିଶ୍ର

ମେଘମାଳା MP ପବ୍ଲିକେସନ

PUBLISHED, PRINTED & EDITED BY MAHENDRA KUMAR
BEHERA ON BEHALF OF MEGHAMALA PUBLICATION
AT MEGHAMALA PRINTERS, CUTTACK-1

ସ୍ନେହର·····!!!

ଏନବ-ବରଷରେ
ପୁଲକ ହରଷରେ
    ଭଲରେ ତମ ଦିନ କଟୁଗୋ,
ମୋଅର ସୁଖ ନେଇ
ତମର ଚଲାବାଟେ
    ମହୁ ଓ ଦୁଧ-ନଈ ଛୁଟୁଗୋ ।
ଏ ନବ-ବରଷରେ
ହୁଏତ ନୂଆ ବୋଲି
    ସପନେ ତମେ ମତେ ଦେଖିତ,
ହେଲେ, ମୁଁ ସତ ଯିବ
କେଇଟି ବରଷରେ
    ଜାଣିଲି—ମତେ ମନେ ରଖିତ !
ଦିନେ ତ କାହାପୁରେ,
ତମର ଶାହ୍ନାନାଇ
    ତମର ଶୁଭଶଙ୍ଖ ବାଜିବ,
ସେ ନବ-ବରଷରେ
ଆଜି କ ତମେ ସତେ
    ଏ ନବ-ବରଷକୁ ହେଜିବ·····

ଦେବେନ୍ଦ୍ର ଦାସ

ଯାନୁଆରୀର ଶୀତ ସକାଳ । ନବବର୍ଷର ପହିଲି ସକାଳର ସୂର୍ଯ୍ୟ ସେଯାଏ ଛୁଇଁ ନ ଥାଏ ବଗ୍‌ବଲପୁର ଧାରକୁ । ସୁବ୍ରତ ଉଠି ପଡ଼ିଲା ବିଛଣାରୁ । ଝରକା ଦେଇ ସେ ଚାହିଁଲା ପଦାକୁ । ଫଗୁଣର ଅବିର ସତେ ଯେପରି କିଏ ବୋଳି ଦେଇଛି ଆକାଶ ବକ୍ଷରେ । ଟିକିଏ ପରେ ଉଠିବ ନବବର୍ଷର ସୂର୍ଯ୍ୟ—ଅଫୁରନ୍ତ ସୌନ୍ଦର୍ଯ୍ୟ ଧରି ।···

ଘର ଭିତରେ କାହାର ପାଦଶବ୍ଦ ଶୁଣି ଫେରି ଚାହିଁଲା ସୁବ୍ରତ । ହାତରେ ପୁଳାଏ ବଉଳ ଫୁଲ ଧରି ପଶି ଆସିଲା ଉର୍ବଶୀ ।

ତୁମେ ଉଠିଲଣି ସୁବ୍ରତ ଭାଇ !

କାହିଁକି ? ଉଠାଇ ଦେବାକୁ ଆସିଥିଲୁ ପରା ?

କେମିତି ଜାଣିଲି ନୂଆବର୍ଷରେ ତୁମେ ବି ବଦଳି ଯାଇଛ ବୋଲି ।—ହସି ହସି ଉତ୍ତର ଦେଲା ଉର୍ବଶୀ ।

ହଉ ସେ ଫୁଲଗୁଡ଼ାକ କାହାପାଇଁ ଆଣିଛୁ ?

ଦେଖୁଛି ଏ ଫୁଲଗୁଡ଼ାକ ଉପରେ ତୁମର ଭାରି ଲୋଭ ହେଲାଣି ?

ଲୋଭ ହେଲେ କ'ଣ ହେଲା ! ମୋର କରିବାକୁ ମନ ଗୃହିଁଲେ କ'ଣ ମୋର ହୋଇଯିବ ? ଏ ଯାଏ ତ ସେଗୁଡ଼ା ମୋ ହାତକୁ ଆସିନ ।

ଏମିତି ଓଜନଥିଆ କଥାଗୁଡ଼ାକ କ'ଣ କହୁଛମ ? ଏଇ ସାମାନ୍ୟ ଫୁଲ ଦୁଇଟା ଦେବାପାଇଁ କୁଣ୍ଠିତ ହୋଇଥିଲେ ମୁଁ ଆଣିଥାନ୍ତି କାହିଁକି ଯେ ? ଆଜ ମୁଁ ସକାଳୁ ଉଠି···

ସକାଳୁ ଉଠି ଏଇଥିପା ଗୃଲିଛୁ ନା ! ଏ କାକରରେ ବସି ବଉଳ ଗଛ ତଳୁ ଫୁଲ ଗୋଟା ହେଉଥିଲ କାହାପାଇଁ ? ? ରହ ରହ, ମୁଁ ନୂଆବୋଉଙ୍କୁ କହୁଛି ଯେ ! ସୁବ୍ରତ ସ୍ମିତ ହସି କହିଲା ।

ଉର୍ବଶୀ ମୁହଁକୁ ଶୁଖେଇ ଦେଲା । ସତରେ କହିଦେବ ?

ଆଉ କ'ଣ ମିଛରେ ! କେହି କୁଆଡେ ନାହାନ୍ତି । ଏତେ ପିଲଟି ହେଲୁଣି, ଏକୁଟିଆ ବାଡ଼ରେ କାହିଁକି ଫୁଲ ଗୋଟାଉଥିଲୁ ? କଏ ଯଦି ନେଇ ଯାଇଥାଆନ୍ତା ?—

ଫୁଲଗୁଡ଼ା ସେଇଠି ପକାଇ ଦେଇ ଉର୍ବଶୀ ଗୃଲିଗଲା ।

ଉର ! ଉର ! ସୁବ୍ରତ ଡାକିଲା ।

ଉର୍ବଶୀ ଗୃଲିଗଲାଣି । ଫୁଲଗୁଡ଼ା ଘର ଚଟାଣ ଉପରେ ବିଞ୍ଚି ହୋଇ ପଡ଼ିଛି । କୃଷ୍ଣପକ୍ଷ ଆକାଶରେ ତାରକାଗୁଡ଼ିକ ଯେପରି ସୁନ୍ଦର ଆକର୍ଷଣୀୟ, ତା ଠାରୁ ଆହୁରି ମନଲୋଭା ଦିଶୁଛି ଫୁଲଗୁଡ଼ିକ । ଲୋଭ ସମ୍ଭାଳି ନ ପାରି ସୁବ୍ରତ ଖଟ ଉପରୁ ଓହ୍ଲାଇ ବିଞ୍ଚି ଯାଇଥିବା ଫୁଲଗୁଡ଼ିକୁ ଗୋଟାଇବାରେ ଲାଗିଲା ।

ସୁବୁନ ! ସୁବୁନ ! କରେ ଆଜ ଉଠିବୁନି କି ? ଅଜାଙ୍କ ପାଟି ଶୁଣି ତରବର ହୋଇ ବାହାରିଗଲା ସୁବ୍ରତ ପଦାକୁ ।

ମାମୁଁ ଘରେ ସୁବ୍ରତର ଭାରି ଆଦର । ମାମୁଁ, ମା ଅଜା ସମସ୍ତେ ତାକୁ ଭାରି ସ୍ନେହ କରନ୍ତି । ସେଇଥି ପାଇଁ ସେ

ପ୍ରତ୍ୟେକ ଛୁଟିରେ ଘରକୁ ଆସିଲେ ସୁବ୍ରତ ଆଗ ଆସେ ମାମୁଁ ଘରକୁ । ସେଠି କେତୋଟି ଦିନ ବେଶ୍ ହସଖୁସିରେ କଟିଯାଏ ସୁବ୍ରତର । ମାମୁଁ ଘରକୁ ଆସିବାର ତାର ବଡ଼ ଆକର୍ଷଣ ହେଉଛି ଉର୍ବଶୀ ।

ସତରେ ! ଉର୍ବଶୀକୁ ଭାରି ଭଲପାଏ ସୁବ୍ରତ । ଦୂର ପ୍ରବାସରେ ଏଇ ମଫସଲର ସରଳ ବାଳିକାଟିର ନିର୍ମଳ ପ୍ରେମ ନିକଟରେ ମନ ତାର ଆପେ ଆପେ ନଇଁଯାଏ । ଟିକିଏ ତାକୁ ଦେଖିବାକୁ, ପଦିଏ ତା'ଠୁ ଶୁଣିବାକୁ ତାର ଭାରି ଇଚ୍ଛା ହୁଏ । ଆଗରେ କିନ୍ତୁ ବିରାଟ କର୍ତ୍ତବ୍ୟ ପ୍ରତିବନ୍ଧକ ହୁଏ । ମନ ଆଶା ମନରେ ମରିଯାଏ । କିନ୍ତୁ, କିପର୍ଯ୍ୟସ୍ତ ମନ ଭିତରେ ବିବ୍ରତ ହୋଇ ସେ ଦୀର୍ଘ ନିଶ୍ୱାସ ଛାଡ଼େ ।

ସେଦିନ ସୁବ୍ରତ ସାନ୍ଧ୍ୟ ଭ୍ରମଣ ସାରି ଅଙ୍କା ବଙ୍କା ରାସ୍ତାଦେଇ ସାଇକେଲରେ ଫେରୁଥିଲା । ହଠାତ୍ ଉର୍ବଶୀର ଘର ଆଗରେ ଅଟକିଗଲା ସାଇକେଲ୍ । ଷ୍ଟାଣ୍ଡ ଦେଇ ସୁବ୍ରତ ଘରକୁ ପଶିଲା । ସେତେବେଳକୁ ଉର୍ବଶୀ ସନ୍ଧ୍ୟା ଅନ୍ଧକାରରେ ସଞ୍ଜ ଜାଳି ପ୍ରଣତି ଜଣାଉଥିଲା । ଉର୍ବଶୀ ବୋଉ କ'ଣ ଗୋଟାଏ କାମରେ ପଦାକୁ ଯାଇଥିଲେ । ଗ୍ରେଟ ଭାଇ ନୁରି ମଧ୍ୟ ଯାଇଥିଲା ଟିଉସନକୁ ।

ସୁବ୍ରତ ଡାକିଲା—ଉର୍ବଶୀ !

ଏଇ ଡାକପାଇଁ ପ୍ରସ୍ତୁତ ନ ଥିଲା ଉର୍ବଶୀ । ପଛକୁ ବୁଲିଁ ଚୁସ ଦେଖିଲା, ଘୁଇ ଅନ୍ଧାର ଭିତରେ ତାର ସୁବ୍ରତ ଭାଇ ଠିଆ ହୋଇଛନ୍ତି । ଏମେ ତାର ସକାଳ ଘଟଣା ସବୁ ମନେ ପଡ଼ିଗଲା । ଅଭିମାନରେ ଫାଟି ପଡ଼ିଲା ସେ ।

ରାଗିଛୁ ମୋ ଉପରେ ?

ଉର୍ବଶୀ କିଛି କହିଲା ନାହିଁ ।

ତୋ ଫୁଲ ଗୁଡ଼ା ମୁଁ ଗୋଟାଇ ରଖିଛି ଉର ! ଆଚ୍ଛା କହତ, ନୂଆବର୍ଷର ପ୍ରଥମ ସକାଳେ ତୁ ଦେଇଥିବା ଉପହାର ମୁଁ ଗ୍ରହଣ କଲି । ଆଉ ମୋ ଉପହାର ନେବାକୁ ତୁ ଏପରି କୁଣ୍ଠିତା ହେଉଛୁ କାହିଁକି ?

ସତରେ ! ତମେ ତା ହେଲେ କ'ଣ ଉପହାର ଆଣି ଆସିଛ ? ସକାଳ ଉପହାର ମୋର ମନେ ରହିବ ଯେ ! ଆଉ···

ତୁ ଏପରି କାନ୍ଦିବୁ ବୋଲି ମୁଁ କ'ଣ ଜାଣିଥିଲି । ଡାକୁ ଡାକୁ ଚାଲି ଆସିଲୁ କାହିଁକି ?

ଆଖିରୁ ଲୁହ ପୋଛି ଉର୍ବଶୀ ଉତ୍ତର ଦେଲା, ତୁମେ ମୋତେ କନ୍ଦାଇବାକୁ ଭଲପାଅ ବୋଧେ ? ମୁଁ ସେଇଥିପାଇଁ କାନ୍ଦିଲି । ଆଉ କିଛି ମୋର ଦରକାର ନାହିଁ ।

ମୋଠାରେ ବି ତୋର ଆଉ ଦରକାର ନାହିଁ ? ହିଁ, ମନଲାଖି ବରଟିଏ କେଉଁଠି ବାଛି ନେଲୁଣି ପରା ! ହଉ ତେବେ ମୁଁ ଯାଉଛି ।

ଚାଲିଯାଉଥିଲା ସୁବ୍ରତ । ଉର୍ବଶୀ ବାଟ ଘେରିଲା । ଚାଲିଯାଉଛ ଯେ ? କୁଆଡ଼େ ଆସିଥିଲ, କିଛି କହିଲନି ?

ଉର୍ବଶୀ ହାତଟାକୁ ସୁବ୍ରତ ଠେଲି ଦେଲା । ଛାଡ଼ ମୁଁ ଯାଏ । ଏଠିକି ଆସି ମୁଁ ବଡ ଭୁଲ କରିଛି ।

ସୁବ୍ରତ ଭାଇ··· ! ଦୃଢ଼ କଣ୍ଠରେ ଡାକିଲା ଉର୍ବଶୀ ।

ତୁମ ଆଦରର ଉରକୁ ଅଜା ଭଳି ଢଙ୍ଗରେ ତମେ ନିଜେଇ ମାରି ଦେଇଛ ହାତେ ହାତେ ?

ଅଟକିଗଲା ସୁବ୍ରତ । ଉର୍ବଶୀର ଆଖିଲୁହ ସେ ସହିପାରେନା । ଆପେ ଆପେ ପ୍ରଥମେ ନିଜେ ହିଁ ସେ ଧରା ଦେଇଛି ଉର୍ବଶୀ ପାଖରେ । ଆଜିବା କେମିତି ଏଡ଼ି ଦେବ ? ଉର୍ବଶୀର ଲୁହଧୁଆ ମୁହଁକୁ ଟେକି ଧରି ଲୁହ ପୋଛି ଦେଲା ସୁବ୍ରତ ।

ତୁ ମୋ ଉପରେ ରାଗୁଚୁ ଉରି ! ସରଗର ଚାନ୍ଦ ମାଗିଲେ ମୁଁ ତୋତେ ଆଣିଦେବି । ସାତତାଳ ପଙ୍କରେ ଥିବା ସୁନା ଫରୁଆ ମାଗିଲେ ମୁଁ ଦେବି !

ତୁମ୍ଭ ହି ପ୍ରଥମେ । ତୁ ସିନା ମୋତେ ଏତେ ଆଦରରେ ଫୁଲ ଦେଲୁ । ମୁଁ ଆଜି ତତେ କ'ଣ ଦେବି କହିଲୁ ? ଦୁହେଁ ଆମେ ଫୁଲ ହେବା, ମଝି ଦୁଆରେ ଫୁଟିଥିବ! କୁସୁମ ଫୁଲରୁ କେତୋଟି ଆଣି ଖୋସିଦେଲା ସୁବ୍ରତ ଉର୍ବଶୀର ଖୋସାରେ ।

ଭାରି ସୁନ୍ଦର ଦିଶୁଛୁ ତୁ ! —ସୁବ୍ରତ କହିଲା ।

ଲାଜ ଲାଜ ହୋଇ ଓଢ଼ଣା ଟାଣିବାକୁ ଚେଷ୍ଟା କରିବ ପାରିଲାନି ଉର୍ବଶୀ । ସୁବ୍ରତର ଦୃଷ୍ଟି ଆଉ କଥା ଆଗରେ ଆହୁରି ଦୁର୍ବଳ ହୋଇ ପଡ଼ିଲା ସେ ।

ସୁବ୍ରତ ହିଁ ନୀରବତା ଭଙ୍ଗକଲା । ମୁଁ ଯାଉଛି ଉରି ! ମାଉସୀ. ନୂର କେତେବେଳେ ଆସିବେ କି ?

ମୁଁ କହି ପାରିବନି । ଉର୍ବଶୀ ଏଥର ସଳଖି କରି ଉତ୍ତର ଦେଲା ।

ସୁବ୍ରତ ଆଗେ ଆଗେ ଆସିଲା । ଆଉ ପଛରେ ଆସିଲା ଉର୍ବଶୀ ଦାଣ୍ଡ ଘର ପର୍ଯ୍ୟନ୍ତ । କେଜାଣି କାହିଁକି ସେ ସୁବ୍ରତକୁ ଅଟକାଇ ପାରି ନ ଥିଲା ନିଜର ପ୍ରବଳ ଇଚ୍ଛା ଥିଲେ ମଧ୍ୟ ।

କାଲି ସକାଳୁ ସୁବ୍ରତ ଘରକୁ ଚାଲିଯିବ । ତା' ପରେ ତା'ର କର୍ମକ୍ଷେତ୍ରକୁ । ସୁବ୍ରତ ଆସିଲେ ଉର୍ବଶୀ ଘରେ ରହେନା ।

ପିଲାଦିନୁ ଦୁହେଁ ଖେଳସାଙ୍ଗ । ମାଛଧରା, କୋଳଚୋରା, ଧୂଳିଘର, ବଣଭୋଜିଟିରେ ଦିନ ଗୁଡ଼ିକ ତାଙ୍କର ମୁଖର ହୋଇ ଉଠେ । ନାଗେଲା ଖରାବେଳରେ ଆମ୍ବ ତୋଟାରେ ବୁଲୁଥାଏ ସୁବ୍ରତ । ଖୋଜି ଖୋଜି ଯେମିତି ହେଲେ ପହଞ୍ଚିଯାଏ ଉର୍ବଶୀ । ପିଲାଦିନର ଧୂଳିଘର ଗୁଡ଼ି ବର୍ତ୍ତମାନ ସତ ଘର କରିବାକୁ ଉପଯୁକ୍ତ ହେଲେଣି ସେମାନେ । ଏକଥା ଉର୍ବଶୀଠାରୁ ସୁବ୍ରତ ଅନୁଭବ କରେ ବେଶୀ । ଦୁହିଁଙ୍କ ବନ୍ଧନରେ ସାମାଜିକ ପ୍ରତିବନ୍ଧକ ନ ଥିଲା ସେମିତି କିଛି । ତଥାପି···ତଥାପି ଉର୍ବଶୀକୁ ପାଇ ନ ଥିଲା ସୁବ୍ରତ । ଉର୍ବଶୀ ସହିତ ସୁବ୍ରତର ବାହାଘର ପ୍ରସ୍ତାବ ବାଡ଼ି ଅପମାନିତ ହୋଇ ଫେରି ଆସିଥିଲେ ସୁବ୍ରତର ମାମୁଁ ।

ତାପରେ···

ସେଇ ହଜିଲା ଦିନର ଅଭୁଲା ସ୍ମୃତିକୁ ମନେପକାଇ ଫିକ୍‌କରି ହସିଉଠିଲା ସୁବ୍ରତ !

ଛୋଟ ଗାଆଁଟିଏ । ତାହାରି ଭିତରେ ଆହୁରି ଛୋଟ, ଆହୁରି ନଗଣ୍ୟ ଖୁଲଘରଟି ଭିତରେ ସୁବ୍ରତର ଜନ୍ମ । ଚୌଧୁରୀ ମୁକ୍ତିକାନ୍ତ ମିଶ୍ରଙ୍କର କୁଳଦୀପ ସୁବ୍ରତର କୁଆଁ କୁଆଁ ଡାକରେ ପୁରି-ଯାଇଥିଲା ସେଦିନର ସେଇ ଘରଟି । ମା ଚନ୍ଦ୍ରାର ସବୁ ବିମୁଖତା, ଅବସାଦକୁ ସେଦିନ ଭୁଲାଇ ଦେଇଥିଲା ସୁବ୍ରତ । ପୁଅର ମୁଖ ନିରୀକ୍ଷଣ କରୁ କରୁ ଆଖିରେ ତାଙ୍କର ଲୁହ ଭରି ଯାଇଥିଲା । ଭାଗ୍ୟର ବିପର୍ଯ୍ୟୟ ସେ ସବୁ । ଆଜି ଯଦି ସେ ପିତୃ ଗୃହରେ ଜନ୍ମ ହୋଇଥାଆନ୍ତା ? ଭାବି ପାରୁ ନ ଥିଲେ ଚନ୍ଦ୍ରା । ପୁଅଟିର ଅନାଗତ

ଭବିଷ୍ୟତର ଚିନ୍ତାରେ ସେ ଥରି ଉଠୁଥିଲେ । ହେ ପ୍ରଭୁ ! ବାପର ଗୁଣ ନ ଆଣେ ଯେପରି ପୁଅ ।

ଚୌଧୁରୀ ମୁକ୍ତକାନ୍ତଙ୍କ ସହଧର୍ମିଣୀ ଚନ୍ଦ୍ରା ସ୍ୱାମୀଙ୍କ ନିଷ୍ଠୁର ବ୍ୟବହାର ସହି ପାରି ନଥିଲେ । ବଡ଼ଲୋକର ଅହମିକାରେ ଅତି ଅହଙ୍କାରୀ ଥିଲେ ମୁକ୍ତକାନ୍ତ । ଲକ୍ଷ୍ମୀ ରୂପିଣୀ ସ୍ତ୍ରୀ ପ୍ରତି ତାଙ୍କର ତିଳେ ହେଲେ ସ୍ନେହ ନଥିଲା । ନାରୀର ଧର୍ମ ନେଇ ଚନ୍ଦ୍ରା ସ୍ୱାମୀଙ୍କର ଅତ୍ୟାଚାର ମଥାପାତି ସହି ନେଉଥିଲେ । କାରଣ, ସ୍ୱାମୀ, ଶଶୁରଙ୍କ ଭଳି ତାଙ୍କର ପିତାଙ୍କର ଧନ ସଂପତ୍ତି ନ ଥିଲା ।

ସେ ସବୁ ବହୁ ଅତୀତର କଥା—

ଏକ ଆଶ୍ୱିନ ରଜନୀରେ ସ୍ନିଗ୍ଧ ଚନ୍ଦ୍ରର ମୁକୁଳା ଓଢ଼ଣୀ ତଳେ ବଗିଚାର କୃଷ୍ଣଚୂଡ଼ା ଗଛମୂଳେ ବସି ଚନ୍ଦ୍ରା ମୁଗ୍ଧ ହୋଇ ଦେଖୁଥିଲା ପ୍ରକୃତିର ବିଚିତ୍ର ଲୀଳା ।

କୁହ ଚନ୍ଦ୍ରା ! ସତ କରି କୁହ ? ତମଠାରୁ ଅସୁନ୍ଦରୀ ହୋଇ ନାରୀ କ'ଣ ଆଉ ଅଛନ୍ତି ?

ସ୍ୱାମୀଙ୍କର ଗର୍ବିତ କଥାର କି ଉତ୍ତର ଦେବ ଚନ୍ଦ୍ରା ? ପୁଣି ସେଇ ପ୍ରଶ୍ନ । ସବୁ ସୁନ୍ଦର ଦେଇ ବିଧାତା ଯେଉଁ ନାରୀକୁ ଏଠାକୁ ପଠାଇଛନ୍ତି, ସେ କ'ଣ ଏତେ କୁତ୍ସିତା ହୋଇପାରେ ?

କି ଉତ୍ତର ଦେବେ ଚନ୍ଦ୍ରା କିଛି ଠିକ କରିପାରୁ ନ ଥିଲେ । ମନର ସବୁ ଦୁର୍ବଳତାକୁ ଲୁଚାଇ ସେ ମୁହଁରେ ହସ ଫୁଟାଇଲେ ।

କେମିତି ଜାଣିବି ସେ କଥା ? ମୋଠାରୁ ତୁମେ ବେଶୀ ନାରୀର ସମ୍ପର୍କରେ ଆସୁଛ । ତେଣୁ ନିଜେଇ ନିଜ ପ୍ରଶ୍ନର ସମାଧାନ କରିପାରୁନା ?

ରାଗରେ ନାଲିପଡ଼ି ଯାଇଥିଲା ମୁକ୍ତକାନ୍ତଙ୍କ ମୁହଁ । ଜାଣିରଖ ଚନ୍ଦ୍ରା ! ଏ ଘରର ବୋହୂ ହୋଇ କେହି କେବେହେଲେ ଜୀବନରେ ପୂର୍ଣ୍ଣତା ପାଇନି । ତମେ ଯଦି ଭାବୁଥାଅ ଚିରଦିନ ମୁଁ ତୁମରି ହୋଇ ରହିବି, ତେବେ ତୁମେହିଁ ଅଶାନ୍ତିରେ ଦିନ କାଟିବ । ଯାହା କିଛି ତୁମର ପ୍ରାପ୍ୟ, ସବୁ ତ ତୁମେ ପାଇଛ; ହୁଏତ ଏତେ ସୁଖରେ ତୁମେ ଆଜି କେଉଁଠି ରହିପାରି ନ ଥାନ୍ତ ।

ହଁ, ମୁଁ ମାନୁଛି । ଏମିତି ଆଯୁଅଳଙ୍କାର, କୋଠାବାଡ଼ି ମୋତେ ମିଳି ନଥାନ୍ତା । ହେଲେ ଯାହା ମୋର ସବୁଠୁ ବେଶି ଆବଶ୍ୟକ ସେଇ ମାନସିକ ଶାନ୍ତି ମୁଁ ପାଇଥାନ୍ତି ।

ଚନ୍ଦ୍ରା ! ଛୋଟ ମୁହଁରେ ବଡ଼କଥା ଭଲ ଶୁଭୁନି ।

ତୁମର ସମ୍ମାନ ଉପରେ ଆଞ୍ଚ ଆଣିବା ମୋର ଲକ୍ଷ ନୁହେଁ । ସେଇଥିପାଇଁ ନିଜକୁ ଯଥା ସମ୍ଭବ ସଙ୍କୁଚିତ କରି ନେଉଛି ।

ଏହାର ପ୍ରତିଫଳ ଖୁବ୍ ଶୀଘ୍ର ପାଇବ ତୁମେ ଚନ୍ଦ୍ରା ?

ହଁ, ଏ ବଂଶର ଆଭିଜାତ୍ୟ, ଏ ବଂଶର ଗୌରବ ଖାଲି ପୁରୁଷ ପୁଅର; ସେଥିପାଇଁ ନାରୀ ତା ଆଖି ଲୁହର ସମ୍ମାନ ପାଇବ କେଉଁଠୁ ? କିନ୍ତୁ ତମେ ଭଲକରି ମନେ ରଖ, ଆଜି ଯେତୋଟି ନାରୀର ଆଖି ଲୁହରେ ତୁମେ ତୁମ ଦେହ ଓ ମନ ଚରିତାର୍ଥ କରୁଛ, ତାରି ପ୍ରତିଫଳ ତୁମକୁ ହିଁ ଭୋଗିବାକୁ ପଡ଼ିବ । ମୋତେ ନୁହେଁ !...

ତୁମର ତ ବଡ଼ ସୌଭାଗ୍ୟ ଚନ୍ଦ୍ରା, ଏ ଘରର ବୋହୂ ହୋଇ ସାରିଛ । ନହେଲେ ସେଇ ଅନ୍ୟ ଝିଅ, ବୋହୂଙ୍କ ଭଳି ତୁମର ସମ୍ମାନ ମୋ ହାତ ମୁଠାକୁ ଆସି ଥାଆନ୍ତା ।

ଏଇନେ କ'ଣ ମୁଁ ତୁମ ଅଧିକାରକୁ ଅସ୍ୱୀକାର କରୁଛି ? ତୁମେ ବିଳାସବ୍ୟସନ, ସୁଖ-ସ୍ୱାଚ୍ଛନ୍ଦରେ ରହି ନିଜେଇ ନିଜକୁ ଚିହ୍ନି ପାରୁନ । ତୁମ ପକ୍ଷେ ଏଇ ଧନ ସମ୍ପଦ ବଡ଼ ହୋଇପାରେ, କିନ୍ତୁ ମୋ ପକ୍ଷରେ ନୁହେଁ । ଏଇ ନିରୀହା ଅବଳାର ଆଖି ଲୁହରେ ଏ ବଂଶର ବୁନିଆଦ ଦିନେ ନା ଦିନେ ମାଟିରେ ମିଶିବ ହିଁ ମିଶିବ । ସେତିକିବେଳେ ଭଲଭାବରେ ଭାବିବ—ଚନ୍ଦ୍ରା ଯାହା କହୁଥିଲା ସତ କି ମିଛ ।

ବେଶ୍, ଦେଖାଯିବ ?—ଚାଲିଗଲେ ମୁକ୍ତିକାନ୍ତ ଗର୍ବିତ ପଦକ୍ଷେପରେ ।

ଚନ୍ଦ୍ରାଙ୍କ ଆଖିରୁ ବୋହି ଆସୁଥିଲା ଲୁହ । ଅସହାୟଭାବେ ସେ ଖୁବ୍ ଜୋରରେ କାନ୍ଦି ଉଠିଲେ । ହେ ଭଗବାନ ! ଏ ଧନର ଅହଙ୍କାର ଯେମିତି ନ ରହେ । ଏ ବଂଶ ପ୍ରତି ଏଇ ତାଙ୍କର ଅଭିଶାପ । ନାରୀର ହୃଦୟ ନେଇ ସେ ଏମିତି ପାଷାଣୀ ହୋଇ ପାରିବେନି । କାଲି ଭଳି ମନେ ପଡ଼ୁଛି ସବୁ—କେତେ ସୁନ୍ଦରୀ ସୁକୁମାରୀ ଝିଅଙ୍କ ଆଖି ଲୁହରେ ଓଦା ହୋଇ ଯାଇଛି ଏ ଉଆସ । ତାଙ୍କର କରୁଣ ଦୀର୍ଘନିଶ୍ୱାସ ବାଜୁଛି ଆସି ଚନ୍ଦ୍ରାଙ୍କର ଛାତିରେ । ବୋହୂ ହୋଇ ଆସି ସେ ଦେଖିଥିଲେ ସ୍ୱାମୀ-ଶ୍ୱଶୁରଙ୍କର ଏ କୀର୍ତ୍ତି । ଶାଶୂ ଏମିତି ଆଖିରୁ ଲୁହ ପୋଛି ପୋଛି ଦିନେ ବିଷ ଖାଇ ଆତ୍ମହତ୍ୟା କଲେ । ସେଇ ପିତାର ପୁତ୍ର ମୁକ୍ତିକାନ୍ତ ହୋଇ ସେଥିରୁ ବା ବାଦ୍ ଯାଆନ୍ତେ କପରି ?

ରାତି ରାତି ଅନିଦ୍ରା, ଅନିଶ୍ଚିତ ଆଶଙ୍କାରେ କଟିଯାଇଛି ତାଙ୍କର । ରାତିର ଶେଷ ପ୍ରହରରେ ଅନେକ ଥର ଫେରନ୍ତି ମୁକ୍ତିକାନ୍ତ—ଠିକ୍ ମାତାଲ ଅବସ୍ଥାରେ । ନାରୀମନ ନେଇ ସହି ପାରିନି ଚନ୍ଦ୍ରା । କେତେଥର ଆତ୍ମହତ୍ୟା ପାଇଁ ଚେଷ୍ଟା କରି

ନିଷ୍ଫଳ ହୋଇଛି ସେ । ତାଙ୍କର ରକ୍ତରେ ଆଉ ଜଣଙ୍କର ବଳିଷ୍ଠ ଆତ୍ମପ୍ରକାଶ । ପାପ ଉପରେ ପାପ କରପାରେ ନି ଚନ୍ଦ୍ରା । ସ୍ୱାମୀଙ୍କର ଅଜ୍ଞାନ ଶରୀର ଉପରେ ଲୋଟିପଡ଼ି ତା' ଉପରେ ଲୁହ ଝରାନ୍ତି ଚନ୍ଦ୍ରା । ତେତା ପାଇ କ୍ଷମା ମାଗନ୍ତି ମୁକ୍ତକାନ୍ତ । କିନ୍ତୁ ପରଦିନ ପୁଣି ଯେଉଁ କଥାକୁ ସେଇ କଥା । ଆଖିଲୁହ ଶେଷକୁ ନିଷ୍ଫଳ ହୋଇଯାଏ—ଆଉ ଜଣଙ୍କର କଞ୍ଚା ବୟସର ଆକର୍ଷଣରେ । କାଚ ବୋତଲର ନାଲିଆ ପାଣି ଆଗରେ ଚନ୍ଦ୍ରାଙ୍କ ଆଖିଲୁହ ବାଷ୍ପଭଳି ଉଭେଇ ଯାଏ ।

ଚନ୍ଦ୍ରା ଶେଷରେ ସ୍ୱାମୀଙ୍କର ନିର୍ଯ୍ୟାତନା, ଭର୍ତ୍ସନା ଆଉ ପ୍ରତିକଥାରେ ବିଦ୍ରୂପ, ଲାଞ୍ଛନା ସହି ନ ପାରି ନିଜେଇ ଜଣେ ଦାସୀକୁ ଧରି ଫେରିଛନ୍ତି—ଅଦୂରସ୍ଥ ନିଜର ଜନ୍ମସ୍ଥାନକୁ । ଆପତ୍ୟ ନିଳର ସ୍ନେହରେ ସବୁ ଦୁଃଖ ତାଙ୍କର ମଳିନ ପଡ଼ି-ଯାଇଛି । ପିତା, ମାତା ଓ ଏକମାତ୍ର ଭାଇ ଭାଉଜଙ୍କର ଛୋଟ ସଂସାର ଭିତରେ ସେ ତାଙ୍କର ହଜିଲା ଶାନ୍ତି ଆନନ୍ଦକୁ ଫେରି ପାଇଛନ୍ତି । ସ୍ୱାମୀଙ୍କୁ ଉପେକ୍ଷା କରି ଆସିଲା ପରେ ଭୁଲ୍‌ରେ ସେ ଦିନେ କାହାଠାରୁ ବୁଝିବାକୁ ଚେଷ୍ଟା କରି ନାହାନ୍ତି ତାଙ୍କର ଖବର ।

ଆଉ ମୁକ୍ତକାନ୍ତ ! ସେ ବା କାହିଁକି ଅନୁତାପ କରିବେ ସାମାନ୍ୟ ଜଣେ ନାରୀପାଇଁ । ଯାହାର ମୂଲ୍ୟ ତାଙ୍କ ପାଖେ କିଛି ନୁହେଁ । ତାଙ୍କର ଟଙ୍କା ଅଛି, ଶକ୍ତି ଅଛି । ଆଉ ବା କ'ଣ ତାଙ୍କର ଅଭାବ ଅଛି ? ତେଣୁ ଚନ୍ଦ୍ରା ପାଖରେ ସେ ବା କାହିଁକି ମୁଣ୍ଡ ନୁଆଁଇବାକୁ ଯିବେ ? ସେଥିପାଇଁ ସେ ତାଙ୍କର ଅହଙ୍କାର ନେଇ ନିରବ ରହିଲେ । ସେ ଜାଣନ୍ତି ନାରୀ ଏକ ରକ୍ତ ମାଂସର

ଖେଳନା । ତାଙ୍କୁ ଖେଳି ଖେଳି ଉପଭୋଗ କରନ୍ତ୍ଏ ଏବଂ ମନଇଚ୍ଛା ଧରି ରଖି ହୁଏ ।

ନିଷ୍ଠୁର ମୁକ୍ତକାନ୍ତ କେବଳ ଯେ ନାରୀ ଉପରେ ଏଭଳି ଅତ୍ୟାଚାର କରୁଥିଲେ ତା ନୁହେଁ—ଜମିଦାର ବୋଲି ପ୍ରଜାମାନଙ୍କ ପ୍ରତି ଅତି ନିଷ୍ଠୁର ବ୍ୟବହାର ଦେଖାଉଥିଲେ । ନାନା ଭାବେ ସେ ପ୍ରଜାଙ୍କଠାରୁ ଅର୍ଥ ସଂଗ୍ରହ କରୁଥିଲେ । ତାଙ୍କର ଯାହା-ଉପରେ ଆଖି ପଡ଼େ, ତାର ପିତୃ ପୁରୁଷର ଡିହ ଖଣ୍ଡିକ ଗୁଳିଯାଏ । ଏମିତି କେତେ ପରିବାର ତାଙ୍କର ପାଇଁ ନଷ୍ଟ ହୋଇଛି, ତାର ଠିକଣା ନାହିଁ ।

କିନ୍ତୁ ଆଜ···

ନାରୀ ଓ ଧର୍ମପତ୍ନୀ ହିସାବରେ କିଛି ପାଇ ପାରି ନ ଥିଲେ ଚନ୍ଦ୍ରା । ନିଜର ସର୍ବସ୍ୱ ବଳିମଧ୍ୟରେ ସେ କେବଳ ପାଇଥିଲେ ସୁବ୍ରତକୁ । ତାଙ୍କର ମାତୃତ୍ୱକୁ ସ୍ୱାର୍ଥକ କରି ଚଉଧୁରୀ ବଂଶର ଭାବିବଂଶଧର ଯେଉଁଦିନ ଭୂମିଷ୍ଠ ହେଲା, ସେଦିନ ବି ଆନନ୍ଦ ବଦଳରେ ତାଙ୍କ ଆଖିରୁ ଝରିଥିଲା ଲୁହ—ଅଜାଣତକୁ ଝରି ଝରି । ଆଜିଠା ସୁନାପରି ଦେହର ରଙ୍ଗ ମଳିନ ପଡ଼ି ଯାଇଥିଲା । ସ୍ୱାସ୍ଥ୍ୟ ବି ଖୁବ୍ ଦୁର୍ବଳ ହୋଇ ଯାଇଥିଲା ତାଙ୍କର । ବୟସ ସେପରି ବିଶେଷ ନ ହେଲେ ମଧ୍ୟ ଆଖିତଳେ କଳା ଦାଗ ସ୍ପଷ୍ଟ ହୋଇ ଦେଖା ଯାଉଥିଲା । ମାନସିକ ଅଶାନ୍ତିରେ ରୂପବତୀ ଚନ୍ଦ୍ରା ଦିନକୁ ଦିନ ଅକାଳ ବାର୍ଦ୍ଧକ୍ୟରେ ନଇଁଗଲେ । କୁମାରୀ ଚନ୍ଦ୍ରା ଶ୍ରୀମତୀ ହେବାର ପାଞ୍ଚୋଟି ବର୍ଷରେ ସୁବ୍ରତର ଜନ୍ମ ।

ଚନ୍ଦ୍ରାର ପିତା ଧନୀ ହୋଇ ନ ଥିଲେ ମଧ୍ୟ ଗରିବ ନ ଥିଲେ । ତଥାପି ଅବସ୍ଥା ଚକ୍ରରେ ଏଇ ମୁକ୍ତକାନ୍ତ ତାଙ୍କର ସର୍ବସ୍ୱ

ଲୁଟି ନେଇଥିଲେ । ବସନ୍ତରେ ଆଖି ଦୁଇଟି ନଷ୍ଟ ହୋଇଯିବା ପରେ ନିଜର ଶତ ଅନିଚ୍ଛାରେ ଏବଂ ମୁକ୍ତକାନ୍ତଙ୍କ ଶତ ଅନୁରୋଧ, କରୁଣ ମିନତିରେ ଭୁଲିଯାଇ ଝିଅର ସୁଖ ପାଇଁ ସେ ଚନ୍ଦ୍ରାକୁ ତାଙ୍କର ହାତରେ ସମର୍ପି ଦେଇଥିଲେ ।

କିନ୍ତୁ···

ବିବାହର ଗୋଟିଏ ମାସପରେ ଚନ୍ଦ୍ରାକୁ ଆଣିବାକୁ ଯାଇ ଅପମାନିତ ହୋଇ ଫେରି ଆସିଥିଲେ ଚନ୍ଦ୍ରାର ପିତା । ସେଇଦିନଠାରୁ ସେ ଚନ୍ଦ୍ରା କଥା ଏକବାରେ ଭୁଲିଯାଇଥିଲେ । ପୁଅଟିକୁ ବିବାହ ଦେଇ ଘରକୁ ଆଣିଥିଲେ ବୋହୂ । ତଥାପି ନିବୋଲା ସମୟରେ ମନେପଡ଼େ ଚନ୍ଦ୍ରା କଥା ।

ଚକ ଘୂରିଲା ।

ସମୟ ଗଡ଼ି ଗ୍ଲଲା ।

ହଠାତ୍ ଦିନେ ନିବୋଲା ଦ୍ୱିପହରେ ଚନ୍ଦ୍ରା ନିଜ ଘରେ ପହଞ୍ଚି ଯାଇ ବାପାଙ୍କୁ ଓଳଗି ହୋଇ କହିଲା—ବାପା ! ତମର ଯେଉଁ ଅଲିଅଳ ଝିଅକୁ ମୁକ୍ତକାନ୍ତ ତମ ନିକଟରୁ ଛଡ଼ାଇ ନେଇଥିଲେ, ସେଇ ମୁକ୍ତକାନ୍ତର ଅବହେଳିତା ସ୍ତ୍ରୀ ତମ ପାଖକୁ ଛୁଟି ଆସିଛି—ସବୁଦିନ ପାଇଁ । ଚନ୍ଦ୍ରା ଲାଗି ତାଙ୍କ ସଦର ଦରଜା ବନ୍ଦ ହୋଇ ଯାଇଛି ।

ଅନ୍ଧପିତା ନିଜ କନ୍ୟା ଚନ୍ଦ୍ରାକୁ ବୁକୁ ଉପରେ ଗ୍ଲପିଧରି କାନ୍ଦିଥିଲେ ପିଲାଙ୍କ ପରି ।

ତାପରେ···

ଚନ୍ଦ୍ରା ଭାବିଥିଲା—ମୁକ୍ତକାନ୍ତ ରାଗରେ ତାକୁ ଘରୁ ତଡ଼ି ଦେଇଛନ୍ତି । ପରେ ପୁଣି ନିଜର ଭୁଲ୍ ବୁଝିପାରିଲେ ବଳେ ସେ ଆସି ନେଇଯିବେନି !

କିନ୍ତୁ ସେ ଆସିଲେନି ।

ସୁବ୍ରତର ଜନ୍ମପରେ ମୁକ୍ତକାନ୍ତ ପୁର୍ନବିବାହ କରିଗଲେ । ଆଉ ସେଇ ଦୁଃଖ, ହାହାକାର ଭିତରେ ତିଳ ତିଳ ଜଳି ଚିରଦିନ ପାଇଁ ଆଖି ବୁଜିଥିଲେ ଚନ୍ଦ୍ରା ।

ତାପରେ—

ସବୁଦିନ ସମାନ ନଥାଏ ।

ସବୁଦିନେ ମଳୟ ପବନ ବହେ ନାହିଁ ।

ଜମିଦାରୀ ଉଚ୍ଛେଦ ବିଲ ପାଶ୍ ହୋଇଯିବା ପରେ ମୁକ୍ତକାନ୍ତଙ୍କର ସମସ୍ତ କ୍ଷମତା ଲୋପ ପାଇଗଲା । ଯେଉଁ ପ୍ରଜାମାନେ ଜମିଦାରଙ୍କୁ ଭୟ କରୁଥିଲେ—ସେଇମାନେ ଆସି ମୁହଁ ଉପରେ ଜବାବ୍ ଦେଲେ ।

ମୁକ୍ତକାନ୍ତ ଅନୁତାପ କଲେ । ହଜିଲା ଅତୀତର ସ୍ମୃତିକୁ ମନେ ପକାଇଲେ । ଚନ୍ଦ୍ରା ଆଜି ସେ ପୁରରେ । କିନ୍ତୁ ସେ ଯଦି ଆଜି ଥାଆନ୍ତା···

ନାଁ ଚନ୍ଦ୍ରା ନାହିଁ । ଚନ୍ଦ୍ରା ଚାଲି ଯାଇଛି ଚିରଦିନ ପାଇଁ । କେବଳ ସ୍ମୃତି ସ୍ୱରୂପ ଛାଡ଼ି ଦେଇ ଯାଇଛି ସୁବ୍ରତକୁ ।

ନିଆଁ ପାଉଁଶ ତଳେ କେତେଦିନ ବା ଲୁଚିପାରନ୍ତା ? ଉର୍ବଶୀଠାରୁ ଚିଠି ପାଇଲା ସୁବ୍ରତ । ସେଦିନ ତାର କଲେଜ ବନ୍ଦ । ଖିଅପିଆରେ ଠିକଣା ନାହିଁ । ଅତୀତର କେତେ ଘଟଣା ଆଖି ଆଗରେ ନାଚି ଉଠିଲା । ଆଜି କିନ୍ତୁ ସେ ସବୁ ବଦଳିଯିବାକୁ ବସିଛି । କ'ଣ କରିବ ସେ । ଉପାୟ ଖୋଜି ପାଉନଥିଲା । ହଠାତ୍

ଏପରି ଘଟିବ ବୋଲି ସେ ସ୍ୱପ୍ନରେ ସୁଦ୍ଧା ଭାବି ନ ଥିଲା । ଉର୍ବଶୀକୁ ସେ ପାଇବନି । ଏକଥା କେବେ ତ ଚିନ୍ତା କରି ନ ଥିଲା । କିନ୍ତୁ ଗୋଟାଏ ଅସ୍ୱାଭାବିକ ପରିସ୍ଥିତି ଘଟିବ ବୋଲି ସୁବ୍ରତ ଜାଣି ନ ଥିଲା । ଏଇଠାହିଁ ମଣିଷର ଧର୍ମ । ଯାହାକୁ ନେଇ ସେ ଆନନ୍ଦ ପାଏ, ତା ଜୀବନର ଗନ୍ତବ୍ୟପଥ ଯେଉଁ ପଥରେ ସହଜ ହୁଏ ସେଇଠିକୁ ସେ ଛୁଡ଼ିପାରେ ନାହିଁ । ତାକୁ ଧରି ରଖିବାକୁ ଜୀବନରି ପଣ ତାର । ତା' ସହିତ ଉର୍ବଶୀର ବିବାହ, ଏ କଥାରେ ବାପା ଅସମ୍ମତ ଥିଲେ—ଏହା ସେ ଜାଣିଥିଲା ମତ, କିନ୍ତୁ ଉର୍ବଶୀକୁ ତା ମାଆ ଯେ ଅନ୍ୟନ୍ତ ବିବାହ କରାଇ ଦେବେ, ଏ କଥା ସେ ସ୍ୱପ୍ନରେ ଭାବି ନ ଥିଲା । କାରଣ ବାପାଙ୍କର ଅନିଚ୍ଛା ସତ୍ତ୍ୱେ ଉର୍ବଶୀକୁ ଗ୍ରହଣ କରିବାର ନିର୍ଭର ପ୍ରତିଶ୍ରୁତି ଦେଇଥିଲେ ତାରି ମାଆ ।

ଆଖିରେ ଲୁହ, ଛାତିରେ କୋହଧରି ବିଛଣାରେ ପଡ଼ିରହିଲା ସୁବ୍ରତ । ଅସଲଗ୍ନ ଭାବନା ମନଭିତରେ ଖେଳିବୁଲିଲା । କେହି ତାର ଆପଣାର ନାହିଁ । ଏତେବଡ଼ ଦୁନିଆରେ ସେ ଏକୁଟିଆ । ହତଭାଗା ଜୀବନ ତା'ର । ଘର ସହିତ ତାର ତ କୌଣସି ସମ୍ପର୍କ ନାହିଁ । ଲକ୍ଷ୍ମୀ ରୂପିଣୀ ମାଆଙ୍କ ମୃତ୍ୟୁର କରୁଣ କାହାଣୀ ଶୁଣି ମନ ତାର ବିଷେଇ ଯାଇଛି ବାପାଙ୍କ ପ୍ରତି । ସେଥିରେ ପୁଣି ବାପା ସବୁବେଳେ ସାବତ ମାଆଙ୍କ ନିର୍ଦ୍ଦେଶରେ ପରିଚାଳିତ । ମାସକୁ ମାସ ଟଙ୍କା କେଇଟି ହଷ୍ଟେଲକୁ ପଠାଇ ଦେଇ ବାପା ତାର ନିଶ୍ଚିନ୍ତ ଅଛନ୍ତି । କେଉଁଦିନ ସୁବ୍ରତର ଭଲମନ୍ଦ ଖବର ଟିକେ ଶୁଣିବାକୁ ଆଗ୍ରହ ହୁଏନି ତାଙ୍କର । ଆଉ ମାମୁଁ ଘର । ସେଠିକି ବା ସେ ଆଉ କାହିଁକି ଯିବ ? ସେ ପଥରେ ନିଜେଇ ଭଗବାନ ତା ପାଇଁ କଣ୍ଟା ପକାଇଛନ୍ତି ।

କରେ ଆଜ କାହିଁକି କଲେଜ ଯାଇନୁ ?—ଘରକୁ ପଶି ଆସୁ ଆସୁ ପଚ୍ଚରି ଦେଲା କଲେଜ ସାଥୀ ଜୟନ୍ତ ।

ଦେହ ଭଲ ଲଗୁନି । ବିଛଣାରେ ପଡ଼ି ଉତ୍ତର ଦେଲା ସୁବ୍ରତ ।

ଦେହ ନା ମନ ? ଦେହ ଅସୁସ୍ଥତାର କିଛି ଲକ୍ଷଣ ତ ଦେଖା ଯାଉନି । ତୋର କ'ଣ ହୋଇଛି ସତ କହ ? —ପାଖକୁ ଆସି ଜୟନ୍ତ ଦେଖିଲା ସୁବ୍ରତ କାନ୍ଦୁଛି । ଟେବୁଲ୍‌ଉପରେ ଚିଠି ଖଣ୍ଡେ ପଡ଼ିଛି । ତାକୁ ଘଟଣାଟା କିଛି ଅଛପା ରହିଲାନି । ଉର୍ବଶୀର ଚିଠିଟା ପଢ଼ିଗଲା ଜୟନ୍ତ । ହତଭାଗା ପାଇଁ ଭଗବାନ ଏଇ ବିଚାର କଲେ ।

ହଇରେ, ତୁ ପରା କହୁଥିଲୁ ଉର୍ବଶୀ ଦେଖିବାକୁ ଅତି ସୁନ୍ଦରୀ ! ଏମିତି ଝିଅକୁ ମାଆ ପୁଣି ପଚାଶ ବର୍ଷର ବୁଢ଼ାଟା ସଙ୍ଗେ ଛନ୍ଦି ଦେଉଛି । ମାଆ ନା ରାକ୍ଷାସୀ ସେ ।

ଅଭାବରୁ ସ୍ୱଭାବ ନଷ୍ଟ । ଖୁବ୍ ବଡଲୋକ ତା ଶାଶୁଘର । ଲୁହ ପୋଛି ସୁବ୍ରତ ଉତ୍ତର ଦେଲା ।

ଯା'ମ ବଡ଼ ଲୋକ ! ଆଚ୍ଛା ସୁବର୍ଣ୍ଣପୁର ରାଜମାତାଙ୍କର ତ ଖୁବ୍ ଧନ ଅଛି । ତାଙ୍କୁ ତତେ ବାହା କରିଦେଲେ ତୁ ତ ସୁଖରେ ରହିବୁ ।

ଏତେ ଦୁଃଖରେ ବି ହସି ଦେଲା ସୁବ୍ରତ । କହିଲା—ଧନରେ ସେମିତି ଆକର୍ଷଣ ମୋର ନାହିଁ ।

ହଉ ତୁ ଗ୍ଳାଲ୍ । ଗାଧୁଆ ପାଧୁଆ କରି ଖା । ଏମିତି ମାତାଲ ପରି ହେଲେ କ'ଣ ଆଉ ଉପାୟ ଅଛି କହିଲୁ ? ପ୍ରକୃତ କଥାଟା

କ'ଣ ବୁଝିବାକୁ ହେବ ମୋତେ । ମୁଁ କାଲି ସକାଳୁ ତୋ ଗାଁକୁ ଯିବି ।

ନା, ନା, ତତେ ସେଠିକି ଯିବାକୁ ହେବନି । ଚିରଦିନ ପାଇଁ ମୋତେ ଉର୍ବଶୀକୁ ଭୁଲି ଯିବାକୁ ହେବ ।

ଭୁଲି ପାରିବୁତ ?
ହଁ, ଖୁବ୍ ପାରିବି । ନ ପାରିଲି ବେଳକୁ ତ ମଦ ଅଛି ।
ଚୁପ୍‌କର ! ପୁଣି ଯଦି ମଦ ନାଁ ଧରୁ ତେବେ···
ଜୟନ୍ତ ସୁବ୍ରତର ବାହୁ ଧରି ଟାଣିଣିକରି ନେଲା ଖାଇବାକୁ ।

ଯାହାର ଭବିଷ୍ୟତ ଅନିଶ୍ଚିତ, ବର୍ତ୍ତମାନ ଅନ୍ଧକାର ସେ କେବଳ ଅତୀତକୁ ହିଁ ଫେରି ଚାହେଁ । ଆସନ୍ନ ସନ୍ଧ୍ୟାର ଫିକା ଆଲୋକରେ ଉର୍ବଶୀର ମୁହଁଟି ମଳିନ ଦେଖାଯାଉଥିଲା । ନିରାଶାର ଛାଇ ଦେଖି ଦେଖି ସେ ଆଜି ଭାଙ୍ଗି ପଡ଼ିଛି । ଅବଶ ଦେହ, ମଳିନ ମୁଖ, ମାନସିକ ପରିଶ୍ରମ ଏବଂ ଚିନ୍ତାରେ ବୟସ ଯେମିତି ତା'ର ବଢ଼ି ଯାଇଛି ବହୁତ ଆଗକୁ । ଆଖିରୁ ବୋହିଯାଉଛି ଧାର ଧାର ଲୁହ । ପବନର ମୃଦୁହିଲ୍ଲୋଳରେ ବିପର୍ଯ୍ୟସ୍ତ କେଶଗୁଚ୍ଛ ଉଡ଼ି ବୁଲୁଛି ।

ନିରୋଳା ପୋଖରୀ ଘାଟ । କେହି କୁଆଡ଼େ ନାହିଁ । ପୋଖରୀର ଗୋଳିଆ ପାଣିରେ ଅସ୍ପଷ୍ଟ ଦିଶୁଛି ତାର ପ୍ରତିଛବି । ଯେମିତି ଅସ୍ପଷ୍ଟ ଦିଶୁଛି ତାକୁ ତାର ଅନାଗତ ଭବିଷ୍ୟତ । କେତେବେଳେ ଯେ ତା ଉପରେ ପୂର୍ଣ୍ଣଚ୍ଛେଦ ପଡ଼ିଯିବ କିଏ ଜାଣେ । ଗୁହଁ ହେଉ ନାହିଁ

ଅଖିତଳକୁ । କାହିଁ କେତେ ଦୂର ଲମ୍ବି ଯାଇଛି, ଆଖି ପାଉନି । ମନେ ପକାଇଲେ ସବୁଗୁଡ଼ାକ ଅଡୁଆ ତଡୁଆ ହୋଇ ମନକୁ ଚହଲାଇ ଦେଉଛି । ବୁକୁ ଥରାଇ ବାହାରି ଆସୁଛି ଦୀର୍ଘ ନିଶ୍ୱାସ ।

ପାଣି ଉପରେ ଅସଂଖ୍ୟ ଢେଉ ନାଚି ନାଚି ମିଳାଇ ଯାଉଛି । କେଉଁଠୁ ଆସି କେଉଁଠି ମିଳାଇ ଯାଉଛି ଏ ଗୁଡ଼ା । ସେମିତି ଉର୍ବଶୀ ହଜିଯିବ । ହଜିଯିବ ତାର ସ୍ଥିତି, ତାର ସ୍ମୃତି ।

ପିଲାବେଳର ଏକ ଘଟଣା ମନେ ପଡ଼ିଗଲା ତାର । ଖରାବେଳେ ବୋଉ ଶୋଇଲେ ଉର୍ବଶୀର ମନ ଖାଲି ଡେଇଁ-ବୁଲୁଥାଏ ସିନ୍ଦୁକରେ ଥିବା ଖଟାହାଣ୍ଡି ଆଡ଼େ । ବୋଉ ନିଦବାରି ସେ ଚୁପ୍‌କରି ଉଠିଆସେ । ବାପା ଘୁଙ୍ଗୁଡ଼ି ମାରନ୍ତି । ଟିକିଭାଇ ନୁରି ସତେବେଳେ ଶେଯର ଛୁଆ । ଗୋଡ଼ ଚିପି ଚିପି ଉର୍ବଶୀ ବୋଉ କାନିରୁ ଚାବି ଫିଟାଏ । ଚଟ୍‌କରି ସିନ୍ଦୁକରୁ ମନଇଚ୍ଛା ଖଟା ଧରି ଚମ୍ପଟ । ଏଥର ଆଉ କିଏ ଉଠୁଛି । ହେଇ, ସେ ଆମ୍ବ ଗଛଟା ସେମିତି ଅଛି । ହେଲେ କାହାନ୍ତି ମେନକା, ଶାନ୍ତି, କୁନି ପ୍ରଭୃତି; ଆଜି ତାର ଅତି ଆପଣାର ସୁବ୍ରତ ଭାଇ । ବୈଶାଖ, ଜ୍ୟେଷ୍ଠର ଝାଞ୍ଜି ପିଠା ଖରା । ଗଛରେ ଆମ୍ବ ପାଚେ । ନିର୍ଜନ ଖରା ବେଳଟା । ଚାରିଆଡ଼େ ନିଶୁନ୍ । ବିଲରେ ହରିଣୀ ନାଚୁଥାଏ । ରାସ୍ତାଘାଟରେ ଖଣ୍ଡିଆ ଭୂତ ଚକାଭଉଁରି ଖେଳେ । ପଦାକୁ ଚାହିଁ ହୁଏନି ।

ଅଥଚ ସେଇ ଖରାକୁ ଭ୍ରୂକ୍ଷେପ ନ କରି ସେ ସୁବ୍ରତର ଘରକୁ ଛୁଟିଯାଏ । ଝରକାବାଟେ ପେଟେଇପଡ଼ି ଘର ଭିତରକୁ ଚାହେଁ । ନୂଆବୋଉ ନିଦଘୋଡ଼ି ନିଦରେ ଶୋଇଛନ୍ତି । ସୁବ୍ରତ ଭାଇ ବହି ଖଣ୍ଡେ ଧରି ଖଟଉପରେ ବସିଛନ୍ତି । କାଠି ଖଣ୍ଡେ ବା ଗୋଡ଼ଟାଏ

ବିଛଣା ଉପରକୁ ପକାଇ ଉର୍ବଶୀ ଛପିଯାଏ । ସୁବ୍ରତର ବନ୍ଧପଡ଼ା ବନ୍ଦ ହୋଇଯାଏ । ଚଞ୍ଚଳର ଦାଣ୍ଡକୁ ବାହାରି ଆସେ । ଉର୍ବଶୀ କବାଟ କଣକୁ ଲୁଚିଯାଏ । ସୁବ୍ରତ ଆଖିକୁ କିନ୍ତୁ ଏଡ଼ିପାରେ ନାହିଁ । ସୁବ୍ରତ କାନ ମୋଡ଼ି ଦିଏ । ଆଖିରୁ ଟପ୍ ଟପ୍ ହୋଇ ଲୁହ ଗଡ଼ିପଡ଼େ । ଅଭିମାନ ହୁଏ, ରାଗ ହୁଏ ତାର ସୁବ୍ରତ ଉପରେ । ଡାକିବାକୁ ଆସି ସେ ଯଦି ଏଇଆ ପାଇଲା ତେବେ ତାର କୋଉ ଉପକାର । ଆମ୍ବ ତୋଳିଥିଲେ ସେ ଦିହେଁ ଖାଇଥାନ୍ତେ । ସେ କ'ଣ ଏକା ଖାଇଥାନ୍ତା—ନ ହେଲା ଏବେ ! ଉର୍ବଶୀ ଚାଲିଯିବାକୁ ବସେ ।

କିନ୍ତୁ ଆଜି……

ଆଜି ଉର୍ବଶୀ କାନ୍ଦୁଛି । ଏ ଲୁହ ସୁବ୍ରତର କାନମୋଡ଼ା ଲୁହ ନୁହେଁ, ନିୟତିର କାନମୋଡ଼ା ଲୁହ । ସେ ଲୁହ ଓ ଏ ଲୁହ ଭିତରେ କେତେ ପାର୍ଥକ୍ୟ ! କେତେ ଭିନ୍ନ !! ସେ ବୟସ ଆଜି ନାହିଁ । କେତେ ଚଞ୍ଚଳ ଚାଲିଗଲା ସତେ ସେ ପିଲାଦିନଟା ! ପୁଣି ଦୁହେଁ ପିଲା ହୋଇ ଯାଆନ୍ତେ କି !

କାହିଁ ? ଆଜି ତ ଆସି ସୁବ୍ରତ ଭାଇ କାନ ମୋଡ଼ି ଦେଉ ନାହାନ୍ତି । ସେମିତି ଗଛରେ ଆମ୍ବ ପାଚୁଛି, କାଉ କୋଇଲି ସବୁ ଛନ୍ତି । କିନ୍ତୁ କାହାନ୍ତି କିଏ କୁଆଡ଼େ ? ମେନକା ବର୍ତ୍ତମାନ ଦୁଇଟି ଝିଅର ମାଆ, ଶାନ୍ତି ତିନୋଟିର; ଊଷା ତ ଏଇଥର ବାହା ହୋଇ ଯାଇଛି । ସୁବ୍ରତ ଭାଇ ବି ତାଙ୍କ କର୍ତ୍ତବ୍ୟ ଧରି ଚାଲି ଯାଇଛନ୍ତି । ଏକୁଟିଆ ପଡ଼ିରହିଛି ଉର୍ବଶୀ । ଦିନେ ଯେଉଁମାନେ ତାର ଏତେ ଆପଣାର ହୋଇଥିଲେ ଏଇ ଅଙ୍କାବଙ୍କା ଚଲାବାଟରେ, ସେମାନେ ସମସ୍ତେ ଅଧବାଟରେ ଛାଡ଼ି କୁଆଡ଼େ

ଭୁଲିଗଲେଣି ନିଜ ନିଜର ଘରସଂସାର କରି । କର୍ମମୟ ଜୀବନ ଧରି ତାର ଜନ୍ମୁ କିଛି କାମ ନାହିଁ, କିଛି ଧନ୍ଦା ନାହିଁ । ଖାଉଛି, ପିଉଛି, ରହୁଛି । କର୍ମମୟ ଜୀବନ ତା ପାଇଁ ନୁହେଁ । ମନ ତାର ଛଟପଟ କରେ । ପୁରୁଣା ସ୍ମୃତି ନୂଆ ଲାଗେ । ଘଷରା ଜୀବନ, ଅଚଳନ୍ତ ମନ ।

ଭାବନା ସରେ ନାହିଁ, ମନର ଆଶା ମନରେ ମରିଯାଏ । ଛୁଆଟିଏ ଦେଖିଲେ ମନ ତାର କ'ଣ ହୋଇଯାଏ । ଇଚ୍ଛା ହୁଏ ଛାତିରେ ଚାପିଧରି ଗେଲ କରନ୍ତା । ତା ତୁଣ୍ଡରୁ ପଦେ କଥା ଶୁଣନ୍ତା । ସବୁଠୁଁ ବେଶି ମନେପଡ଼େ ତାର ସୁବ୍ରତ ଭାଇକଥା । କେତେ ନିଷ୍ଠୁର ମଣିଷ ସେ । ଏମିତି ଦୁର୍ଦ୍ଦିନରେ ତାକୁ ନିରାଶ କରିବେ ବୋଲି ସେ ଜାଣି ନଥିଲା । ଚିଠି ଦେଲେ ଉତ୍ତର ନାହିଁ । ପୁଅଗୁଡ଼ା ତା ହେଲେ ସତରେ କ'ଣ ଏଇଆ !

ତେବେ ସେ କ'ଣ ଭୁଲ କରିଛି । ସୁବ୍ରତ ଭାଇ ଆଉ ସତେ କ'ଣ ତାର ହୋଇ ନାହାନ୍ତି । କଲେଜରେ ପଢ଼ିଲେଣି । ନୂଆ ଜୀବନ, ନୂଆ ଅନୁଭୂତି, ନୂଆ ପରିବେଶ ଭିତରେ ଅତି ପୁରୁଣା, ଅତି ବାସ୍ତବ ଏଇ ଉର୍ବଶୀ ତାଙ୍କର କ'ଣ ଆଉ ମନେଥିବ ? ଭୁଲିଯିବାଟା ସତରେ କ'ଣ ଏତେ ସହଜ । କାହିଁ ? ସେ ତ ଭୁଲିପାରୁନି ! ତା'ର ବେଶୀ ବେଶୀ ମନେ ପଡ଼ୁଛି । ଭଲପାଇବାର ମୋହ କ'ଣ ଏତେ ଚଞ୍ଚଳ କଟିଯାଏ । ତେବେ ମଣିଷ ମଣିଷକୁ ଭଲପାଏ କାହିଁକି ? ସୁବ୍ରତ ଭାଇ ମୋତେ ଭଲ ପାଇଲେ କାହିଁକି ? ଏ ସବୁ କ'ଣ କେବଳ ଛଳନା, ପ୍ରତାରଣା, ଆତ୍ମପ୍ରବଞ୍ଚନା । ଠକିବାକୁ ତାଙ୍କୁ ଆଉ କ'ଣ କେହି ମିଳିଲେନି । ଏଇ ନିରୀହା ସରଳା ଝିଅଟାକୁ ନ ଠକିଥିଲେ କ'ଣ ଚଳି ନ ଥାନ୍ତା । କୁଆଡ଼େ ଗଲା ତାଙ୍କର ସେ ପ୍ରତିଶ୍ରୁତି ।

ନାରୀ ମନ ଭାରି ସନ୍ଦେହୀ । ଟିକିଏ କଥାରେ ତାର ଭୁଲ ବୁଝିବା ସ୍ୱଭାବିକ । ଆଜି ପୁରୁଷମାନ ବୋଲନ୍ତି । ଯୁଆଡ଼େ ପବନର ଗତି, ସିଆଡ଼କୁ ଆଉଜି ଯାଏ । ପାଞ୍ଚ ମନ ପଚିଶ ପ୍ରକୃତି । କଥାରେ ଅଛି, ଅଳସ ମସ୍ତିଷ୍କ ସଇତାନର କାରଖାନା । ଉର୍ବଶୀର ମନରେ ଭାରି ସନ୍ଦେହ ହେଲା । ସୁବ୍ରତ ତାକୁ ଭୁଲି ଯାଇଛି ଏବଂ ଆଉ କାହାକୁ ଭଲପାଇ ବସିଛି । ନ ହେଲେ ସେ ତାର ଚିଠି ପାଇ ଥୟହୋଇ ରହିପାରି ନ ଥାନ୍ତା ! ଆଉ ସେ ଯଦି ସୁବ୍ରତଠାରୁ ନିର୍ଭର ଭରସା ପାଇ ନ ଥାନ୍ତା, ତେବେ ଏତେଦୂର ଆଗେଇ ଯାଇ ନ ଥାନ୍ତା । ଯେଉଁଦିନ ସୁବ୍ରତର ବାପା ତା ବିବାହ ପ୍ରସ୍ତାବ ପ୍ରତ୍ୟାଖାନ କଲେ ସେଇ ଦିନତ ସେ ତା ବାଟ ବାଛି ନେଇ ପାରି ଥାଆନ୍ତା । କ୍ଷଣିକର ଉତ୍ତେଜନାର ବଶବର୍ତ୍ତୀ ହୋଇ ଆଜ ଯେଉଁ ଭୁଲ ହେବାକୁ ଯାଉଛି କିଏ ତାର ସମାଧାନ କରିବ ? ସମସ୍ତଙ୍କଭଳି ସିଏ ବି ହସି ହସି ସଂସାର କରି ପାରିଥାଆନ୍ତା । କିନ୍ତୁ......

ସବୁରି ଜୀବନରେ ଏଇ ଭୁଲ ଘଟେ । ଏଇ ଭୁଲ, ଏଇ ଦୁର୍ବଳତାକୁ କେହି ଅସ୍ୱୀକାର କରିପାରିବେନି । ବିଶ୍ୱାମିତ୍ରଙ୍କ ଭଳି ଋଷି ବି ଏମିତି ଭୁଲ କରି ବସିଥିଲେ । ଭୁଲଟା ମଣିଷର ସହଜାତ ପ୍ରବୃତ୍ତି । ସ୍ୱାଭାବିକ ଅବସ୍ଥା, ଅବଚେତନ ମନର ଜଡ଼ତା । ମଣିଷ ମନର ଆକର୍ଷଣ ଏଡ଼ିପାରେନି ! କଞ୍ଚା ବୟସର ଚହଲା ମନ, ଉଛୁଳା ଯୌବନର ପହିଲି ପାହାଚରେ ସବୁଜ ଆଖିରେ ଦୁନିଆ ରଙ୍ଗିନ ଦିଶେ । ମଣିଷ କଳ୍ପନାରେ ମାତିଯାଏ । ଆଶା ଚେଇଁ ଉଠେ । ସବୁ ଦିଶେ ସୁନ୍ଦର, ସତେଜ । ଏଇ ହେଉଚି ସୃଷ୍ଟିର ନିୟମ । ବୟସ ନଇଁଯାଏ । ଦେହର ରଙ୍ଗ ଲିଭିଯାଏ । ଚର୍ମର ଆକର୍ଷଣୀୟ ଜ୍ୟୋତି ମଳିନ ପଡ଼ିଯାଏ । ମନରୁ ସରସତା

ତୁଟିଯାଏ । ମନ ଭିନ୍ନ ହୋଇଯାଏ । ଆବେଷ୍ଟନୀ ଅଲଗା ହୋଇଯାଏ । ସେତେବେଳେ ମଣିଷ ଅଣ୍ଡ୍ରାଳ ହୁଏ । ନ୍ୟାୟ, ଅନ୍ୟାୟ, ସତ୍ୟ, ଅସତ୍ୟ, ପାପ ପୁଣ୍ୟ ସବୁ ଶେଷ ଇତିହାସର କାହାଣୀ ହୋଇ ରହେ ।

ଉର୍ବଶୀର ସବୁ ରାଗରୋଷ, ଦୁଃଖ ଅଭିମାନ ପୁଞ୍ଜିଭୂତ ହୋଇ ଅଜାଡ଼ି ପଡ଼ିଲା ସୁବ୍ରତ ଉପରେ । ଆହୁରି କରୁଣ ଦିଶିଲା ଜୀବନର ହଜିଲା ଛବି । ତା ବାପାଙ୍କର ବି ବହୁତ ଧନ ଥିଲା । ଠଙ୍କା ସୁନା ଥିଲା । ବୋଉ କହେ ଜେଜେ ବାପା ସୁନା ମୋହର ପୋତି ରଖିଥିଲେ । ସବୁ ବିଧିର ବିଡ଼ମ୍ବନା ! ମୁକ୍ତିକାନ୍ତଙ୍କ କୂଠ ଚକ୍ରାନ୍ତ ବୁଝିପାରି ନ ଥିଲେ ସେ । ତାଙ୍କରି ସରଳତାର ସୁଯୋଗ ନେଇ ମୁକ୍ତିକାନ୍ତଙ୍କ ବିଷଦୃଷ୍ଟିରେ ଲୁଟି ହୋଇଗଲା । ସେଇ ଚିନ୍ତା, ଅବଶୋଷ, ଦୁଃଖ, ଅଶାନ୍ତି ଭିତରେ ଉର୍ବଶୀର ଜେଜେବାପା ଶେଷ ନିଶ୍ୱାସ ଛାଡ଼ିଥିଲେ ।

ସେଦିନ ଅତୀତ ହୋଇଗଲାଣି ଅନେକ ଦିନ ପୂର୍ବରୁ । ଜୀବନର ସବୁଜ ସ୍ୱାକ୍ଷର ଧରି ଦିନ ଗୁଡ଼ିକ ବହିଗଲା କ୍ଷିପ୍ରଗତିରେ । ଗଲା ଦିନର ଭୁଲି କଥାଗୁଡ଼ାକ ମନେ ପଡ଼ିଲେ ଦେହ ସିହରି କରିଉଠେ । ତଥାପି ବିସ୍ମୃତିର ଅତୀତ ଗର୍ଭରୁ ଉର୍ବଶୀ ତାକୁ ତୋଳିଆଣେ । କ୍ଷଣିକ ଲାଗି ଆନନ୍ଦ ପାଏ ସେଥିରୁ । ବର୍ତ୍ତମାନର ଦୁଃଖ ଅଶାନ୍ତି ନିମିଷକ ଲାଗି ଭୁଲିଯାଏ । କିନ୍ତୁ ପୁଣି ଯେତେବେଳେ ମନେ ପଡ଼େ ସବୁ ପୁରୁଣା ଛବି, ଅତୀତର ଛପିଲା କଥା, ହଜିଲା ଦିନର ସ୍ମୃତି, ସେତେବେଳେ ମନ ବିଷାକ୍ତ ହୋଇଉଠେ । ଛାତି ଦମ୍ ଦମ୍ କରେ ହାବୁକା ହାବୁକା ନିଆଁ ଉଠେ । ଭୁଲିଯିବାକୁ ଚାହିଁ ଭୁଲି ପାରେନି । ନିଆଁ ଲଗା ଜୀବନଟା

ଥିବାଯାକେ ହଡଭଗୀର ସନ୍ଧା ନାହିଁ କ ଠାବ ନାହିଁ । ଏମିତି ଅସଲଗ୍ନ ଭାବନା କେତେ ତା ମନକୁ ଆସି ନିମିଷକ ଭିତରେ ମିଳାଇ ଯାଏ ।

ଖସ ଖସ ଶବ୍ଦ ହେଲା । ଉର୍ବଶୀ ଚାହିଁ ଦେଖିଲା—ଅସ୍ପଷ୍ଟ ଅନ୍ଧାରରେ କଏ ଜଣେ ଆସୁଛି । ଉର୍ବଶୀ ଠିଆ ହେଲା । ଏ କଏ ? ସୁବ୍ରତ ଭାଇ ଭଳି ତ ଦିଶୁଛନ୍ତି । କେମିତି ଜାଣିଲେ ସେ ଉର୍ବଶୀ ଏଇଠି ଅଛି ବୋଲି ? କ୍ରମେ ଛାଇଟି ପାଖେଇ ଆସିଲା । ଭଲକରି ବାରି ହେଉନି । ତଥାପି ଦୋ ଦୋ ଚିହ୍ନା ହେଲା ସେ ।

ସୁବ୍ରତ ଭାଇ !

ଯୁବକଟି ପାଖକୁ ଆସିଲେ । ଉର୍ବଶୀକୁ ଭଲକରି ଚାହିଁଲେ । କହିଲେ—ଆରେ ! ନିବୋଲା ସଞ୍ଜରେ ତମେ ଏଠାରେ ଏକୁଟିଆ ଯେ ?

ଅବାକ୍ ହେଲା ଉର୍ବଶୀ । ବିସ୍ମିତ ଓ ଭୟରେ ଗୋଟିପଣେ ଥରି ଉଠିଲା ସେ । ଏ ଅପରିଚିତ ଯୁବକଟି କଏ ? କାହିଁକି, ଆସିଛନ୍ତି ? ପୁଣି ଏକୁଟିଆ ଏଠି ଭେଟିବାର ଉଦ୍ଦେଶ୍ୟ କ'ଣ ?

ଭୟ କରନି ଉର୍ବଶୀ । ଡରିବାର କିଛି କାରଣ ନାହିଁ । ତମର ମୁଁ କିଛି କ୍ଷତି କରିବି ନାହିଁ । ପୁଣି ଯୁବକଟି କହିଲେ— ନିବୋଲା ସଞ୍ଜରେ ମୋତେ ଏକୁଟିଆ ଦେଖି ଭୟ କରୁଛ ଉର୍ବଶୀ । ଆଜି ବି ମୋତେ ତୁମେ ଚିହ୍ନି ପାରୁନା ? ସୁବ୍ରତ ସାଥୀରେ ମୁଁ ଅନେକ ଥର ତମ ଘରକୁ ଆସିଛି । ତମ ସାଥୀରେ ପରିଚୟ ହୋଇଛି । ଆଳାପ ଘନିଷ୍ଠତା ହୋଇଛି । ତଥାପି ତୁମେ ସେଦିନ ସୁବ୍ରତର ଘନିଷ୍ଠ ବନ୍ଧୁ ଜୟନ୍ତକୁ ଚିହ୍ନି ପାରୁନା ।

ଉର୍ବଶୀର ପିଚ୍ଛିଲ ଅତୀତର ଦୃଶ୍ୟସବୁ ଆଖି ଆଗରେ ନାଚଉଠିଲା । କହିଲା—ମୋର ଭୁଲ୍ ହୋଇଛି ଜୟନ୍ତବାବୁ ! କ୍ଷମା କରିବେ ।

ଜୟନ୍ତ କହିଲା—ମୁଁ ବର୍ତ୍ତମାନ ସୁବ୍ରତ ପାଖରୁ ଆସିଛି । ତୁମର ଚିଠି ପାଇଲା ପରଠାରୁ ସୁବ୍ରତ ଏକବାର ଭାଙ୍ଗି ପଡ଼ିଛି । ବିଛଣାରୁ ଉଠୁନି । ତେଣୁ ପ୍ରକୃତ କଥାଟା କ'ଣ ମୁଁ ଜାଣିବାକୁ ଆସିଛି । ହଠାତ୍ ଏମିତି କ'ଣ ହୋଇଗଲା ? ମାଉସୀ ନିଜେ ଜାଣି ଜାଣି ଏ ପ୍ରସ୍ତାବ ଗ୍ରହଣ କରିଛନ୍ତି ନା ତାଙ୍କୁ ଭୁଲାଇ କିଏ ଏଭଳି ହୀନକାର୍ଯ୍ୟ କରିଛି । ଯଦି ସେ ଜାଣିଥାନ୍ତି ତେବେ ମୁଁ ନିଜେ ତାର ପ୍ରତିବାଦ କରିବି । ଶେଷ ନିଷ୍ପତ୍ତି ଧରି ମୁଁ ଆସିଛି । ଯଦି ସେ ମୋ କଥା ନ ରଖନ୍ତି ତେବେ ମୋ ସଙ୍ଗରେ ତୁମକୁ ଯିବାକୁ ପଡ଼ିବ । ତୁମେ ଯାଇ ପାରିବ ଉର୍ବଶୀ ? ଏଇ ନିଅ ସୁବ୍ରତର ଚିଠି ।

ବୋକାଙ୍କ ଭଳି ଠିଆ ହୋଇଛି ଉର୍ବଶୀ; ଆଉ ନିର୍ଲଜ ଭଳି ଚାହିଁଛି ଜୟନ୍ତର ମୁହଁକୁ । ମୁହଁରେ ଭାଷା ନାହିଁ ।

ଇତ୍ୟବସରରେ ଜୟନ୍ତ ଉର୍ବଶୀର ମୁହଁକୁ ନିରୀକ୍ଷଣ କରିଗଲା । ଇସ୍ । ଏତେ ସୁନ୍ଦର କରି ଗଢ଼ିଛନ୍ତି ଭଗବାନ । ପୁଣି ବାପା ମାଆ ବାଛି ବାଛି ନାଁ ଦେଇଛନ୍ତି ଉର୍ବଶୀ ! ଏଭଳି କନକ ପ୍ରତିମାର ଜୀବନଟା ଏମିତି ହା-ହୁତାଶ, ବ୍ୟର୍ଥତା ଭିତରେ ବିତିଯିବ ସିନା !

ଉର୍ବଶୀ ! ଚିଠି ନିଅ । ଜୟନ୍ତ ଚିଠି ଦେଲା ଉର୍ବଶୀକୁ । ଉର୍ବଶୀର କମ୍ପୁ ହାତ ଚଞ୍ଚଳ ।

ସୁବ୍ରତର ବନ୍ଧୁ ଜୟନ୍ତ ! ସାମାନ୍ୟ ପରିଚୟ ହୋଇଛି । ଅନେକଦିନ ତଳେ କେତେ ପଦ କଥାଭାଷା ହୋଇଥିଲା । ଆଜି ପୁଣି ଜୟନ୍ତ କ ଚିଠି ନେଇ ଆସିଛି ?

ନାଁ, ସେ ସୁବ୍ରତର ଚିଠି ଲେଖିବନି । ସୁବ୍ରତ ସହିତ ଆଉ ବା ତାର କି ସଂପର୍କ । ଆଉ ମାତ୍ର ଆଠଦିନ ରହିଲା ତା ବିଭାଘରର ! ଦୀର୍ଘ ପ୍ରତୀକ୍ଷା, ବ୍ୟର୍ଥ ପ୍ରୟାସ ପରେ ଯାହାର ହାତ ଧରିବାକୁ ଯାଉଛି, ସେ ତାର ଜୀବନର ଦେବତା ! କିନ୍ତୁ ସୁବ୍ରତ ଭାଇ ନୁହେଁ । କେଉଁ ଅପରିଚିତ ଅଖ୍ୟାତ ପଲ୍ଲୀର ବିଖ୍ୟାତ ଧନୀଲୋକ । ପଚିଶ ପାଖାପାଖି ବୟସ ହେବ । ବାପ ସମାନ । ସେ ହେବେ ପୁଣି ତାର ସ୍ୱାମୀ ! ଆଉ ସେ ନିଜେ ହେବ ତାଙ୍କର ଧର୍ମପତ୍ନୀ, ସହକର୍ମୀଣୀ । କିନ୍ତୁ ଏକମନ ଏକ ହୃଦୟ ନେଇ ସେ ତାଙ୍କୁ ଗ୍ରହଣ କରି ପାରିବ ତ ? ବୁଝିପାରୁ ନଥିଲା ଉର୍ବଶୀ— ଏଭଳି ଲୋକର ବି କାମନା ତୁଟିନି ! ମନରୁ ଆବେଗ ମରିନି ! ଏ ସବୁର ମୂଳରେ ଅଛି ଧନ । କାଉଁରୀ କାଠିରେ ଯାଦୁକର ଯାଦୁବିଦ୍ୟା ଦେଖାଇଲା ପରି ଟଙ୍କାରେ ଭେଲିକି ଲଗିଛି । ସବୁ ଟଙ୍କାର କରାମତି । ତିନୋଟି ସନ୍ତାନର ପିତୃତ୍ୱ ପାଇ ସାରିଲା ପରେ ମଧ୍ୟ ମନର ମୋହ ତାଙ୍କର ତୁଟିନି । ଯାହାହେଉ ଛୁଆ କାଙ୍ଗାଳୀ ଉର୍ବଶୀ ପାଇଁ ଭଗବାନଙ୍କର ଏତିକି ଆଶୀର୍ବାଦ ତାପାଇଁ ଯଥେଷ୍ଟ । ଘରେ ନ ପଶୁଣୁ ବୋଉ ଡାକରେ କାନଅତଡା ପଡ଼ିବ । ମନେ ମନେ ହସିଲା ଉର୍ବଶୀ । ଲୁହର ଦାଗ ସେମିତି ଅଛି । ପୁଣି ଝରିଲା ଲୁହ ।

ଅନେକ ଧମ୍‌ଧୁମ୍‌ପରେ ଲୁହ ପୋଛି ପ୍ରକୃତିସ୍ଥ ହେଲା ଉର୍ବଶୀ । କହିଲା—କ୍ଷମା କରିବେ ମୋତେ ! ସୁବ୍ରତଭାଇ ଟିକେ

ଆସିଲେନି ? ଶେଷଥର ପାଇଁ ତାଙ୍କୁ ଟିକଏ ଦେଖି ଏଇଠି ମୋର ଶେଷକୃତ୍ୟ ସାରିଦେଇ ଥାଆନ୍ତି । ସେ ନର୍କପଥକୁ ଯିବାପୂର୍ବରୁ ଏଠି ଅନ୍ତତଃ ଶାନ୍ତିରେ ରହିପାରିବ । ବୋଉକୁ କହି କିଛି ଲାଭ ନାହିଁ । ବୋଉମୁଣ୍ଡିକୁ ଗାଁ ଲୋକ ବିଗାଡ଼ି ଦେଇଛନ୍ତି । ବୋଉ ସବୁ ଜାଣି ମଧ୍ୟ ସେ ନିଷ୍ପତ୍ତି କରିସାରିଛି ଯେ ବ ୀ ନ ପାଇଲେ ବି ସେ ଘର ପାଇଛି । ଝିଅ ତାର ସୁଖରେ ରହିବ । ମତେ ସେ ଶୁଣାଇ ଦେଇଛି, ସୁବ୍ରତଭାଇ ସର୍ବହରା । ତାଙ୍କର କିଛି ନାହିଁ । ତାଙ୍କ ବାପା, ତାଙ୍କ ମାଆଙ୍କ ନାଁରେ ସବୁ ସଂପତ୍ତି କରିଦେଇଛନ୍ତି । ତେଣୁ ଜାଣି ଜାଣି ସେ ତା ଝିଅକୁ ଦାଣ୍ଡିର ଭିକାରୀ ହାତରେ ଦେଇପାରିବନି । ଜୋଇଁ ତାର ମାସିକ ଖୋରାକି ପୋଷାକି ପାଇଁ ଆଠମାଣ ସମ୍ପତ୍ତି କରିଦେଇଛି ଏବଂ ତାସଙ୍ଗରେ ନଗଦ ପାଞ୍ଚଶହ ଟଙ୍କା ଦେଇ ସାରିଛନ୍ତି ।

ଇସ୍ ! ଏତେ ନୀଚ ପ୍ରକୃତିର ଲୋକ ! ଶେଷକୁ ଝିଅକୁ ମଧ୍ୟ ବିକିଦେଲେ ।

ଦୁଃଖ କରିବାର କିଛି ନାହିଁ ଜୟନ୍ତବାବୁ । ସବୁ ମଣିଷର କର୍ମ । ହତଭାଗିନୀର ଏ ପର୍ଯ୍ୟନ୍ତ ଚେତନା ପଶିନି । ମତେ ଜାଳିଦେଇ ସେ ଯେତେବେଳେ ଜଳିବ, ସେତେବେଳେ ସେ ଅନୁତାପ କରିବ । ଏ ବଂଶ-ବୁନିଆଦିରେ କଳଙ୍କ ବୋଳି ମୁଁ ଆପଣଙ୍କ ସଙ୍ଗେ ଲୁଚି କରି ଯାଇପାରିବି ନାହିଁ । ଏଇଟା କ'ଣ ଦାଣ୍ଡିକୁ ସୁନ୍ଦର ଦିଶିବ ଜୟନ୍ତବାବୁ ? ମୋଟେ ନୁହେଁ । ବରଂ ସୁବ୍ରତ ଭାଇଙ୍କର ଅପନିନ୍ଦା ହେବ ।

ଏ ବିବାହ କ'ଣ ଦାଣ୍ଡିକୁ ସୁନ୍ଦର ଦିଶିବ ଉର୍ବଶୀ ?

ମୋର କିଛି ଦୋଷ ନାହିଁ । ଯେ କହିବ ବୋଉକୁ । ହେଲେ ମୁଁ ତ ବଞ୍ଚି ରହିନି ଏ ନର୍କପୁରି ପାଇଁ । ଆଜି ଏଇଠି

ସବୁ ସମାଧାନ କରି ଆଆନ୍ତି । କିନ୍ତୁ ଈଶ୍ୱରଙ୍କର ବିଚାର ଅନ୍ୟ ପ୍ରକାର । କାହିଁକି ଯେ ସେ ମୋ ବାଟରେ ପ୍ରତିବନ୍ଧକ ହେଉଛନ୍ତି ବୁଝି ହେଉନି । ସୁବ୍ରତଭାଇ ବର୍ତ୍ତମାନ ନିଜେ ଅନ୍ୟଉପରେ ନିର୍ଭର କରୁଛନ୍ତି । ମୁଁ ତାଙ୍କ ବେକରେ ଗଳଗ୍ରହ ହେବି କାହିଁକି ? ମୋପାଇଁ ତ୍ରିପୁରରେ ଠାବ ନାହିଁ ଜୟନ୍ତବାବୁ ! ସୃଷ୍ଟିଛଡ଼ା ଜୀବନ ମୋର । ମୋ ପାଇଁ ମୁଁ କାହିଁକି କାହାକୁ କଳବଳ କରିବି ! ଗେରଙ୍କ ଭଳି ଲୁଚି ପଳାଇ ଯାଇ ମୁଁ ସୁବ୍ରତଭାଇଙ୍କ ନାମରେ କଳଙ୍କ ବୋଳି ପାରିବି ନାହିଁ ।

ଉର୍ବଶୀ. ମୋର କଥାମାନ ! ତମେ ଫେରିଗଲ ମୋ ସାଥିରେ—ମୁଁ ମୋର ଶେଷଚେଷ୍ଟା କରି ଦେଖିବି । ଆତ୍ମହତ୍ୟା ମହାପାପ ! ଏଭଳି କଥା ସ୍ୱପ୍ନରେ ଆଉ ମନକୁ ଆଣିବ ନାହିଁ ।

ଉପାୟ ନାହିଁ ଜୟନ୍ତବାବୁ ! ମୋ ଭଳି କେତେ ଦୁଃଖିନୀ ଏହାକୁ ଶେଷ ଆଶ୍ରୟ ରୂପେ ବାଛି ନେଇଛନ୍ତି । ଜାଣି ଜାଣି ଖୁସିରେ କେହି ମରଣକୁ ବରଣ କରି ନେଇପାରେନି । ଯେଉଁ ସୃଷ୍ଟିରେ ଭିକମଗା ବାରବୁଲା ଜୀବନର ବି ଅଧିକାର ଅଛି, ସେଠି ଆମର ଦାବୀ ନାହିଁ । ଦେଖୁ ନାହାନ୍ତି ! ପୋକ ମାଛି ପରି କେତେ ନାରୀ ଆଜି ନିଜ ଜୀବନକୁ ବଳି ଦେଉଛନ୍ତି । ଯିଏ ଆଜି ଗଣ୍ଡିଏ ଖାଇଲେ ପୁଣି ଦିନକ ପାଇଁ ବଞ୍ଚି ରହିବାକୁ ସ୍ୱପ୍ନ ଦେଖେ, ସେଇଠି ଆମକୁ ଏମିତି ଭାବେ ମରଣରେ ମଧୁ ଚାଖିବାକୁ ଭଲଲାଗେ ! ଜୀବନରେ ମୂଲ୍ୟ ଅକଳନ । ବଞ୍ଚି ରହିବାକୁ କାହାରିକୁ ବିସ୍ୱାଦ ଲାଗେ ନାହିଁ । କିନ୍ତୁ ବଞ୍ଚିରହିବାକୁ ହେଲେ ମଣିଷ ପରି ବଞ୍ଚି-ରହିବାକୁ ହେବ—ନର୍କର କୀଟପରି ନୁହେଁ ।

ଉଃ ! ଉଃ !···

ହେଇଟି ବୋଉ ଡାକିଲାଣି । ସେ ମତେ ଗୋଡ଼େ ଗୋଡ଼େ ଜଗିଛି । ଶାନ୍ତିରେ ମରିବାକୁ ଦେବ ନାହିଁ । କଲବଲ ହୋଇ ମୁଁ ମଲେ ସେ ଶାନ୍ତି ପାଇବ ବୋଧେ । ଆପଣ ଯାଆନ୍ତୁ ଜୟନ୍ତବାବୁ !

ହଉ ମୁଁ ଯାଉଛି, ତେଣିକି ଯାହାଥିବ । କିନ୍ତୁ ମୋ କଥା ଉପରେ ଗୁରୁତ୍ୱ ଦେଇ ବିଚାର କରିବ । ବଞ୍ଚିରହିବା ପାଇଁ ପାପ କର, ଚୋରି କର, ଅନ୍ୟାୟ କର, ସେଥିରେ ଦୋଷ ନାହିଁ ଉର୍ବଶୀ । ତମର କଥାରେ ମୁଁ ଏକମତ । ମତେ ଶେଷକଥା କହିଯିବ । ମୁଁ ଏଇଠି ସୁବ୍ରତର ମାମୁ ଘରେ ରହୁଛି ।

ତାହେଲେ ଆପଣ ନୂଆବୋଉଙ୍କଠାରୁ ସମସ୍ତ କଥା ମୋ ବିଷୟରେ ଶୁଣିପାରିବେ । ମୋ କଥା ତାଙ୍କୁ କିଛି କହିବେନି । ସମାଜର କେତେ ମିଛ ନିୟମକୁ ଲଙ୍ଘନ କରି ଆମେ ଆଜି ଏଇଠି ଏତେ ସମୟ ରହିଲେଣି । ଦେଖିଲେ କିଏ ବଦ୍‌ନାମ କରିବାକୁ ଭୁଲିଯିବ ନାହିଁ । ବରଂ ଟିକିଏ ଆଭାସ ପାଇଲେ ପାଞ୍ଚକଥା ଯୋଡ଼ି କହିବାକୁ ପଛେଇ ଯିବେ ନାହିଁ । ମଣିଷ ପ୍ରକୃତି ତ ?

ସମାଜକୁ ତୁମେ ଡରୁଛ ଉର୍ବଶୀ ? ଏମିତି ସମାଜ ଧ୍ୱଂସ ପାଇଗଲେ କ୍ଷତି କ'ଣ । ଅପମାନ, ବଦନାମକୁ କେତେ ବା ମଣିଷ ଡରିବ ?

ବଞ୍ଚିଥିବା ପର୍ଯ୍ୟନ୍ତ ଏ ସମାଜ କେବେ ଧ୍ୱଂସ ପାଇବନି ଜୟନ୍ତବାବୁ ! ଆମରିମାନଙ୍କ ନିଶ୍ୱାସରେ ଏହାର ମୂଳଦୁଆ ଆହୁରି ସୁଦୃଢ଼ ହେବ । ଆହୁରି ଟାଣ, ଆହୁରି ମଜବୁତ୍ ହେବ ।

ତମ ସଙ୍ଗେ ଯୁକ୍ତି କରି ପାରିବନି ଉର୍ବଶୀ ! ଶାପଗ୍ରସ୍ତ ହୋଇ ତମେ ମର୍ତ୍ତ୍ୟକୁ ଆସିଛ ପରା ? ହେଲେ ଗୋଟିଏ ଅନୁରୋଧ ମୋର ରଖିବ ? ଅତି ମାମୁଲି ଆଉ ଗୋଟେ ।

କୁହନ୍ତୁ !

ମୋର ଅନୁରୋଧ ତୁମେ ନିଶ୍ଚୟ ରଖିବ ଉର୍ବଶୀ ?

ହଁ । କ'ଣ କୁହନ୍ତୁ !

ସକଳ ଦୁଃଖ ମୁଣ୍ଡପାତି ସହିବ ପଛେ, ଆତ୍ମହତ୍ୟା କରିବନି । କାରଣ, ସୁଖ ଦୁଃଖକୁ ଯେମିତି ଅଦୃଷ୍ଟ ଉପରେ ଛାଡ଼ି ଦେଉଛ ଜୀବନକୁ ସେମିତି ଛାଡ଼ିଦିଅ । ତା ଉପରେ ଅତ୍ୟାଚାର କରିବାକୁ ତୁମର ଅଧିକାର ନାହିଁ ।

ଜୟନ୍ତବାବୁ ।

ଉର ! ଉର ! ଉରଲେ !...

ଯାଉଛି ବୋଉ ।

ଉର୍ବଶୀ ! ଭୁଲ୍ ବୁଝନା ମୋତେ ।

ଉର...! ଉର...! ଉର...! ଉରଲେ...! ଡାକ ପାଖେଇ ଆସିଲା । ଉର୍ବଶୀ ଧୀରେ ଧୀରେ ଚାଲିଗଲା ।

ଜୟନ୍ତର ପାଟି ବାରି ପାରୁଥିଲା ଉର୍ବଶୀ ।

ଉର୍ବଶୀ । ଉର୍ବଶୀ ! ଉ...ର୍ବ...ଶୀ... ।

ଜୟନ୍ତବାବୁ !

ଦୁଇଦିନ ରହଣୀ ପରେ ସୁବ୍ରତର ମାମୁଁଙ୍କୁ ସାଥୀରେ ଧରି ଜୟନ୍ତ ଫେରି ଆସିଲା ସୁବ୍ରତ ପାଖକୁ ।

ସୁବ୍ରତର ମାମୁଁ ତାକୁ ବହୁତ ବୁଝାଇଲେ । କହିଲେ—ତୁ ବିଶ୍ୱାସ କରିବୁନି ସୁବ୍ରତ ! ଜୟନ୍ତକୁ ପଚାର । ସବୁ ଚେଷ୍ଟା ମୋର ବୃଥା ହୋଇଛି । ତୋରି ଲାଗି ମାନ-ଅପମାନ ସବୁ ମୋର ତଳେ

ପଡ଼ିଛି । ଦୁନିଆରେ ଅନେକ ନାରୀ ଦେଖିଛି । ଅନେକ ମାଆ ଦେଖିଛି । କିନ୍ତୁ ଉର୍ବଶୀର ମା'ଭଳି ମା' ଦେଖିନି । ସବୁ ଅନୁରୋଧ, କାକୁତି ମିନତି ମୋର ବ୍ୟର୍ଥ ହୋଇଛି । ହେଲେ ତା' ମାଆର ସେଇ୍ ଏକ କଥା ।—ସୁବ୍ରତର କ'ଣ ଅଛି ? ସର୍ବହରା ସେ । ଯିଏ ନିଜ ଗୋଡରେ ସଳଖି ହୋଇ ଠିଆ ହୋଇନି ସେ ପୁଣି ଜଣକୁ ବିବାହ କରି କିପରି ତାକୁ ଚଳାଇବ ?

ମୁଁ କହିଲି ଜମିଦାର ମୁକ୍ତିକାନ୍ତଙ୍କ ଜ୍ୟେଷ୍ଠ ସନ୍ତାନ କିଣ କେବେ ସର୍ବହରା ହୋଇପାରେ ?

ହସିଥିଲେ ସେ । କହିଲେ—ସୁବ୍ରତ ତାଙ୍କର ସନ୍ତାନ ହୋଇପାରେ କିନ୍ତୁ ମଦ୍ୟପ ମୁକ୍ତିକାନ୍ତ ସୁବ୍ରତର ପିତୃତ୍ୱକୁ ଅସ୍ୱୀକାର କରୁଛନ୍ତି । ମୁକ୍ତିକାନ୍ତଙ୍କ ସମସ୍ତ କ୍ଷମତା ନବ ପରିଣୀତା ସ୍ତ୍ରୀର ହାତମୁଠା ଭିତରେ । ତେଣୁ ସୁବ୍ରତ ବର୍ତ୍ତମାନ ସର୍ବହରା ।

ବିସ୍ମିତ ହୋଇ ଉଠିଥିଲା ସୁବ୍ରତ ! ମାମୁଁଙ୍କ କଥାକୁ ଅବିଶ୍ୱାସ କରିପାରୁ ନ ଥିଲା ସେ ।

ତୁ ତେବେ ଗାଁକୁ ଯିବୁନି ସୁବ୍ରତ ? ମାମୁଁ ପଚାରିଲେ ।

ସୁବ୍ରତ କହିଲା—କେବେ ତୁମ କଥାରେ ଅବାଧ୍ୟ ହୋଇନି ମୁଁ । କିନ୍ତୁ ଆଜି···କ୍ଷମା କରିବ ମାମୁଁ । ମୁଁ କୌଣସି ମତେ ତୁମ କଥା ରଖିପାରୁନି । ମୁଁ କେବେ ଗାଁକୁ ଯାଇପାରିବିନି । ଗାଁକୁ ଯାଇ ଉର୍ବଶୀର ବିବାହ ଦେଖିବାକୁ ମୋର ଆଉ ଧୈର୍ଯ୍ୟ ନାହିଁ ।

ମାମୁଁ ନିରାଶ ହୋଇ ଫେରି ଆସିଥିଲେ ।

ତା ପରେ···

ସୁବ୍ରତର ବିରାଟ ପରିବର୍ତ୍ତନରେ ଆଶ୍ଚର୍ଯ୍ୟ ହୋଇ ଉଠିଥିଲା ଜୟନ୍ତ । ବେଳେବେଳେ ସୁବ୍ରତକୁ ଚାହିଁ ହସେ । କୁଆଡ଼େ ଗଲା ସୁବ୍ରତର ସେଇ ସଦା ହସହସ ମୁହଁ !! ଚଳଚଞ୍ଚଳ ଚାଲି ।

ନିରୋଳା ସମୟ ପାଇଲେ ଅତୀତକୁ ଝୁରିହୁଏ ସୁବ୍ରତ । ଏପରି କି ଗାଧୋଇବା, ଖାଇବା, ଶୋଇବା ସବୁ ଭୁଲିଯାଏ । ବହି ଧରି ପାଠ ପଢ଼ିଲାବେଳେ ଉର୍ବଶୀର ଛବି ବହିର ପୃଷ୍ଠା ଉପରେ ନାଚିଯାଏ । କାନରେ ଯେପରି କିଏ କହେ—ସୁବ୍ରତ ଭାଇ ! ଏତେ ନିଷ୍ଠୁର ତମେ ! ଏତେ ଦୁର୍ବଳ ତୁମେ !! କୁଆଡ଼େ ଗଲା ତୁମର ସେଇ ପ୍ରତିଶ୍ରୁତି ! ତମେଇ ତ ସେଦିନ କହିଥିଲ— ଆମ ଭଲପାଇବା ଭିତରେ ଦେହର ଆକର୍ଷଣ ନଥାଇପାରେ କିନ୍ତୁ ମନର ମିଳନ ଅଛି । ଆମ ଭଲପାଇବା ଭିତରେ ପବିତ୍ରତା ଅଛି । କିନ୍ତୁ ଆଜି···ଆଜି କାହିଁକି ତୁମେ ନୀରବ ସୁବ୍ରତ ଭାଇ ! କାହିଁକି ତେବେ ତୁମେ ମୋତେ ଭଲପାଇଥିଲ ! କାହିଁକି ତୁମେ ମୋ ଉପରେ ଏ ଦାଉ ସାଧି ପାରିଲ ? କ'ଣ ଅପରାଧ କରିଥିଲି ମୁଁ ତୁମର !

ସୁବ୍ରତ ଚିତ୍କାର କରିଉଠିଲା । ନାଁ ନାଁ, ମୋତେ ବିଶ୍ୱାସ କର ଉର୍ବଶୀ ! ମୁଁ ତୋ ପ୍ରତି ବିଶ୍ୱାସ ଘାତକତା କରି ନାହିଁ । ମୋତେ···

ଜୟନ୍ତ ଛିଡ଼ା ହୋଇଥିଲା ସୁବ୍ରତର ଠିକ୍ ପଛପଟେ । ସୁବ୍ରତ ଚିତ୍କାର କରିବା ଦେଖି ଜୟନ୍ତ ପାଟି କରିଉଠିଲା । କହିଲା —ପାଗଳ ହୋଇ ଗଲୁଣି କି ସୁବ୍ରତ । କାହାକୁ କଣ କହୁଛୁ ? ଏକୁଟିଆ କାହାସାଥୀରେ କଥାଭାଷା ହେଉଛୁ ?

ସୁବ୍ରତ ପ୍ରକୃତିସ୍ଥ ହେଲା ।

ଜୟନ୍ତକୁ ପାଖରେ ବସାଇ କହିଲା—

ଜଣେ ଜଣକୁ ଭଲ ପାଇବା କ'ଣ ଏତେ ଅପରାଧ, ଏତେ ପାପ ଜୟନ୍ତ ? ମଣିଷର ମାନବିକତା ବୋଇଲେ କ'ଣ କିଛି

ନାହିଁ ? ତେବେ ଜଙ୍ଗଲର ପଶୁପକ୍ଷୀଙ୍କଠାରୁ ମଣିଷ କେଉଁ ଗୁଣରେ ବଡ଼ ? ମଣିଷ ସମାଜରେ ଯେତେ ଅଶାନ୍ତି, ଆତ୍ମପ୍ରବଞ୍ଚନା, ତିକ୍ତତା ଭରି ରହିଛି କାହିଁ ପଶୁପକ୍ଷୀଙ୍କ ସମାଜରେ ତାହା ଦେଖିବାକୁ ମିଳେନା । ମୁକ୍ତ ଆକାଶତଳେ ସେମାନେ ତାଙ୍କର ସ୍ୱାଧୀନତା ପାଇଛନ୍ତି । ସେମାନଙ୍କ ପାଇଁ ତ କିଛି ପ୍ରତିବନ୍ଧକ ନାହିଁ । ସୁଖ, ସ୍ୱାଚ୍ଛନ୍ଦ୍ୟ, ସରଳ, ସୁନ୍ଦର ଜୀବନ ସେମାନଙ୍କର । ମଣିଷ ପାଇଁତ ତାହା ହେବ ଦୁର୍ଲ୍ଲଭ । ତେବେ ଖାଇପିନ୍ଧି ବଞ୍ଚିବା ହିଁ ଖାଲି ମଣିଷ ଜୀବନର ଧର୍ମ ନୁହେଁ ।

ତଥାପି ଖାଇବା ଏବଂ ପିନ୍ଧିବା ଲାଗି ସବୁ । ଏ ଦୁଇଟା ମୁଖ୍ୟ ହେଲେ ଅନ୍ୟଗୁଡ଼ିକ ଗୌଣ । ଭଲପାଇବା ପାପ ହୋଇ ଇହେ ନାହିଁ, ଯେତେବେଳେ ଜଣେ ଜଣକୁ ଗ୍ରହଣ କରେ । କିନ୍ତୁ ନ ପାଇଲେ ହୁଏ ପାପ, ଅପରାଧ । ଯେମିତି ବ୍ୟର୍ଥତା ଭିତରେ ତୁ ହତାଶ ହୋଇଛୁ !

ମୁଁ ଯଦି ଜାଣିଥାନ୍ତି ଏ ପଥ ଏତେ ଦୁର୍ଗମ ବୋଲି ତେବେ...

ତୋଠାରୁ ନିର୍ବୋଧ ଆଉ ବୋକା ବୋଧେ କେହି ଏ ଦୁନିଆରେ ନ ଥିବେ । ଅଚ୍ଛା ମଣିଷ କ'ଣ ଜାଣି ଜାଣି ଭୁଲ୍ କରିଥାଏ ? ନା, ତାକୁ ସେ ଆଉ ସୁଧାରି ପାରେନା । ସେ ଭୁଲରେ ଆନନ୍ଦ ମିଳେ । ଭଲ ଆଉ ମନ୍ଦ, ଭୁଲ ଆଉ ଠିକ୍ ଏ କଥା କିଲି ପୂର୍ବରୁ ବିଚାର କରିବାକୁ ମଣିଷ ଯଦି ଟିକିଏ ସମୟ ନିଅନ୍ତା, ତେବେ ଅନ୍ତତଃ ଏତେ ଅଶାନ୍ତି ତା ଜୀବନରେ ଦେଖାଦିଅନ୍ତା ନାହିଁ । ତା ପରେ ବି ଯାହା ହୋଇ ଯିବା କଥା ତା ନିଶ୍ଚେ ହୋଇଯିବ । କେହି ସେଥିରେ ବାଧା ଦେଇ ପାରିବେ ନାହିଁ ।

ମଞ୍ଜି ଟିଏ ପୋତିଲେ ଗଛଟିଏ ନିଶ୍ଚୟ ହେବ । ଏ କଥା କିଏ ଜାଣେନି । ଆଚ୍ଛା ଗଛଟିଏ ହେଲେ ତ ପୁଣି ଶାଖା ପ୍ରଶାଖା ମେଲିବ । ଫୁଲ ଫୁଟିବ । ଫଳ ଧରିବ ।— ଏ କଥା କ'ଣ ତୁ ଜାଣୁନା ?

ଏ କଥା କହିବାର ଅର୍ଥ ମୁଁ ବୁଝିପାରୁନି ।

ଉର୍ବଶୀକୁ ତୁ ଭଲ ପାଉଥିଲୁ । ବିବାହ କରିବାକୁ ତ ? ସଂସାରରେ ଦୁଇଟା କଥା । ହଁ କିମ୍ବା ନାହିଁ । ଭଲ କିମ୍ବା ଖରାପ । ପାଇବାକୁ ଚାହିଁଥିଲୁ, ପାଇଥାଆନ୍ତୁ କିନ୍ତୁ ପାଇଲୁ ନାହିଁ । ସେଥିରେ କ'ଣ ଅଛି । ତା ଲାଗି ତ ତୁ ଆଉ ତୋ ଭବିଷ୍ୟତ ନଷ୍ଟ କରିଦେଇ ପାରିବୁନି । ସେ ଯେମିତି ବାହାସାହା ହୋଇ ଘର-ସଂସାର କଲା, ତତେ ବି ସେଭଳି ଘର ସଂସାର କରିବାକୁ ହେବ । ଏ ସଂସାର ପ୍ରତି ତୋର କର୍ତ୍ତବ୍ୟ ଅଛି !

ଏତେ କଥା ମୁଁ ବୁଝେନା । ଏ ସବୁ ବଡ଼ ବଡ଼ କଥା ମୋ ମୁଣ୍ଡରେ ପଶିପାରୁ ନାହିଁ । ବାହାରେ ଯେଉଁ ନିନ୍ଦା ଅପବାଦ ହେଉଛି ତୁ କ'ଣ ତାହା ଶୁଣୁନୁ ! ତେଣୁ ମୁଁ ଆଉ କଲେଜ ଯିବନି କି ଏତେ ବିଦ୍ରୂପ ସହି ପାରିବନି ।

ଜୟନ୍ତ କହିଲା—କହିଲ ପରା, ତୋର କାହା କଥାରେ ମୁଣ୍ଡ ଖେଳାଇବା ଠିକ୍ ନୁହେଁ । କହିବାକୁ ଏଠି ବହୁତ ଜୁଟିବେ । ଏଥିରେ ଆମର କ'ଣ ଅଛି । କିଏ କ'ଣ କହିଲା ସେଥିରେ ମୁଣ୍ଡ ଖେଳାଇବା ଆମର କ୍ଷତି ଛଡ଼ା ଲାଭ କିଛି ନାହିଁ ? ସୁବିଧା ସୁଯୋଗ ପାଇଲେ ମଣିଷ ଏମିତି କହେ, ଲୋକେ ଅଛନ୍ତି ବିପଦ ଆପଦରେ ପଡ଼ିଥିଲେ ସେମାନେ ଆହୁରି ବିପଦ ମୁହଁକୁ ଠେଲି ଦେବେ । ଦୁଃଖରେ ସମବେଦନା ଜଣେଇବାକୁ, ସାନ୍ତ୍ୱନା

ଦେବାକୁ ଖୁବ୍ କମ୍ ଆସିବେ । ସୁଖର ସାଥୀ ସଭିଏ, ଦୁଃଖ ପାଖରେ କେହି ପାଖ ପଶିବେନି । ଏହି ହେଉଛି ମଣିଷର ମୀତି ।

ଭୁଲଭ୍ରାନ୍ତି ତ ମଣିଷର ଏକ ଅଙ୍ଗ କହିଲେ ଚଳେ । ରକ୍ତମାଂସର ମଣିଷ ହୋଇ ଦୋଷ ଦୁର୍ବଳତା କାହାର ନାହିଁ ଏ କଥା କିଏ କହିପାରିବ । କୈଶୋର, ବାଲ୍ୟ, ଯୌବନ, ଜରା ଆଉ ମରଣ ଏ ତ ସୃଷ୍ଟିର ଚିରନ୍ତନ ସତ୍ୟ । ଏଗୁଡ଼ିକ ଏମିତି ନିର୍ଭୁଲ ଆଉ ଠିକ୍ ଯେ ଏଥିରେ କେବେହେଲେ ବ୍ୟତିକ୍ରମ ଘଟିବ ନାହିଁ । ଏଗୁଡ଼ିକୁ କେହି ଅସ୍ୱୀକାର କରିପାରିବେ ନାହିଁ । ରକେଟ କହ, ପରମାଣୁ କହ, ବିଜ୍ଞାନର ଅଗ୍ରଗତି, ସଭ୍ୟତାର ଆଲୋକ, ମଣିଷର ଉନ୍ନତି, ଅବନତି, ସବୁ ଯେପରି ଅସ୍ଥିର, ଅସ୍ଥାୟୀ । କିନ୍ତୁ ଏ ଗୁଡ଼ିକ ନିରାଟ ବାସ୍ତବ ସତ୍ୟ, ଦୃଢ଼ । ଈଶ୍ୱରଙ୍କ ଅଭିପ୍ରେତ ଏଗୁଡ଼ିକ । ତେଣୁ ମଣିଷର ହାତ ତିଆରି ଓ ଏହାଭିତରେ ପାର୍ଥକ୍ୟ ରହିବ ହିଁ ରହିବ ।

ସୁବ୍ରତ ଚାହିଁଲା ଜୟନ୍ତ ମୁହଁକୁ ।

ଜୟନ୍ତ କହିଲା—ହଉ, ଆ । ଖାଇବାକୁ ଯିବା !

ନାଁ, ମୁଁ ଖାଇବ ନାହିଁ ।

ତା କ'ଣ ହୋଇପାରେ ? ହଉ, ଉଠିଆ !

ଜୟନ୍ତ ସୁବ୍ରତକୁ ଟାଣି ଟାଣି ନେଇଗଲା ଖାଇବା ଘରକୁ ।

ଆଜି ମଧୁରାତି···

ଉର୍ବଶୀ ଆଜି ନବବଧୂ ସାଜିଛି । ମଥାରେ ଓଢ଼ଣା, ସୀମନ୍ତମାରେ ସିନ୍ଦୂର । ଆଖିରେ କଜ୍ଜ୍ୱଳର ସରୁଧାର, ପାଦରେ

ଅଳତା, ଦେହରେ ଦାମିକା ଶାଢ଼ୀ ଉର୍ବଶୀକୁ ଆହୁରି କମନୀୟ କରି ତୋଳୁଛି । ସତେ ଯେପରି ଅପ୍ସରା ଉର୍ବଶୀ ଶାପଗ୍ରସ୍ତା ହୋଇ ଅବତରଣ କରୁଛି ମର୍ତ୍ତ୍ୟକୁ ।

ବିବାହର ଶୁଭଶଙ୍ଖ ଉନାଦନ ହେଲା ସରିଲାଣି । ଆଜି ମଧୁରାତି । ନାରୀ ଜୀବନରେ ଯେଉଁ ରାତି ଥରକ ପାଇଁ ଆସେ, ଜାଗର ଜାଳି ନାରୀ ଯେଉଁ ରାତିକୁ ପ୍ରତୀକ୍ଷା କରିଥାଏ ସେଇ ଶୁଭରାତି ଉର୍ବଶୀ ଜୀବନରେ ଖୁବ୍ ଶୀଘ୍ର ଆସିଗଲା ।

କିନ୍ତୁ ଉର୍ବଶୀ ଭାବୁଛି ଏହି ରାତି ତା' ପାଇଁ ଶୁଭରାତି ନୁହେଁ—କାଳରାତି । ତା' ଜୀବନ ଉପରେ ଏଇ କାଳରାତି କଟିଗଲେ ବି ସେ ବଞ୍ଚିରହିବ, କିନ୍ତୁ ସେ ବଞ୍ଚିରହିବାରେ ସ୍ୱାଦୁ ନାହିଁ । ଭଗବାନଙ୍କ ପାଖେ ସେ କେତେ ଅନୁରୋଧ କରୁଛି—ଏ ଦରପୋଡ଼ା ଜୀବନର ଅବସାନ ପାଇଁ । ଯେଉଁ ଜୀବନରେ ସୁଖ ନାହିଁ, ଆନନ୍ଦ ନାହିଁ ସେ ଜୀବନ ରହି ଲାଭ ବା କ'ଣ ? ଆଶା ନେଇ ମଣିଷ ବଞ୍ଚେ ।

ଜୀବନର ସବୁ ଦୁଃଖ, ଝଡ଼ଝଞ୍ଜା ଭିତରେ କ୍ଷୀଣ ଆଲୋକରେଖା ହେଉଛି ଆଶା । ତାହାହିଁ ମଉଳା ମନରେ ଦିଏ ଉତ୍ସାହ, ପ୍ରେରଣା ଆଉ ଶକ୍ତି । କିନ୍ତୁ ଉର୍ବଶୀର ଜୀବନରେ ଆଉବା କି ଆଶା ଅଛି ଲକ୍ଷହୀରା ହୋଇ ବଞ୍ଚିବା ପାଇଁ । ଲକ୍ଷହୀରା ହୋଇ ବଞ୍ଚିବା ଅପେକ୍ଷା ମରିଯିବା ଶ୍ରେୟସ୍କର । କାହିଁକି ତେବେ ଈଶ୍ୱର ଏତେ ନିର୍ଦ୍ଦୟ ତା' ପ୍ରତି । ତାର କୌଣସି ମିନତି କ'ଣ ତାଙ୍କର କାନରେ ବାଜେନା । ମୂକ ଭଗବାନ ସବୁଦିନେ ଏମିତି ଜଡ଼ ଆଉ ମୂକ ହୋଇଥିବେ ତା' ପ୍ରତି ! ଆଖି ଲୁହରେ ମନର ସବୁ ଅବସାଦ ଧୋଇ ଉର୍ବଶୀ ବାରମ୍ବାର ଡାକିଉଠେ, ହେ ପ୍ରଭୁ !

ମୋତେ ତୁମେ ମୂକ କରିଦିଅ । ମୁଁ ଅନ୍ଧ ବଧୀର ହୋଇଯାଏ ପ୍ରଭୁ ! ଶିଳା ଭଳି ମୋତେ ପାଷାଣ, କଠୋର କରିଦିଅ ।

ଭଗବାନଙ୍କର ବିଚିତ୍ର ଅତି ବିଚାର । କିଏ ଜାଣେ ଈଶ୍ୱର ଯୋଉଁମାନଙ୍କୁ ଏଭଳି କରନ୍ତି । ଯିଏ ଚାହେଁ ସେ ପାଏନି ଆଉ ଯିଏ ପାଏ ସିଏ ଚାହେଁନି । କାହିଁକି ତୁମର ଏ ପକ୍ଷପାତି ବିଚାର । ମୋ ପ୍ରତି କାହିଁକି ତୁମର ଏ ନିଷ୍ଠୁର ବ୍ୟବହାର !

ପାଣ୍ଡବ ଆଉ କୌରବଙ୍କ ମଧ୍ୟରେ ପାଣ୍ଡବଙ୍କୁ ସାହାଯ୍ୟ କଲେ ! କି ଅଦ୍ଭୁତ ସତେ ତାଙ୍କର ନ୍ୟାୟ ! ନ୍ୟାୟର ଛଦ୍ମ ତଳେ ଏ ଅନ୍ୟାୟ କେମିତି କର ଭଗବାନ ! ଯିଏ କାତର ହୋଇ ତୁମ ପାଦତଳେ ଆଶ୍ରା ନେବାକୁ ଧାଇଁଯାଏ, ତୁମେ ତାକୁ ଦୂରକୁ ଫିଙ୍ଗିଦିଅ କାହିଁକି ? ତମେ ପରା ପାପ-ତାପ ଭଞ୍ଜନ, ଯୁଗେ ଯୁଗେ ସତ୍ୟର ଅବତାର ।

ସ୍ତିମିତ ଦୀପାଲୋକରେ ଉର୍ବଶୀର ଉଜ୍ଜ୍ୱଳ ରୂପଶ୍ରୀ ଆହୁରି ଉଜ୍ଜ୍ୱଳ ଦିଶୁଥିଲା । ନିଭୃତ କୋଠରୀ ଭିତରେ ଏକୁଟିଆ ସେ ନିଜକୁ ଅସହାୟ ମଣୁଥିଲା । ସବୁ ଥାଇ ଆଜି କି ତାର କିଛି ନାହିଁ । ଅଭାଗିନୀ ସେ ।...

ଅତୀତ ଯଦି ଫେରି ଆସନ୍ତା ! ...ଯିଏ ଯାଏ ସେ ଆଉ ଫେରେନା । ତେବେ କାହିଁକି ବା ସେ ଆଉ ଭାବିବ ତାକୁ । ମନକୁ ଯେତେ ଦୃଢ଼ କଲେ ବି ମନରେ ଶିଥିଳତା ଭରିଯାଉଛି । ସୁବ୍ରତର ଶାନ୍ତ ସରଳ ମୁହଁଟି ଭାସି ବୁଲୁଛି ମନ ପରଦାରେ । ଭୁଲିବାକୁ ଚେଷ୍ଟା କରି ଭୁଲି ପାରୁନି ସେ । ସୁବ୍ରତକୁ ପାଇଥିଲେ କେତେ ସୁଖୀ ସେ ହୋଇ ପାରିଥାଆନ୍ତା ! ଉଃ, ତା ଭାଗ୍ୟରେ ନାହିଁ । ଯାହା ମିଳିବାର ନୁହେଁ କାହିଁକି ଭଲ ସେ ତାକୁ ଲୋଡ଼ିବ । ଦେହ

ପାଇଁତ ସବୁ ଶୃଙ୍ଖଳା, ସବୁ ବନ୍ଧନ ରହିଛି । ତା ହେଲେ ମନ କାହିଁକି ଏତେ ସ୍ୱାଧୀନ, ମୁକ୍ତ ? ତା ପାଇଁ ତ କିଛି ଶୃଙ୍ଖଳା ନାହିଁ ।

ଆଜି ଉର୍ବଶୀ ବଧୂ । ସହଧର୍ମିଣୀ । କିନ୍ତୁ ସୁବ୍ରତର ନୁହେଁ । ତେଣୁ ସୁବ୍ରତକୁ ସେ ଭାବିବା ଅନ୍ୟାୟ । ସୁବ୍ରତ ବୋଲି ତାର କେହି ନଥିଲେ କି ଆଜି ବି ନାହାନ୍ତି । ଧର୍ମତଃ ସେ ଆଜି ଅନ୍ୟର ସ୍ତ୍ରୀ । ତେଣୁ ଏ ପାପଚିନ୍ତା କାହିଁକି ବା ତା ମନକୁ ଆସୁଛି । ଅସ୍ଥିର ଚଞ୍ଚଳମନକୁ ସ୍ଥିର କରିପାରୁ ନଥିଲା ଉର୍ବଶୀ ।

କବାଟ ଠେଲି କିଏ ପଶି ଆସିଲା ଘରକୁ । ଭାରି ପାଦଶବ୍ଦରେ ଚମକି ପଡ଼ିଲା ଉର୍ବଶୀ । କି ବିଭତ୍ସ ରୂପ । ଇସ୍ ଭଗବାନ ! ମୁଣ୍ଡ ତାର କ'ଣ ହୋଇଗଲା । ତା ଆଖି ଆଗରେ ଘରଟା ଘୁରୁଥିଲା ଯେମିତି । ଆଉ ନିଜେ ବି ଧୂରି ଧୂରି ତଳେ ପଡ଼ିଗଲା ଉର୍ବଶୀ । ସଜ୍ଞାହୀନା ଶରୀରଟା ଭୂଇଁରେ ଲୋଟି ପଡ଼ିଲା ।

ଉର୍ବଶୀର ଏତାଦୃଶ୍ୟ ଅବସ୍ଥା ଦେଖି ଚମକି ପଡ଼ିଲେ ତା ସ୍ୱାମୀ ପୂର୍ଣ୍ଣଚନ୍ଦ୍ର । ବାସ୍ତବିକ୍ ଭଗବାନଙ୍କର ଅପାର କରୁଣା ହେଉ ବା ନିଜର ସ୍ୱାର୍ଥ ପାଇଁ ହେଉ ଉର୍ବଶୀ ପ୍ରତି ତା ସ୍ୱାମୀଙ୍କର ଅସୀମ ସହାନୁଭୂତି ଥିଲା । ତାର ଏ ଅବସ୍ଥା ଦେଖି ବେଶୀ ଦୁଃଖିତ ହୋଇଥିଲେ ସେ । ଉର୍ବଶୀର ସୌନ୍ଦର୍ଯ୍ୟ ଆଉ ଗୁଣରେ ମୁଗ୍ଧ ହୋଇଥିଲେ ପୂର୍ଣ୍ଣଚନ୍ଦ୍ର ।

ସ୍ୱାମୀଙ୍କର ବା କି ଅପରାଧ । ଉର୍ବଶୀ ଦୋଷୀ ବୋଲି ବି ତାଙ୍କୁ କହିପାରୁ ନ ଥିଲା । ତାଙ୍କର ସରଳତାରେ ଅବିଶ୍ୱାସ, ପ୍ରତାରଣା ଭରିଦେବାକୁ ଉର୍ବଶୀର ବିବେକ ତାକୁ ବାଧା ଦେଉଥିଲା । ଉର୍ବଶୀର ଶାଶୁଘରେ ମଧ୍ୟ ତାର ରକ୍ଷା ନାହିଁ । ତା

ସୌନ୍ଦର୍ଯ୍ୟ ଯେପରି ତାର ପରମ ଶତ୍ରୁ ରୂପେ ଠିଆ ହେଲା । ପୂର୍ଣ୍ଣଚନ୍ଦ୍ରଙ୍କର ତିନୋଟି ପିଲା । ପ୍ରଭାତ, ପ୍ରକାଶ ଓ ତରୁ । ପ୍ରଭାତ କଲେଜରେ ପଢ଼ୁଛି । ପ୍ରକାଶ ଗ୍ରାମ ସ୍କୁଲରେ ଆଉ ତରୁ ମଧ୍ୟ ସେହି ସ୍କୁଲର ଛାତ୍ରୀ । ଉର୍ବଶୀ ଆଶ୍ଚର୍ଯ୍ୟ ହୁଏ, ଏଭଳି ଲୋକର ପୁଣି ଥରେ ବିବାହ କରିବାକୁ କି ଆବଶ୍ୟକତା ଥିଲା । ଦାସୀ ରଙ୍ଗଲତା ତ ଘରର ମୁରବି । ପୂର୍ଣ୍ଣଚନ୍ଦ୍ରଙ୍କ ସ୍ତ୍ରୀ ଠାରୁ ସେ ଅଧିକ । ପୁଣି ପ୍ରଭାତ ଭଳି ପୁଅ ଥାଇ ତାଙ୍କର ବିବାହ କରିବାକୁ କିପରି ଆଗ୍ରହ ହେଲା । ଧନ୍ୟରେ କାମନା ! ପ୍ରଭାତକୁ ତ ବିଭା ଦେଇଥିଲେ ଏ ଘର ଖୁବ୍ ଖୁସିରେ ଚାଲିଆନ୍ତା ! ଉର୍ବଶୀ ମନରେ ଭକ୍ତି ବଦଳରେ ଘୃଣା ଆସେ ତା ସ୍ୱାମୀଙ୍କ ପ୍ରତି । ପ୍ରଭାତ ସବୁ ସମୟରେ ଘରେ ରହେନି । ଏତିକି ଉର୍ବଶୀର ବଡ଼ ସାନ୍ତ୍ୱନା । କିନ୍ତୁ ଛୁଟିରେ ପ୍ରଭାତ ଘରକୁ ଆସିଲେ ଉର୍ବଶୀର ଭୟ ହୁଏ । ନିଜ ଘରଟି ଛାଡ଼ି ତାର ପଦାକୁ ଗୋଡ଼ କାଢ଼ିବାକୁ ସାହସ ହୁଏନି ।

ପ୍ରକାଶ ଆଉ ତରୁର 'ବୋଉ' ଡାକରେ ପ୍ରଥମେ ପ୍ରଥମେ ତାକୁ ବିରକ୍ତ ଲାଗୁଥିଲା । କିନ୍ତୁ ପିଲାଦୁଇଟି ଭାରି ନିରୀହ । ଦେଖିଲେ ବିକଳ ଲାଗେ ତାକୁ । ସମୟେ ସମୟେ ସେ ଦୁହିଁଙ୍କୁ କୋଳରେ ଚାପିଧରି ଆଖିରୁ ଅଜସ୍ର ଲୁହ ଗଡ଼ାଏ । ନିବୋଧ ଛୁଆ ଦୁଇଟି ବଲ ବଲ କରି ଚାହାଁନ୍ତି ।

କାହା ମନ କଥା କିଏ ଜାଣେ ? ଛୁଞ୍ଚି ପସାରେ ଗଳିଯିବା ଯେତିକି ଅସମ୍ଭବ, ମଣିଷର ମନ ଜାଣିବା ସେତିକି କଠିନ । କେମିତି ଜାଣିବେ ପିଲା ଦୁଇଟି ଯେ ଉର୍ବଶୀ କାହିଁକି କାନ୍ଦୁଛି ? କାହିଁକି ତାର ଏ ଲୁହ ? ଦୁଃଖ କେଉଁଠି ?

ଉର୍ବଶୀ କଥା ଛଳରେ ପଚାରେ—ତରୁ ଲୋ, ତୋର କୋଉ ବୋଉ ଭଲ ?

ତୁ ଭଲ ! ସେ ବୋଉ ମୋତେ ମାରେ । କିନ୍ତୁ ଖାଇବାକୁ ସବୁବେଳେ ଦେଉଥିଲା । ଆଉ ଏ ରଙ୍ଗ ଖୁଡ଼ୀ ସବୁବେଳେ ମାରେ, ରାଗେ । ପ୍ରକାଶ ଆଗରୁ ଠିଆ ହୋଇ କହିପକାଇଲା, ଆମେ କାମ ନ କଲେ ଆମକୁ ଖାଇବାକୁ ଦିଏନି ପରା ।

ସତରେ ! ଖାଇବାକୁ ବି ଦିଏନି ! ଉର୍ବଶୀ ଆଶ୍ଚର୍ଯ୍ୟ ହୋଇ ଚାହେଁ ଏଇ ସରଳ ନିଷ୍ପାପ ଛୁଆ ଦୁଇଟିଙ୍କୁ ।—ଏଣିକି ତୁମେ ଦୁହେଁ ମୋତେ ଖାଇବାକୁ ମାଗିବ, ବୁଝିଲ ।

ତୁ ଛୁଆବୋଉ ଆମକୁ ଗୁଡ଼ କୁଆଡ଼େ ଯିବୁ ନାହିଁ ତ ? ତୁ ଯଦି ଯିବୁ ଆମକୁ ଏଣିକି ସାଙ୍ଗରେ ନବୁ । ନଇଲେ ଏ ଖୁଡ଼ୀ ଆମକୁ ମାରିଦେବ ।

ଉର୍ବଶୀ ପୁଣି ପଚାରେ—ଆଚ୍ଛା, ଭାଇନା ଖବର କିଏ ବୁଝେ ?

ରଙ୍ଗ ଖୁଡ଼ୀ ପରା ବୁଝେ । ସେ ଭାଇନାକୁ ଭାରି ଭଲପାଏ । କେବେହେଲେ ତାଙ୍କ କଥା ତଳେ ପକାଇ ଦିଏନି ।

ଉର୍ବଶୀ ସବୁ ଜାଣେ । ପ୍ରଭାତ ଯେ ଚରିତ୍ରବାନ ପିଲା ନୁହେଁ ଏକଥା ମଧ୍ୟ ଜାଣିଥିଲା । ରଙ୍ଗ ଆଉ ପ୍ରଭାତର ସମ୍ପର୍କଟାକୁ କାହାଁକି ଭଲ ଦିଶେନି । ମାଆ ପୁଅର ସମ୍ପର୍କ ସେଠି ଠିକେ ହେଲେ ନାହିଁ । ପ୍ରଭାତ ଓ ଉର୍ବଶୀର ବୟସରେ ପାର୍ଥକ୍ୟ ସେଭଳି ନାହିଁ । କେମିତି ଏଠି ଚଳିବ ଉର୍ବଶୀ ? ଶରଦିନ ତାକୁ ଏଠି କାଟିବାକୁ ପଡ଼ିବ । ତଥାପି ଅନାଗତ ଭବିଷ୍ୟତର ଅସରନ୍ତି ପଥରେ ସେ କିପରି ଆଗକୁ ଅଗ୍ରସର ହେବ—କିପରି ଚଳିବ ଏ ପରିବେଶ ମଧ୍ୟରେ । ଶିହରି ଉଠେ ଉର୍ବଶୀ ! ପୁଣି ଆଖିରୁ ଲୁହ ଛୁଟେ ।

କଉଣି ସାଆନ୍ତାଣୀ· ଘରକଥା କ'ଣ କିଛି ବୁଝିବ ନାହିଁ ? କ'ଣ ରନ୍ଧାବଢ଼ା ହେବ ମୁଁ କିଛି ପାଉନି । ଖାଲି ଘରଟି ଭିତରେ ବସିଲେ କଣ ସବୁ ହେଇଯିବ ?

ଉର୍ବଶୀ ଅବାକ୍ ହେଲା । କ'ଣ ସେ ଶୁଣୁଛି । ତରୁ ଯାହି କଲା, ତୁ କିଏ ଛୁଆବୋଉକୁ କହିବାକୁ ? ଆମକୁ କହିବୁ ବୋଲି କ'ଣ ତାଙ୍କୁ କହିବୁ । ମୁଁ ଆଜି ନିଶ୍ଚେ ବାପାଙ୍କୁ ଏ କଥା କହିବି ।

ଆହା ହା···ମଉଜମୁହିଁ । ଏମିତି ଫେର୍ ଶରଧା ବଳି ପଡ଼ିଲାଣି । ବାପା ତ ଆଜି ଘରୁ ତଡ଼ିଦେବେ ମୋତେ । ତରୁକୁ ଘୋସାରି ଆଣିଲା ରଙ୍ଗ । ପ୍ରକାଶ ଖୁବ୍ ଜୋରରେ କାନ୍ଦି ଉଠିଲା ! ଉର୍ବଶୀ କ'ଣ ବା କହିବ । ତା ଆଖିରୁ ଧାରି ଧାରି ଲୁହ ଗଡ଼ିପଡ଼ିଲା । ସହି ପାରିଲାନି ସେ । ଅପା ଏ କ'ଣ କରୁଛ ତୁମେ ? ପିଲା ଦି'ଟା କି ଦୋଷ କଲେ ତୁମର ?

ପ୍ରଭାତ, ପ୍ରକାଶର କାନ୍ଦ ଶୁଣି ତଳଘରୁ ଉଠିଆସିଲା । ଖୁଡ଼ୀର ଏ ଚଣ୍ଡୀମୂର୍ତ୍ତି ଆଉ ପ୍ରକାଶ, ତରୁଙ୍କର ବିକଳ କାନ୍ଦ, ଉର୍ବଶୀର ଲୁହଝରା ମୁହଁକୁ ଚାହିଁ ରାଗ ତାର ତେଜି ଉଠିଲା । ଖୁଡ଼ୀ, ଏ ସବୁ କ'ଣ ହେଉଛି ? ସବୁଦିନେ ଆଉ ମାମଲତକାର ହୋଇ ପାରିବନି । କିଏ ତମକୁ ଅଧିକାର ଦେଇଛି, ପ୍ରକାଶ, ତରୁକୁ ମାରିବାକୁ । ସାବଧାନ କରି ଦେଉଛି, ଆଉ ଦିନେ ଯଦି ତାଙ୍କ ଦେହରେ ହାତ ଦିଅ ତେବେ ସେ ଦିନ ମୋତେ ଚିହ୍ନିବ । ତମ ମୁରବିପଣିଆ ଛଡ଼ାଇଦେବି ।

ଉର୍ବଶୀ ଚାହିଁଲା ଅବାକ୍ ହୋଇ । ରଙ୍ଗ ଚାଲିଗଲା ପରେ ପ୍ରଭାତ ଉର୍ବଶୀକୁ କହିଲା—ଛୁଆବୋଉ, ତୁମେ ଏ ଘରକଥା ଏଥର ଟିକିଏ ବୁଝ । ରଙ୍ଗର ଏ ଅଯଥା ଅଧିକାରକୁ ତୁମେ କ୍ଷୁର୍ଣ୍ଣ କର ।

ପ୍ରଭାତ ଚାଲିଗଲା ଧୀରେ । ଉର୍ବଶୀ ଏକୁଟିଆ ଠିଆହୋଇ କେତେ କ'ଣ ଭାବି ଯାଉଥିଲା । ସେ ଭାବନାର ଆଦି-ଅନ୍ତ ନାହିଁ । କିଏ କ'ଣ ସେ ଚିହ୍ନିପାରୁ ନ ଥିଲା । ତା ଆଖିରେ ସବୁ ଯେମିତି

ଏକ ପ୍ରହେଳିକା ପରି ମନେ ହେଉଥିଲା । ଆଗରେ ଯେଉଁ ହା-ହୁତାଶିଆ ପଥ, ସେଥିରେ କେମିତି ଧୈର୍ଯ୍ୟଧରି ଚାଲିବ ? ଏ ଘରେ ଜଣେ ଜଣେ ଏକ ଏକ ଢଙ୍ଗରେ ବଢିଛନ୍ତି । ସମସ୍ତଙ୍କ ମନ ନେଇ କେମିତି ଚଳିବ ସେ ! ଇଙ୍ଗଲ ଏ ଯେଉଁ ନିଷ୍ଠୁର ବ୍ୟବହାର ସହି ପାରିବ ତ ସେ । ସହି ପାରିବ ତ ସେ ଇଙ୍ଗର ନିର୍ମମ ଉପହାସ !

ଜୀବନର ଯାତ୍ରାପଥ ସତରେ ଏତେ ଦୁର୍ଗମ, ଏତେ କଠିନ ବୋଲି ଭାବି ନ ଥିଲା ଉର୍ବଶୀ । ଜୀବନରେ ବା କି ମୂଲ୍ୟ । ଅଶ୍ରୁର ପ୍ଲାବନ ଭିତରେ ସେ ଦେଖିଥିଲା ଜଣଙ୍କର ପ୍ରତିମୂର୍ତ୍ତି । ତା ମନରେ ସକଳ ଭରସା, ସକଳ ସାନ୍ତ୍ୱନା ଯେପରି ଭରି ଦେଉଥିଲା ସେଇ ଜଣକ ପାଖରେ । ସେ ଜଣକ ଆଉ କେହି ନୁହନ୍ତି—ସେ ହେଉଛନ୍ତି ତାର ପିତା···ତାର ସୁବ୍ରତ ଭାଇ ।

ସକାଳର ପାଠପଢ଼ା ସାରି ପଦ୍ମିନୀ ତରତରରେ ଗାଧୋଇ ପଡ଼ି ଖାଇ ନେଉଥିଲା । ବାହାରେ ଗାର୍ଲସ୍କୁଲର ବସ୍‌ଟା ହର୍ଣ୍ଣ ଦେଲା ।

ଭାତ ଥାଳିଉପରୁ ଉଠିଗଲା ପଦ୍ମିନୀ । ତରତର ହୋଇ ହାତ ଧୋଇ ବହି ନେଇ ଦାଣ୍ଡ ଦୁଆର ମୁହଁରେ ପହଞ୍ଚିଲା ବେଳକୁ ବସ୍ ଚାଲି ଯାଇଥିଲା ।

ପଦ୍ମିନୀ ବିରକ୍ତ ହୋଇ ଘରକୁ ଫେରିଆସିଲା ।

ଭାଉଜ କହିଲେ—କ'ଣ ହେଲା ପଦ୍ମିନୀ ! ବସ୍ ଚାଲିଗଲା ।

ବିରକ୍ତିରେ କିଛି କହିଲ ନାହିଁ ପଲ୍ଲବୀ ।

ପୁଣି ପଲ୍ଲବୀର ଭାଉଜ କହିଲେ—ବସ୍ ଯିବ ନାହିଁ, ଆଉ କ'ଣ ତମ ପାଇଁ ଅପେକ୍ଷା କରିବ ? ତମେ ତମର ନିତ୍ୟକର୍ମ ଶୀଘ୍ର ସାରିଦେଇ ବସ୍ ପାଇଁ ଅପେକ୍ଷା କରୁନ ? ତମର ହୁଏତ ସମୟ ଜ୍ଞାନ ନଥାଏ, କିନ୍ତୁ ସେ ବସ୍‌ର ଠିକ୍ ସମୟ ଜ୍ଞାନ ଥାଏ ।

ପଲ୍ଲବୀ କହିଲା—ହଉ, ସକାଳ ପାଠପଢ଼ା ଠିକେ ମୁଁ କରି ପାରୁନି । ଅଧିକାଂଶ ଦିନ ପୁଣି ବସ୍ ଫେଲ । ସକାଳ ପଢ଼ାପଢ଼ି ନ କଲେ ପୁଣି ଭାଇ ବିରକ୍ତ ହେଉଛନ୍ତି । ସେତେବେଳକୁ ମୁଁ କ'ଣ କରିବ କହିଲ ?

ସେଇଥିପାଇଁ ତ ମୁଁ କହୁଛି, ବସ୍‌ରେ ନ ଯାଇ ପ୍ରତିଦିନ ରିକ୍‌ସାରେ ଯାଅ । ଅଧିକା ଅବଶ୍ୟ ଖର୍ଚ୍ଚ ହେବ । ହେଉ, ସେଥିରେ କ'ଣ ଅଛି; ଆଉ କେଇଟା ବି ଦିନ ସ୍କୁଲ୍ ଯିବ ?···

ମାନେ ? ପଲ୍ଲବୀ କହିଉଠିଲା ।

ମାନେ ଖୁବ୍ ସହଜ । ଆଉ କେଇଟା ଦିନ ଗଲେ ବୋହୂ ସାଜିବ । ଜଣେ ଅପରିଚିତ ଯୁବକର ମାନସୀ ହେବ । ଜଣଙ୍କର ସହଧର୍ମିଣୀ ବା ସହକର୍ମିଣୀ ହେବ ।

ଭାଉଜ ବୁଲେଇ କରି କହିବାର ଅର୍ଥ ବୁଝିଲା ପଲ୍ଲବୀ । କହିଲା—ତମେ ଯାହା କୁହ ଭାଉଜ ! ମୁଁ ମୋଟେ ବିବାହ କରିବି ନାହିଁ । ମୁଁ ପାଠ ପଢ଼ିବି । ବିବାହ କରି ଆଖିରୁ ଲୁହ ଗଡ଼ାଇବା ଅପେକ୍ଷା ଅବିବାହିତ ଜୀବନ ଧରି ପାଠ ପଢ଼ିବା ଭଲ ।

ଭାଉଜ ହସିଲେ । କହିଲେ ଖୁବ୍ ପିଲାଙ୍କ ପରି ତ କଥା କହୁଚ ? ବିବାହ ବୟସ ଯେମିତି ହୋଇନି ମୋଟେ । ତୁମର

ସାଙ୍ଗର ଝିଅମାନେ ଚଣ୍ଡ ଗୋଟିଏ ଦୁଇଟିର ମାଆ ହେଲେଣି । ଅଥଚ ତୁମେ···

ପବନା ଥରେ ନିଜ ଦେହକୁ ଚାହିଁଲା । କହିଲା—ତମେ ତାହେଲେ ମୋର ସୁଖ ଚାହୁଁନ ନା !

ଏକଥା କିଏ କହିଲା ? ସୁଖ ଚାହୁଁ ବୋଲି ତ ଆମେ ତୁମର ବିବାହ ସାରି ଦେବାକୁ ବ୍ୟଗ୍ର ।

ତମେ ତାହାହେଲେ ଭାବୁଛ ଭାଉଜ, ଜୀବନର ସବୁ ସୁଖ, ଆନନ୍ଦ କେବଳ ବିବାହ ପରେ ମିଳେ—ବିବାହ ପୂର୍ବରୁ ନୁହେଁ ?

ହଁ । ବିବାହ ପରେ ସବୁ ସୁଖ ମିଳେ ପବନା । ଦାମ୍ପତ୍ୟ ଜୀବନରେ ସବୁ ମଧୁରତା ପୂରି ରହିଥାଏ । କିନ୍ତୁ ଅବିବାହିତ ଜୀବନରେ କ'ଣ ଥାଏ । ନିଜକୁ ସବୁବେଳେ ଏକୁଟିଆ ଏକୁଟିଆ ଲାଗେ । ମନ ଖୋଜେ ଜଣକର···

ହଉ । ଚୁପ୍‌କର ଭାଉଜ ! ତୁମ ମତରେ ମୁଁ କେବେ ଏକ-ମତ ହୋଇ ପାରିବି ନାହିଁ । ମୋର ଜଣେ ସାଥୀ ସାଗରିକା କହୁଥିଲା—ବିବାହ କରି ମୋର ଜୀବନଟା ବ୍ୟର୍ଥ ହୋଇଗଲା । ପିତା ମାଆଙ୍କ କଥାମାନି ଜଣେ ଅପରିଚିତ ଯୁବକର ହାତଧରି ପର ଘରକୁ ଗଲି । କିନ୍ତୁ ଶାନ୍ତିରେ କ'ଣ ମୁଁ ରହିପାରିଲି । ଭାବିଥିଲି ଯାହାକୁ ବିବାହ କରିବି, ସେଇ ହେବେ ମୋର ଇହକାଳ ପରକାଳର ଦେବତା ! ତାଙ୍କର ମନକୁ ନେଇ, ତାଙ୍କର ସୁଖରେ ମୁଁ ସୁଖୀ ହେବି—ତାଙ୍କରି ଦୁଃଖରେ ମୁଁ ଦୁଃଖୀ ହେବି । କିନ୍ତୁ କ'ଣ ହେଲା । ବିବାହର ଅଳ୍ପ କେଇଟା ଦିନ ପରେ ଜାଣିଲି, ସେ ମୋତେ ବିବାହ କରିଛନ୍ତି ସତ, କିନ୍ତୁ ସ୍ତ୍ରୀର ମର୍ଯ୍ୟାଦା ମତେ

ଦେବାକୁ ସେ କୁଣ୍ଠିତ ! ତା'ପରେ ଅନେକ ଅନୁସନ୍ଧାନରୁ ଜାଣିଲି, ସେ ଜଣେ ଖ୍ରୀଷ୍ଟିୟାନ ଝିଅକୁ ଭଲ ପାଉଛନ୍ତି । ତା'ପରର ଅବସ୍ଥା ମୋର କ'ଣ ହୋଇଥିବ ଅନୁମାନ କରି ପାରୁଥିବୁ ।···

ପବିତ୍ରା ପୁଣି କହିଲା—ଏଇ ସେଦିନତ ଜ୍ୟୋତ୍ସ୍ନା କହୁଥିଲା, ତାର ସ୍ୱାମୀ ଜଣେ ଲେକ୍‌ଚରର । ବିବାହର କେଇଟା ଦିନ ଖୁବ୍ ଆନନ୍ଦ ଭିତରେ ବିତିଗଲା ।

ହଠାତ୍ ଦିନେ ଜ୍ୟୋତ୍ସ୍ନା ଅନୁଭବ କଲା—ସ୍ତ୍ରୀ ପ୍ରତି ସ୍ୱାମୀଙ୍କର ଭଲପାଇବା, ସ୍ନେହ, ଅନୁରାଗ କମି କମି ଆସୁଛି । ଅନୁସନ୍ଧାନରେ ଲାଗି ପଡ଼ିଲା । ଦୈବ ଯୋଗକୁ ସେ କୃତକାର୍ଯ୍ୟ ହେଲା । ଧୋବା ଘରେ ଲୁଗା ପକାଇଲାବେଳକୁ ତା'ସ୍ୱାମୀଙ୍କ ପକେଟରୁ ଖଣ୍ଡେ ଚିଠି ପାଇଲା । ଚିଠି ନୁହେଁ ତ—ପ୍ରେମପତ୍ର । ତାଙ୍କର ଜଣେ ଛାତ୍ରୀ ଲେଖିଥିଲା ସେଇ ଚିଠିଟି । ନିହାତି ଉଚ୍ଛୃଙ୍ଖଳ ସେହି ଭାଷା । ମୋଟାମୋଟି କହିବାକୁ ଗଲେ ସେ ଲେଖିଥିଲା—ସେଦିନ ମୋର ନାରୀତ୍ୱ ଅପହରଣ କରି ନେଇଥିଲ । ମୋତେ ନିର୍ଭର ପ୍ରତିଶ୍ରୁତି ଦେଇଥିଲ । ଆଜି କିନ୍ତୁ ମୁଁ ସତ କହୁଛି । ଆପଣ ନିଜର ପ୍ରତିଶ୍ରୁତି ପାଳନ ନକଲେ ମୁଁ ନିଶ୍ଚୟ ଆତ୍ମହତ୍ୟା କରିବି । କିନ୍ତୁ ବ୍ୟଭିଚାରିଣୀ ହୋଇ ଆଉ ଜଣଙ୍କର ହାତଧରି ବିବାହ କରି ପାରିବିନି । ଇମିତି କେତେ କ'ଣ···

ପବିତ୍ରା ଆଉ କ'ଣ କହିଥାଆନ୍ତା । କିନ୍ତୁ ଅଟକାଇ ଦେଲେ ତା'ର ଭାଉଜ । କହିଲେ—ସମସ୍ତଙ୍କୁ ସମାନ ମାପକାଠିରେ ମାପିବା ଉଚିତ୍ ନୁହେଁ ପବିତ୍ରା ! ସମସ୍ତଙ୍କ ଜୀବନରେ ଏଇୟା ଯେ ଘଟିବ ତା'ର କିଛି ଠିକଣା ନାହିଁ । ନାରୀ ଜନ୍ମ ପାଇ

ଅବିବାହିତା ଜୀବନ ଧରି କେହି ରହି ନାହାନ୍ତି କି ରହିବେ ନାହିଁ। ସମସ୍ତେ ସେମିତି କୁହନ୍ତି। କିନ୍ତୁ ବିବାହ ସମୟ ଆସିଗଲେ ଆପେ ଆପେ ଚୁପ୍ ହୋଇଯାଆନ୍ତି। ସ୍ୱାମୀ, ସନ୍ତାନ, ତ୍ୟାଗର ସେଇ ପବିତ୍ରତା ଭିତରେ ଜାୟା ଓ ଜନନୀ ହେବାର ସୁପ୍ତ କାମନା ପ୍ରତ୍ୟେକ ନାରୀର ଅନ୍ତର ତଳେ ଥାଏ।

ପବିତ୍ରା କହିଲା—ବିବାହ କରି ଇମିତି ଆଖିରୁ ଲୁହ ଗଡ଼ାଇବା ଅପେକ୍ଷା...

ଭାଉଜ କହିଲେ—ମଣିଷ ଭାଗ୍ୟର ଅଧୀନ ପବିତ୍ରା। ବାପା ମାଆ ସବୁବେଳେ ଝିଅର ସୁଖ ଚାହିଁଥାଆନ୍ତି। କିନ୍ତୁ କାହା ଭାଗ୍ୟରେ କ'ଣ ଅଛି କିଏ କହିବ ?

ପବିତ୍ରା ଆଉ କିଛି କହିଲା ନାହିଁ। ବହିପତ୍ର ଧରି ଉଠି ଯାଉଥିଲା, ଭାଉଜ ତା'ର ପଣତ ଟାଣି ଧରିଲେ। କହିଲେ— ଅସଲ କଥା ନଶୁଣି କୁଆଡ଼େ ଚାଲି ଯାଉଛ ଯେ ! ସ୍କୁଲ ବେଳତ ଗଡ଼ିଗଲାଣି। ବର୍ତ୍ତମାନ ଆଉ କ'ଣ କରିବ ?

ପବିତ୍ରା ବାଧ୍ୟ ହୋଇ ବସିଲା। କହିଲା—ଅସଲ କଥା କ'ଣ ଭାଉଜ !

ଏଇ ତୁମର ବିବାହ 'ମ ! ଭାଉଜ କହିଲେ।

ପବିତ୍ରା ନୀରବ ରହିଲା।

ଭାଉଜ କହିଲେ—ଆମ ଜୟନ୍ତର ସାଥୀ ସୁବ୍ରତକୁ ଚିହ୍ନିଚ ?

ସୁବ୍ରତ !

ପବିତ୍ରା ମନେ ପକାଇଲା। କେଉଁଠି ଏଇ ସୁବ୍ରତ ଡାକଟା ଶୁଣିଲା ପରି ମନେ ହେଉଛି।

ଭାଉଜ କହିଲେ—ଜୟନ୍ତ ସାଥୀରେ ସେ ଅନେକଥର ଆମ ଘରକୁ ଆସିଛି । ତମେ ଦେଖିଛ ନିଶ୍ଚୟ । ସେଇ ସୁବ୍ରତ ସାଥୀରେ ତୁମର ବିବାହ କରିବାକୁ ତୁମ ଭାଇ ଜୟନ୍ତଙ୍କୁ କହିଥିଲେ । ଜୟନ୍ତ ମଧ୍ୟ ନିର୍ଭର ପ୍ରତିଶ୍ରୁତି ଦେଇଛି, ଯେପରି ହେଉ ସେ ସୁବ୍ରତକୁ ରାଜି କରାଇବ । ସୁବ୍ରତ ବର୍ତ୍ତମାନ ବି. ଏ. ପରୀକ୍ଷା ଦେବ ।

ଅଟକିଗଲେ ଭାଉଜ ! କହିଲେ—ମନ ମାନୁଛିତ !

ପବନା ପ୍ରକୃତିସ୍ଥ ହେଲା । କହିଲା—ତୁମ ମୁଣ୍ଡ ଖରାପ ହୋଇଗଲାଣି ! ଅପେକ୍ଷା କର । ମୁଁ ଢାଳେ ପାଣି ଆଣେ—

ମୋ ପାଇଁ ପାଣିର ପ୍ରୟୋଜନ ହେବନି ପବନା । ତୁମ ପାଇଁ ଯଦି ଦରକାର ହେଉଥାଏ ତେବେ ଆଣ । ନିଜ ମୁଣ୍ଡକୁ ଠିକ୍ କର—ଯେପରି ବିବାହ ପରେ କିଛି ମନୋମାଳିନ ନଘଟେ ।

ଭାଉଜ ଚାଲିଗଲେ ।

ପବନା! ଅତୀତକୁ ଖେଳେଇ ସୁବ୍ରତର ରୂପରେଖ ନିଜ ମନକୁ ଆଣୁଥିଲା !

ମୁକ୍ତିକାନ୍ତଙ୍କ ସହିତ ପରାମର୍ଶ କରି ଫେରି ଆସିଲେ ମନମୋହନ ବାବୁ ! ସତେ ଯେପରି ମୁଣ୍ଡ ଉପରୁ ଏକ ଶକ୍ତ ବୋଝ ଗଲା । ସୁବ୍ରତ ଭଳି ଏକ ସୁଯୋଗ୍ୟ ପାତ୍ର ପାଇଥିବାରୁ ସେ ମଧ୍ୟ ଖୁବ୍ ଆନନ୍ଦିତ ହେଉଥିଲେ ।

ସିପ୍ରା ତାଙ୍କର ଏକମାତ୍ର କନ୍ୟା । ଆଧୁନିକା, ଶିକ୍ଷିତା । ତେଣୁ ସିପ୍ରାକୁ ଠିକ୍ ମାନିଲା ଭଳି ଏକ ସୁଯୋଗ୍ୟ ପାତ୍ର ଅନ୍ୱେଷଣରେ ଅନେକ ଦିନ ଘୂରିଲା ପରେ ସୁବ୍ରତକୁ ସେ ଉପଯୁକ୍ତ ବୋଲି ବିବେଚିତ କରି ମୁକ୍ତିକାନ୍ତଙ୍କ ପାଖକୁ ଛୁଟି ଯାଇଥିଲେ ।

ମୁକ୍ତିକାନ୍ତ ମଧ୍ୟ ସମ୍ମତି ଜଣାଇଲେ ।

ମନମୋହନ ବାବୁ ଇଜିଚେୟାର ଉପରେ ବସି ଆଗାମୀ କର୍ମପନ୍ଥା ଠିକ୍ କରି ନେଉଥିଲେ ।

ସିପ୍ରା ଘରେ ନ ଥିଲା ।

ହଠାତ୍ ବାହାରେ ମଟର ଭେଁଭାର ଶବ୍ଦ ଶୁଣାଗଲା । ମନମୋହନ ବାବୁ ଦେଖିଲେ ହାତରେ ଭ୍ୟାନିଟ୍‌ବ୍ୟାଗ ଝୁଲେଇ, ହାଇହିଲ୍ ଜୋତାକୁ ଘୋଷାରି ଘୋଷାରି ସିପ୍ରା ଆସୁଛି ।

ମନମୋହନବାବୁ କିଛି ପଚାରିଲେ ନାହିଁ । କୁଆଡ଼େ ଯାଇଥିଲୁ, କାହା ସହିତ ଯାଇଥିଲୁ, କାହିଁକି ଯାଇଥିଲୁ କିଛି କୈଫିୟତ ମାଗିଲେ ନାହିଁ ।

ନିଜର ବେହରଣ ପରିବର୍ତ୍ତନ କରୁଥିବାବେଳେ ସେ ଶୁଣିଲା—ସୁବ୍ରତ ସାଥୀରେ ତା'ର ବିବାହ ପକ୍କା ହୋଇ ଯାଇଛି । ଅପେକ୍ଷା କେବଳ ଶୁଭଲଗ୍ନକୁ···

ଚମକି ପଡ଼ିଥିଲା ସିପ୍ରା । ବେହରଣକୁ ନିଜ ଦେହ ଉପରେ ଜଡ଼ାଇ ଦେଇ ମନମୋହନ ବାବୁଙ୍କ ପାଖରେ ପହଞ୍ଚି ଯାଇ କହିଲା—ବାପା ! ସୁବ୍ରତ ସହିତ ମୋର ବିବାହ ଠିକ୍ କରିଛ ? ସୁବ୍ରତର ପିତା ମୁକ୍ତିକାନ୍ତ ବାବୁଙ୍କୁ ନିର୍ଭର ପ୍ରତିଶ୍ରୁତି ଦେଇଛ ?

ହଁ ମାଆ ! ମୁଁ କଣ ଭୁଲ କରିଛି ! ସୁବ୍ରତ କଣ ଯୋଗ୍ୟ ପାତ୍ର ନୁହେଁ ?···

ନା, ନା, ସୁବ୍ରତ ଯୋଗ୍ୟ ନୁହେଁ । ମୁଁ ସୁବ୍ରତକୁ ବିବାହ କରି ପାରିବି ନାହିଁ । ଯିଏ ମୋତେ କଲେଜରେ କଥା କହିବାକୁ ସଂକୋଚ କରିଛି ତାକୁ ମୁଁ କେବେ ବିବାହ କରିପାରିବି ନାହିଁ ।

କିନ୍ତୁ ମୁଁ ମୁକ୍ତିକାନ୍ତବାବୁଙ୍କୁ କଥା ଦେଇ ସାରିଛି ।

ତମେ ଭୁଲ୍ କରିଛ ବାପା ! ପ୍ରତିଶ୍ରୁତି ଦେବା ପୂର୍ବରୁ ଅନ୍ତତଃ ମୋତେ ଥରେ ପଚାରିବା ତୁମର ଉଚିତ ଥିଲା । ମୋର ମତ ନେବାର ଆବଶ୍ୟକତା ଥିଲା । ଅଥଚ ତମେ ମୋର ମତ ନନେଇ ପ୍ରତିଶ୍ରୁତି କାହିଁକି ଦେଇଥିଲ ? ଶିକ୍ଷା, ସଭ୍ୟତା, ଆଭିଜାତ୍ୟ ଭିତରେ ଯାହାକୁ କଲେଜରେ ପାଠ ପଢ଼ାଇଛ, ତା'ର କ'ଣ ସ୍ୱାଧୀନତା ନାହିଁ ?

ତମେ ଯାହା କୁହ ବାପା ! ମୁଁ ସୁବ୍ରତକୁ ମୋଟେ ବିବାହ କରି ପାରିବି ନାହିଁ । ମୋ ଲାଗି ମୁଁ ନିଜେ ପାତ୍ର ପସନ୍ଦ କରିବି । ସେଥିଲାଗି ତୁମର ମୁଣ୍ଡ ଖେଳାଇବା ଆବଶ୍ୟକତା ନାହିଁ ।

ମନମୋହନବାବୁ ସ୍ତମ୍ଭିଭୂତ ହୋଇ ଯାଇଥିଲେ । ତାଙ୍କ ପାଟିରୁ ଆଉ କଥା ବାହାରୁ ନ ଥିଲା । ଅନୁତାପ କରିବାକୁ ଅବସର ନ ଥିଲା । କାରଣ, ନିଜର କଲା କର୍ମ ସେ । ପୂର୍ବଜନ୍ମର ସୁକୃତି । ସିପ୍ରାର ଏଇ ଉଦ୍ଧତ ପ୍ରକୃତି ଲାଗି ସେ ଦାୟୀ ।

ଯୁଗର ଖିଆଲ ନେଇ ମଣିଷ ଆଜି ବଦଳିଛି । ବଦଳିଛି ତାର ଚାଲିଚଳଣି, ପରିବେଷ୍ଟନୀ । ଶିକ୍ଷାର ପ୍ରସାର, ସଭ୍ୟତାର ଆଲୋକରେ ମଣିଷ ଆଜି ଅନ୍ଧ ହୋଇ-

ଯାଇଛି । ପ୍ରକୃତିର ବଶବର୍ତ୍ତୀ ହୋଇ ଉନ୍ନତି ନାଁରେ ଅବନତିର ବହୁତ ତଳକୁ ଖସିଯାଇଛି ସେ । ମଙ୍ଗଳ ଗ୍ରହକୁ କୃଆଡ଼େ ରକେଟ ଛାଡ଼ିଲାଣି । ଚନ୍ଦ୍ର ଲୋକରେ ବସବାସ କରିବାକୁ ଉଦ୍ୟମ ଚାଲିଛି । ସବୁ ହେଉଛି ଆଉ ହେବ ! ହେଲେ ଅତୀତର ପରମ୍ପରା ଧାରୀ ଇତିହାସର ପୃଷ୍ଠାକୁ ନ ଦେଖି ଅଧିକ ସୁଖଶାନ୍ତି ଆଶାରେ ପ୍ରକୃତ ଆନନ୍ଦ ଓ ସ୍ୱାଚ୍ଛନ୍ଦ ହରାଇ ବସିଛି ଏଇ ମନୁଷ୍ୟ । ଧନ୍ୟରେ ମଣିଷ ଆଉ ତାର ପ୍ରବୃତ୍ତି ।

ପ୍ରଳାପ କରୁଥିଲେ ମନମୋହନବାବୁ । ଇଜିଚେୟାର ଉପରୁ ମୁଣ୍ଡ ଉଠାଇ ଚାହିଁଲେ ସେ । କିନ୍ତୁ ସେତେବେଳକୁ ସିପ୍ରା ଆଉ ନ ଥିଲା । ମାର୍କସବାଦ ଲେଲିନ୍ ଆଉ ନେପୋଲିଅନଙ୍କ ନିର୍ଭୀକତା, ଗାନ୍ଧୀଙ୍କର ଅହିଂସା ନୀତି, ସୁବାଷ ବୋଷଙ୍କର ଆଜାଦ୍‌ହିନ୍ଦ୍ ଫୌଜ ସବୁ କଥା ସେ ପିଲାଟି ଦିନୁ ତାର ଏଇ ଝିଅକୁ ଶିକ୍ଷା ଦେଉଥିଲେ । ଗୀତା, ଉପନିଷଦ ପଢ଼ା ଶିଖାଉଥିଲେ ମନରେ ଧର୍ମଭାବ ଉଦ୍ରେକ ହେବାପାଇଁ । ତାଙ୍କର ଇଚ୍ଛା ଥିଲା ସିପ୍ରା ତାଙ୍କର ଆଦର୍ଶ ଗ୍ରହଣ କରି ଏକ ନିର୍ଭୀକା ଆଦର୍ଶବାଦୀ ଝିଅ ହେଉ । ନିଜେ ନିଜ ଗୋଡ଼ରେ ଠିଆ ହେଉ । ବିଂଶ ଶତାବ୍ଦୀର ଝିଅ ଯେପରି ଜୀବନ ଯୁଦ୍ଧରେ ହାରି ନ ଯାଉ ।

ଆଜି ଭସ୍ମାସୁରର ବର ପରୀକ୍ଷା ଶିବଙ୍କ ମୁଣ୍ଡରେ ହେଲାପରି ମନମୋହନବାବୁଙ୍କ ଉପରେ ସିପ୍ରାର ଚୋଟ ବସିବ ବୋଲି ତାଙ୍କର ଧାରଣା ନଥିଲା । ବହୁତ ଦୁଃଖ ଆଉ ଅନୁତାପ ଭିତରେ ସନ୍ତୁଳି ହୋଇ ତାଙ୍କ ଆଖିରୁ ଦୁଇବିନ୍ଦୁ ଲୁହ ଗଡ଼ି ପଡ଼ିଲା । ଜନ୍ମଦାତା ସିପ୍ରାର ପିତା ମନମୋହନ ବାବୁଙ୍କର ୪୫ ବର୍ଷ ଭିତରେ ଏଇ ହେଉଛି ପ୍ରଥମ ଆଘାତ ଆଉ ପ୍ରଥମ ଲୁହ । ଝିଅ

ପାଖେ ସେ ଆଜ ଆପେ ଆପେ ନଇଁଗଲେ ଲଜ୍ଜା, ଘୃଣା, ଅପମାନ ଓ ରାଗରେ । ତାଙ୍କର ଇଚ୍ଛା ହେଉଥିଲା ସିପ୍ରାର ତଣ୍ଟିଟା ଚପି-ଦେବାକୁ । ପୁଣି ସେ ଭାବିବାକୁ ଲାଗିଲେ, ବସା ଗୁଡ଼ା ପକ୍ଷୀ ଉଡ଼ି ଶିଖୁଛି । ଦେଖାଯାଉ, କ'ଣ ହେଉଛି ? କେଉଁ ପାଣି କୁଆଡ଼କୁ ଯାଉଛି ?

ପ୍ରତୀକ୍ଷା କରିଥିଲା ଜୟନ୍ତ । କୁଆଡ଼େ ଗଲା ସୁବ୍ରତ ! କାହାକୁ କିଛି ନକହି ସେ ଦୁଇ ଦିନପାଇଁ କୁଆଡ଼େ ଯାଇଥିଲା । କାଲି ମଧ୍ୟ ରାତିରେ ଆସି ନ ଥିଲା ସେ ।

ହଠାତ୍ ସୁବ୍ରତକୁ ଆଖି ଆଗରେ ଦେଖି ଜୟନ୍ତ କହିଲା— କରେ ! ଏତେ ରାତିରେ ? କୁଆଡ଼େ ଯାଇଥିଲୁ ? କେଉଁ ବାଟେ ଆସିଲୁ ?

ଗେଟ ବନ୍ଦ । ବାଧ ହୋଇ ପାଚେରି ଡେଇଁ ଆସିଛି । ସୁବ୍ରତ କହିଲା ।

କିନ୍ତୁ ଇମିତି ଚୋରଙ୍କ ଭଳି ଲୁଚି ଲୁଚି ଆସିବାର କ'ଣ ଦରକାର ଥିଲା କହିଲୁ ?

ଛାଡ଼ ସେ ବାଜେକଥା ! ମୋତେ ଶୋଇବାକୁ ଟିକେ ସ୍ଥାନଦେ । କାଲି ସକାଳୁ ସବୁ କହିବି ।

ଜୟନ୍ତ ଆଉ କିଛି ପଚାରିଲା ନାହିଁ ।

କିନ୍ତୁ ସକାଳୁ ଉଠି ଜୟନ୍ତ ଦେଖିଲା—ଯେଉଁ ରାତିର ଅନ୍ଧକାର ଭିତରେ ଲୁଚିଛପି ଆସିଥିଲା, ସେଇ ରାତିର ଅନ୍ଧକାର ମଧ୍ୟରେ ଲୁଚିକରି ସୁବ୍ରତ କୁଆଡ଼େ ପଳାଇ ଯାଇଛି ।

ଜୟନ୍ତ ଆଶ୍ଚର୍ଯ୍ୟ ହେଉଥିଲା ।

ଧନଯାଇ ଶାନ୍ତ ହେଲା ।

ହଠାତ୍ ସୁବ୍ରତ ପଚାରିଯାଇ କହିଲା—କିରେ ! କଣ ଭାବୁଛୁ କରେ ଜୟନ୍ତ !

ଜୟନ୍ତ ବିସ୍ମିତ ହୋଇଗଲା । କହିଲା—ଆରେ ! ତୁ କୁଆଡ଼େ ଯାଇଥିଲୁ ସୁବ୍ରତ ?

କୁଆଡେ ଆଉ ଯିବ ! ଯାଇଥିଲି ଗାଁକୁ ।

ଗାଁକୁ । ମାନେ—

ବାପା ଚିଠିଦ୍ୱାରା ଡକାଇଥିଲେ । ତେଣୁ ବାଧ୍ୟହୋଇ ଯିବାକୁ ପଡ଼ିଲା ।

କିନ୍ତୁ କାହିଁକି ଡକାଇଥିଲେ ସେ ? ଜୟନ୍ତ ପଚାରିଲା ।

ମୋର ବିବାହର ନିଷ୍ପତ୍ତି କରିବା ପାଇଁ—

ନିଷ୍ପତ୍ତି ହେଲା ?

ହଁ !

କେଉଁଠି ? ଜୟନ୍ତ ପଚାରିଲା ।

ମନମୋହନବାବୁଙ୍କ ଝିଅ ସିପ୍ରା ସହିତ ।

କଣ କହିଲୁ ? ସିପ୍ରା ସହିତ ? ତୁ ଏଥିରେ ରାଜି ହେଲୁ ତ ?

ମୁଁ ରାଜି ନ ହେଲେ ବି ବାପା ରାଜି ହୋଇଛନ୍ତି ।

ଶେଷକୁ ତୁ କିନ୍ତୁ ଅନୁତାପ କରିବୁ ସୁବ୍ରତ ! ସିପ୍ରା ଚରିତ୍ରହୀନା ! ଏବେ ବି ତା'ର ପୁରାତନ ପ୍ରେମିକଗଣ ଅଛନ୍ତି । ପୁଣି ଗୋଟେ ନୁହେଁ—ଗୁଡ଼ିଏ । ବିବାହ ତା'ପାଇଁ ଏକ ପ୍ରହସନ ମାତ୍ର ।

ମାନେ ? ସୁବ୍ରତ ପଚାରିଲା ।

ମୁଁ ସତ କହୁଛି ସୁବ୍ରତ । ସିପ୍ରା ଭ୍ରଷ୍ଟା, ଚରିତ୍ରହୀନା । ଆଡ୍‌ଭୋକେଟ୍ ମନମୋହନ ବାବୁଙ୍କ କନ୍ୟା ଏପରି ଚରିତ୍ରହୀନା ହୋଇପାରେ, ଏହା ସମସ୍ତଙ୍କର କଳ୍ପନାର ଅତୀତ । ପୁରୁଷଙ୍କୁ ଭଲପାଇବା ତା'ର ଏକ ଖିଆଲ । କ୍ରମାନ୍ୱୟରେ ଜଣକପରେ ଜଣକୁ ଭଲ ପାଇ ଚାଲିଛି ସେ ।

କିନ୍ତୁ ଏପରି କରିବାର ମାନେ ?—ସୁବ୍ରତ ପଚାରିଲା ।

ମାନେ ଖୁବ୍ ସହଜ ! ଦେହର ଲାଳସା, ମନର କାମନା ପରିପୂର୍ଣ୍ଣ ହେଉଛି ଏବଂ ବହୁ ପୁରୁଷର ଅନୁଭୂତି ଉପଭୋଗ କରିପାରୁଛି ।

ସୁବ୍ରତ ହସିଲା ଜୟନ୍ତର କଥାଶୁଣି ।

ଜୟନ୍ତ କହିଲା—ଆମର ପୂର୍ବପୁରୁଷମାନେ ନାରୀମାନଙ୍କୁ ଯେଉଁ ଶୃଙ୍ଖଳାରେ ରଖିଥିଲେ ତାହା ପ୍ରକୃତ ଠିକ୍ ବାଟ । ସାମାନ୍ୟ ସ୍ୱାଧୀନତା ଦେଲେ ସେମାନେ ମଣିଷ ସମାଜକୁ ବି ମାନିବେ ନାହିଁ । ଦେଖୁନୁ, ଆଜିକାଲି ଯେମିତି ପ୍ରେମ ବିବାହ ହେଉଛି ସେମିତି ଛାଡ଼ପତ୍ରର ସଂଖ୍ୟା ମଧ୍ୟ ବଢ଼ି ଚାଲିଛି । ବାପ ମାଆ ଯେଉଁ ଅଦେଖା ଅଶୁଣା ଝିଅ ସାଥିରେ ବିବାହ ଠିକ୍ କରି ଦିଅନ୍ତି ତାଙ୍କୁଇ ବିବାହ କଲେ ଜୀବନ ସୁଖମୟ ହୁଏ । ଶିକ୍ଷା, ସଭ୍ୟତା ନାମରେ ଆମେ ଯେଉଁ ବିଶୃଙ୍ଖଳା ସୃଷ୍ଟି କରୁଛୁ ସେହି ଆମକୁ ନର୍କର ପଥ ଆଡ଼କୁ ବାଟ କଢ଼ାଇ ନେଉଛି ।

ସୁବ୍ରତ କେବଳ ଚାହିଁଥିଲା ଜୟନ୍ତକୁ ।

ଜୟନ୍ତ କହିଲା—ମୋ କଥା ମାନ ! ତୁ ବିବାହ କର । ଦୁନିଆରେ ଅସୁମାରି ଝିଅ ଅଛନ୍ତି—କିନ୍ତୁ ସିପ୍ରାକୁ ନୁହେଁ !

'ତେବେ···ସୁବ୍ରତ ଅଟକି ଗଲା ।

ତୁ ଯଦି ରାଜି ହେବୁ, ତେବେ ତୋ ପାଇଁ ଇମିତି ଗୋଟିଏ ସାଥୀ ଜୁଟାଇ ଦେବି ଯେ, କାଳକାଳକୁ ତୁ ମନେ ରଖିଥିବୁ ।

ସୁବ୍ରତ ହସିଲା କେବଳ ।

ମୋତେ କଥା ଦେ ସୁବ୍ରତ । ତୋ ବିବାହ ପାଇଁ ମୁଁ ସମସ୍ତ ଭାର ନେଉଛି । କିନ୍ତୁ ତୁ ବର୍ତ୍ତମାନ ବାପାଙ୍କ ପାଖକୁ ଚିଠି ଲେଖି ଜଣାଇ ଦେ ଯେ, ସିପ୍ରା ସହିତ ବିବାହ ଅସମ୍ଭବ ।

ସୁବ୍ରତ ରାଜି ହୋଇଗଲା ଜୟନ୍ତର କଥାରେ ।

ଦୁଇବନ୍ଧୁ ହସିଉଠିଲେ ମନଖୋଲା ହସ ।

ସିପ୍ରା ମନେ ମନେ ହସୁଥିଲା ।

କେଉଁ ଏକ ନାମହୀନ ପଲ୍ଲୀ ଅଞ୍ଚଳର ସୁବ୍ରତ ଦାସ । ଆଉ ସହରର ଅତ୍ୟାଧୁନିକ ବିଶିଷ୍ଟ ପୁଞ୍ଜିପତିର ସନ୍ତାନ ସିପ୍ରା । ଯାହାର ଆଖି ଝଲସିଆ ପୋଷାକ ନାହିଁ, ଯିଏ ଭଦ୍ର ପରିବାର ସଙ୍ଗେ କଥାଭାଷା କରିବାର ସାମାନ୍ୟ ଭଦ୍ରତାଜ୍ଞାନ ଭୁଲିଯାଏ, ସେଭଳି ଲୋକକୁ ସେ ବିବାହ କରି ସୁଖୀ ହୋଇ ପାରିଥାଆନ୍ତା !

ନାଁ, ମୋଟେ ନୁହେଁ । ସୁବ୍ରତର ରୂପ ଅଛି, ଯୌବନ ଅଛି । ତା' ବୋଲି ତା' ଜୀବନର ଚରମ ସୁଖ ସେଇ ରୂପ ନୁହେଁ । ଯିଏ ନିଜର ସ୍ତ୍ରୀ ପାଇଁ ମନଲାଖି ଅଳଙ୍କାର, ଆଧୁନିକ ବସନ ଯୋଗାଇ ନ ପାରିବ, ତାକୁ ବା ସେ କିପରି ବିବାହ କରିବାକୁ ସମ୍ମତି ଦେଇ ଥାଆନ୍ତା ! ତେଣୁ ସିଧାସଳଖ ବାପାଙ୍କୁ ମନା

କରି ଦେଇଥିଲା । ଆଜି ଶିଶିରକୁ ବିବାହ କରିବ ବୋଲି ମନେ ମନେ ସଂକଳ୍ପ କରିଥିଲା ।

ସେଇ ଶିଶିର ପାଖ ଆଜି ଆସିବେ ।

ତା'ର ମନମନ୍ଦିରର ଦେବତା ଆଜି ଆସିବେ ।

ସିପ୍ରା ହାତ ଘଣ୍ଟାକୁ ଚାହିଁଲା ।

ବାହାରେ ମଟର ଉହିବାର ଶବ୍ଦ ଶୁଣାଗଲା ।

ଉତ୍କଣ୍ଠିତ ନୟନରେ ସିପ୍ରା ଚାହିଁଲା ବାହାରକୁ ।

ହସି ହସି ଶିଶିର ମାଡ଼ି ଆସୁଛି ଘର ଭିତରକୁ ।

ନମସ୍କାର ଶିଶିରବାବୁ ! ମୁଁ ତ ଆପଣଙ୍କ ଆଗମନ ପଥକୁ ପ୍ରତୀକ୍ଷା କରିଥିଲି ।

ଶିଶିର ପ୍ରତିନମସ୍କାର ଜଣାଇଲା ।

ସିପ୍ରା ବସିବାକୁ ଚେୟାର ଦେଲା ।

ଚାହାର ପର୍ବ ସରିଲା ।

ଶିଶିର କହିଲା—ଘରଭିତରେ ବସି କ'ଣ କରୁଛ ? ଆସ, ମଟରରେ ଟିକେ ବୁଲି ଆସିବା !

ସିପ୍ରା ସ୍ମିତ ହସି କହିଲା—କୁଆଡ଼େ ଯିବା ତାହାହେଲେ ? କାଠଯୋଡ଼ି ନା ମହାନଦୀ !

ଯୁଆଡ଼େ ତୁମର ଇଚ୍ଛା । —ଶିଶିର ଉତ୍ତର ଦେଲା ।

ବେଶ୍ ! ତେବେ ଚାଲ ମହାନଦୀ କୂଳକୁ ।

ଦୁହେଁ ବାହାରିଗଲେ ପଦାକୁ ।

ମଟର ଚାଲିଥିଲା ତୀର ବେଗରେ ଜନଗହଳିର ବୁକୁଚିରି ।

ମହାନଦୀର ସେହି ନିରୋଳା ସ୍ଥାନ । ସନ୍ଧ୍ୟାହେଲେ ଯେଉଁଠି ମଣିଷର ପାଦଚିହ୍ନ ପଡ଼େନା ସେଇଠି କାର୍ ରଖି ଶିଶିର ସିପ୍ରାର ହାତଧରି ନେଇଗଲା ।

ଶିକଡାମୂଳ ପ୍ରାନ୍ତରରେ ଦୁହେଁ ବସିଲେ ।

ଆକାଶରେ ଅଷ୍ଟମୀ ଚନ୍ଦ୍ର ।

ଶିଶିର ଚାହିଁଲା ସିପ୍ରାକୁ ।

ସିପ୍ରା ନାଇଲନର ଶାଢ଼ୀ ଦେହରେ ବନ୍ଧନ କରିଛି । ରେଶମୀ ରଙ୍ଗର ବ୍ଲାଉଜ ତଳେ ବକ୍ଷ ବନ୍ଧନୀ ସ୍ପଷ୍ଟରୂପେ ବାହାରକୁ ଦେଖା ଯାଉଛି ।

ହଠାତ୍ ସିପ୍ରା କହିଲା—ଗୋଟାଏ ପ୍ରଶ୍ନ କରିବି । ଉତ୍ତର ଦେବ ?

କ'ଣ କୁହ ?

ଭଲପାଇବା ଭଲ ନା ଖରାପ । ସିପ୍ରା ପଚାରିଲା ।

ଭଲପାଇବା ଖରାପ ନୁହେଁ—ପାଇବା ଭିତରେ ଯଦି ନିଶ୍ଚିତକୁ ଆଶା କରି ଅନିଶ୍ଚିତ ଦେଖାଦିଏ, ସେତେବେଳେ ଭଲପାଇବା ଖରାପ ହୋଇ ଉଠେ । ଆଉ ସେଇଥିପାଇଁ ଅନେକ ଅକାଳରେ ମୃତ୍ୟୁବରଣ କରି ଥାଆନ୍ତି ।

ସିପ୍ରା ଆଉ କିଛି କହିଲା ନାହିଁ । ସେ ଭାବୁଥିଲା ଏତେ ଶୀଘ୍ର ବିବାହ କରି ଗୃହ ଜଞ୍ଜାଳ ଭିତରେ ଛନ୍ଦି ହୋଇଯିବ ନା ମୁକ୍ତ ଭାବରେ ବୁଲିବୁଲି ହାଲିଆ ହୋଇ ପଡ଼ିଲେ ବିବାହ କରିବ ।

ନାଁ, ଏତେ ଶୀଘ୍ର ସେ ବିବାହ କରିବ ନାହିଁ । ଜୀବନ ଉପଭୋଗ କରିବ । ଅନୁଭବ କରିବ । କିନ୍ତୁ ଏତେ ଶୀଘ୍ର ବିବାହ କରି ଜଣେ ପୁରୁଷ ପାଖରେ ନଇଁ ଯିବ ନାହିଁ ।

ବିବାହ ! ମନେମନେ ହସୁଥିଲା ସିପ୍ରା । ମୂଲ୍ୟହୀନ, ଅବାନ୍ତର କଥା । ପୁରୁଷ ଆଉ ସ୍ତ୍ରୀର ସମ୍ପର୍କ କେବଳ ଘର କରଣା ଭିତରେ

ପର୍ଯ୍ୟବେସିତ ହୋଇ ନ ପାରେ । ଜଣକୁ ବିବାହ କରି ଗୃହ-ଜଞ୍ଜାଳରେ ମଗ୍ନି ଚକଟି ହୋଇ ନିଜର ରୂପ ଯୌବନ ହରାଇ ସନ୍ତାନର ମାଆ ହେବାକୁ ପସନ୍ଦ କରିପାରେନା ସିପ୍ରା । ତାର ବା ଅଭାବ କଣ ? କାର୍, କୋଠା, ବ୍ୟାଙ୍କବାଲାନ୍ସ ସବୁଅଛି । ତେଣୁ ସେ କାହିଁକି କାହାକୁ ଡରିବ ? ସେ ନାଚିବ, ଫୁର୍ତ୍ତି କରିବ । ରଙ୍ଗିନ୍ ପ୍ରଜାପତି ଭଳି ଏ ଫୁଲରୁ ସେ ଫୁଲକୁ ଡେଇଁ ବୁଲିବ । ଜଣକୁ ଛାଡିଲେ ଆଉ ଜଣଙ୍କର ଅନ୍ୱେଷଣରେ ଘୂରିବୁଲିବ ।

ସିପ୍ରା ଖାଲି ନଚାଇ ଶିଖିଛି ହେଲେ ନାଚ ଜାଣେନା । ଜେଲା ସାପ ଖେଳାଏ । ହେଲେ ସିପ୍ରା···ସେ ଖେଳାଏ ମଣିଷ । ଜେଲା ସାପ ଖେଳାଇବା ପୂର୍ବରୁ ବିଷଦାନ୍ତ ଝିଙ୍ଗାଇ ଦେଇଥାଏ କିନ୍ତୁ ସିପ୍ରା ସେତିକି ଜାଣେନା । ସେ ଫୁଟିନ୍ତା ଗୋଲାପ ଭଳି ସବୁଦିନେ ଥିବ ସୁନ୍ଦର । ଭଲକ ଭଳି ନିଜକୁ ସଜାଇ ଅନ୍ୟକୁ ଟାଣି ଆଣିବ ଜଳନ୍ତା ନିଆଁକୁ । ତାର ବୟସ ନଇଁବ ନାହିଁ, ଧନ ସରିବ ନାହିଁ । ରୂପ ମଉଳିବ ନାହିଁ ।

ତମେ କ'ଣ ଭାବୁଛ ସିପ୍ରା ! ଶିଶିର ମାରିବଡା ଭଙ୍ଗିକରି ପଚାରିଲା ।

କ'ଣ ଆଉ ଭାବିବା ଭାବୁଥିଲି ତୁମର କଥା !

ସତେ ! ତେବେ ତୁମେ ମୋ କଥା ଚିନ୍ତାକର ! ସତ କହୁଚ ସିପ୍ରା !

ସତ ନୁହେଁ ଆଉ କ'ଣ ମିଛ ! ଆଉ କିଛି କହି ପାରିଲା ନାହିଁ ସିପ୍ରା । ହସି ହସି ବାଲୁକା ଶଯ୍ୟା ଉପରେ ଗଡ଼ିଗଲା ।

ଶିଶିର ସିପ୍ରାର ହାତକୁ ଧରି ଟାଣି ଆଣିଲା ନିଜ ଆଡ଼କୁ ।

ସିପ୍ରା ଉଠିଲା ।

ସିପ୍ରା ଚିତ ହୋଇ ଶୋଇଛୁ ବାଲୁକାର କୋମଳ ଶଯ୍ୟା ଉପରେ । ଅଷ୍ଟମୀର ଚନ୍ଦ୍ରକୁ ଚାହିଁ ମିଚି ମିଚି ହସୁଛୁ ସେ ।

ଶିଶିର ସିପ୍ରାର ଅତି ନିକଟକୁ ଲାଗିଗଲା । ସିପ୍ରାର କାଖ ତଳେ ହାତ ପୁରାଇ ନିଜ ଆଡକୁ ଟାଣି ଆଣିଲା ।

ବାଘ ପିଲାଟି ପରି ସିପ୍ରା ଆଉଜି ଗଲା ଶିଶିରର ପ୍ରଶସ୍ତ ବୁକୁ ଉପରେ ।

ତାପରେ... ?

ଅତୀତକୁ ଚିନ୍ତା କରୁଥିଲେ ମୁକ୍ତିକାନ୍ତ ।

ଭାବିବାକୁ ଆଜି ଢେର ସମୟ ମିଳିଛି ।

କାଲିପରି ଲାଗୁଛି ସବୁ । ଏଇ ଉଆସ ଭିତରେ କେତେ ଲୋକ ଆତଯାତ ହେଉଥିଲେ । ଦାସ ଦାସୀ, ଚାକର ଗୁମାସ୍ତା । କେତେ ସୁକୁମାରୀ ଲଳନାଙ୍କର ରୂପ ଯୌବନ ଉପଭୋଗ କରିଛନ୍ତି ଏଇଠି ସେ ନିଜେ । ସୁରା ଆଉ ସାକୀ ସହିତ ।...

କିନ୍ତୁ ଆଜି...

ସବୁ ଯେପରି କୁଆଡେ ଉଭା ହୋଇଗଲା ନିମିଷକ ମଧ୍ୟରେ । ଯେଉଁ ସତୀ-ସ୍ୱାଧୀମାନେ ନିଜ ରୂପ ଯୌବନରେ ଏଇ ଉଆସକୁ ରଙ୍ଗୀନମୟ କରିଥିଲେ ସେମାନେ ଆଜି ଅବହେଳିତ ଭାବେ ଏଇ ଉଆସରୁ ବହିଷ୍କାର ହୋଇଛନ୍ତି । ସେଇମାନଙ୍କ ଆଖି ଲୁହରେ ଆଜି ଏଇ ପରିବାର ଏଇ ଉଆସ ଧ୍ୱଂସ ହୋଇଯାଇଛି ।

ଧନ ମଣିଷକୁ ଶାନ୍ତି ଦିଏ ନାହିଁ—ଦିଏ ଦୁଃଶ୍ଚିନ୍ତା । ଅତି ଧନରେ ମଣିଷ ବିପଥଗାମୀ ହୁଏ ।

ଆଜ ସେଇ ସବୁ କଥାର ହିସାବ ଯୋଡ଼ୁଥିଲେ ମୁକ୍ତିକାନ୍ତ । କେତେ ବିଧବା, ନିଆଶ୍ରୀଙ୍କୁ ସାମାନ୍ୟ ଟଙ୍କାଦେଇ ତାଙ୍କ ଜମି ନିଜର କରିଛନ୍ତି । କେତେ ସୁଖୀ ପରିବାରରେ ନିଆଁ ଲଗାଇ ଉଚ୍ଛନ୍ନ କରିଛନ୍ତି । କେତେ ସତୀ-ସାଧ୍ୱୀ ସ୍ତ୍ରୀ, ସୁକୁମାରୀ କନ୍ୟାକୁ ନିଜର ଇନ୍ଦ୍ରିୟ ଲାଳସା ଚରିତାର୍ଥ କରିବା ପାଇଁ ସେମାନଙ୍କୁ ବିପଥଗାମୀ କରିଛନ୍ତି । ତାଙ୍କର କରୁଣ କାନ୍ଦଣା ଏଇ ଘରର ଗୁହ ଭେଦି ବାହାରକୁ ଯାଇପାରିନି । ନିଜ ମାଆଙ୍କର ଆଖିଲୁହ, ମୃତ୍ୟୁ ଦିନର ଅଭିଶାପ, ସ୍ତ୍ରୀ ଚନ୍ଦ୍ରାର ଶିର ଅସନ୍ତୋଷ ଏବେ ବି ମନେପଡ଼େ ତାଙ୍କର । ଦିନେ ହେଲେ ସେମାନଙ୍କୁ ସୁଖୀ କରି ପାରିନାହାନ୍ତି । ଆଜବି ମନେ ପଡ଼େ ଚନ୍ଦ୍ରାର ଶେଷ କେଇପଦ କଥା—"ମୋ କଥା ମିଛବୋଲି ଭାବ ନାହିଁ ! ମୁଁ ସତ କହୁଛି । ସ୍ରଷ୍ଟା କାହାର ଗର୍ବ ରଖିନାହାନ୍ତି । ଦିନେ ତୁମର ବି ସମୟ ଆସିବ, ସେଦିନ ତୁମର ଭୁଲ୍ ନିଜେ ବୁଝିପାରିବ ।"

କିନ୍ତୁ ଆଜ...

ଚନ୍ଦ୍ରା ନାହିଁ । ଅଥଚ ସେ ଯାହା କହିଥିଲା ତାହା ଅକ୍ଷରେ ଅକ୍ଷରେ ସତ୍ୟ ହୋଇଛି ।

ମୁକ୍ତିକାନ୍ତ ଅତୀତର ପାପକର୍ମ ପାଇଁ ଅନୁତାପ କରୁଥିଲେ ।

ଘର ଅଶାନ୍ତି ଭିତରେ ସେଦିନ ଚନ୍ଦ୍ରା ଚାଲିଗଲା । ସ୍ମୃତି ସ୍ୱରୂପ ଛାଡ଼ି ଦେଇଗଲା ସୁବ୍ରତକୁ ।

ଚନ୍ଦ୍ରାର ଅଭାବ ବେଶିଦିନ ଅନୁଭବ କରି ପାରି ନଥିଲେ ସେ । ନିଜ କାମନା ଚରିତାର୍ଥ କରିବାପାଇଁ ସେ ପୁଣି ବିବାହ କରିଥିଲେ ।

ନୂତନ ବିବାହିତା ପତ୍ନୀ ବିମଳା ତାଙ୍କ ସ୍ତ୍ରୀ ହେଲା । ଜମିଦାର ବଂଶର କୁଳବଧୂ ରୂପେ ମଣ୍ଡିତା ହେଲା ସେ । କିନ୍ତୁ

ଯେଉଁ ସଣ୍ଡ-ସ୍ୱାଧୀ କୁଳବଧୂମାନଙ୍କୁ ଆଣି ଏଇ ଉଆସରେ ତାଙ୍କୁ ଖେଳନା ପରି ଖେଳାଇଥିଲେ, ବିବାହ ପରେ କୁଳବଧୂ ବିମଳା ତାଙ୍କୁ ଖେଳାଇବାକୁ ଲଗିଲ ।

ବିମଳା ମୁଖରା ସ୍ତ୍ରୀ । ସୁବ୍ରତକୁ ସେ ଆଦୌ ଭଲ ପାଏନାହିଁ । ନିଜ ଶରୀରର ଶିଥିଳତା ଅନୁଭବ କଲାପରେ ମୁକ୍ତିକାନ୍ତ ଅନୁତାପ କରୁଥିଲେ । କାହିଁକି ସେ ପୁଣି ଆଉଥରେ ବିବାହ କଲେ । କଣ ପ୍ରୟୋଜନ ଥିଲା ତାଙ୍କର !

ସୁବ୍ରତ ପରି ପୁଅ ଥିଲା ତାଙ୍କର । ଆଉ ବା କଣ ଦରକାର ଥିଲା ? ତାକୁଇ ବିବାହ କରି ଦେଇଥିଲେ ଏ ବଂଶ ଜିଇବଞ୍ଚି ରହିଥାଆନ୍ତା । କିନ୍ତୁ···

ବିମଳା ସୁବ୍ରତକୁ ଆଦୌ ଭଲପାଆନ୍ତି ନାହିଁ ।

ବିମଳାଙ୍କ କଥାରେ ପଡ଼ି ସେ ବି ସୁବ୍ରତକୁ ଭଲପାଉ ନଥିଲେ । କିନ୍ତୁ ସୁବ୍ରତ ସହିତ ସେଦିନ ଯଦି ଉର୍ବଶୀର ବିବାହ ସାରିଦେଇ ଥାଆନ୍ତେ, ତେବେ ହୁଏତ ସୁବ୍ରତ ଆଜି ହା-ହୁତାଶ ଭିତରେ ଦିନ କାଟୁ ନ ଥାନ୍ତା । କିନ୍ତୁ ସୁବ୍ରତର ଅଭିଯୋଗ ସେ ପ୍ରତ୍ୟାଖ୍ୟାନ କରିଥିଲେ । ସୁବ୍ରତ ବି କୌଣସି ପ୍ରତିବାଦ ନ କରି ଫେରିଯାଇଥିଲା ।

ଆଜି କିନ୍ତୁ ସେ ବୁଝୁଛନ୍ତି, ସୁବ୍ରତର ଅଭିଯୋଗ ପ୍ରତ୍ୟାଖ୍ୟାନ ନ କରି ଉର୍ବଶୀ ସହିତ ତା' ବିବାହ ସାରି ଦେଇଥିଲେ ଏ ବଂଶର [illegible]ପାଆନ୍ତା । ତା ଛଡ଼ା ସୁବ୍ରତର ଜୀବନ ବେଶ୍ ଆନନ୍ଦମୁଖର ହୋଇଥାଆନ୍ତା । ତାର ପାଗଳାମୀ ଢଙ୍ଗ ବଦଳି ଯାଇଥାଆନ୍ତା ।

ବିଗତ ଅନେକଦିନ ପରେ ସୁବ୍ରତର କଥା ଚିନ୍ତା କରି ସେ ଅନୁତାପ କରୁଥିଲେ ।

ନାଁ, ଆଉ ନୁହେଁ; ଆଉ ସେ ସୁବ୍ରତ ପ୍ରତି ଅବହେଳା କରିପାରିବେ ନାହିଁ । ତେଣୁ ସେ ଏଇ ଦିନ କେଇଟା ଭିତରେ ସୁବ୍ରତର ବିବାହ ସାରିଦେବାକୁ ମନସ୍ଥ କରିଛନ୍ତି ।

ମନମୋହନ ବାବୁଙ୍କ ଝିଅ ସିପ୍ରା ସହିତ ସେ ସୁବ୍ରତର ବିବାହ ଠିକ୍ କରିଥିଲେ । ସୁବ୍ରତକୁ ଡକାଇ ଏ କଥା ମଧ୍ୟ ପଚାରିଥିଲେ । ସୁବ୍ରତ ବି ରାଜି ହୋଇଥିଲା । କିନ୍ତୁ ସହରକୁ ଯାଇ ଚିଠି ଲେଖି ମନା କରିଦେଇଥିଲା । ଲେଖିଥିଲା—ସିପ୍ରା ଚରିତ୍ରହୀନା । ତା' ସହିତ ମୋର ବିବାହ ଅସମ୍ଭବ ।

ମୁକ୍ତିକାନ୍ତ ମଧ୍ୟ ଚିଠି ଲେଖି ଉତ୍ତର ପଠାଇଥିଲେ—ତୁ ଯାହାକୁ, ଯେଉଁଠି ବିବାହ କରିବାକୁ ରାଜି ହେବୁ, ସେଠି ତୋର ବିବାହ ନିଶ୍ଚୟ ହେବ ।

ତା'ପରେ ସୁବ୍ରତ ନୀରବ ରହିଥିଲା ।

ମୁକ୍ତିକାନ୍ତ କିନ୍ତୁ ପ୍ରତୀକ୍ଷା କରିଥିଲେ ସୁବ୍ରତର ଚିଠିକୁ ।

ପବୀଣା ଅସାମାନ୍ୟ ସୁନ୍ଦରୀ ନୁହେଁ । କିନ୍ତୁ ତା'ର ନାରୀତ୍ୱ, ତା'ର ବ୍ୟକ୍ତିତ୍ୱ ତାକୁ ସୁନ୍ଦରୀ କରିଛି । ଅଳ୍ପ ବୟସର ସେ ବହୁତ କିଛି ଶିଖିଛି । ଯାହାକି ତା ସାଂସାରିକ ଜୀବନରେ ଆବଶ୍ୟକ । ସେ ବୁଦ୍ଧିମତୀ, ସରଳା । ବାପ, ମାଆଙ୍କୁ ସେ ଜାଣେ ନାହିଁ । ଭାଇ ଭାଉଜଙ୍କ ଶ୍ରେଷ୍ଠ ସଂସାର ଭିତରେ ମଧ୍ୟବିତ୍ତ ପରିବାରରେ ସେ

ବଢ଼ିଛି । ଅଭାବ, ଅସୁବିଧା, ଅନାଟନ, ଭାଉଜର ଘରକରଣା ଭିତରେ ତାର ବହୁତ ଅନୁଭୂତି ହୋଇଛି । କୌଣସି କଥାରେ ବିଚଳିତ ହେବା ବା ଆନନ୍ଦରେ ଆତ୍ମହରା ହୋଇ ପଡ଼ିବା ତା ଜାତକରେ ନାହିଁ । ମୁକ୍ତିକାନ୍ତଙ୍କ ପାଦଧୂଳି ନେଇ ଶ୍ୱଶୁର ବୋଲି ଯେମିତି ଜାଣିଲା, ଜୟନ୍ତ ସହିତ ସୁବ୍ରତଙ୍କୁ ଦେଖି ସ୍ୱାମୀ ବୋଲି ଚିହ୍ନିଥିଲା । ତାର ଚେତନା ଫେରିଥିଲା, ସେ କାନ୍ଦିଥିଲା ସେଦିନ । ହେଲେ କାହିଁକି କାନ୍ଦିଥିଲା ସେ ନିଜେ ବି ଭଲଭାବରେ ବୁଝିପାରି ନଥିଲା । ବାପଘର ତ ଖୁସିଘର । ସମସ୍ତେ ଖୁସି ହୁଅନ୍ତି । ନୂତନ ଜୀବନର ସନ୍ଧାନୀ ହୋଇ କେତେ ଜଣ କଳ୍ପନାର ପାରିଜାତ ତୋଳନ୍ତି । ମନର ରକେଟକୁ ମଙ୍ଗଳଗ୍ରହକୁ ପଠାନ୍ତି । ହେଲେ ପବିତ୍ରା···ସେ ପାରି ନ ଥିଲା । ବିଭାଘର ସାହାନାଇର କରୁଣ ମୂର୍ଚ୍ଛନା ଠାରୁ ତା କଣ୍ଠର ଅଶ୍ରୁଳ ସ୍ୱର ଆହୁରି କରୁଣ ହୋଇଥିଲା ।

ଭାଇ ଭାଉଜ ଜାଣିଲେ—ପବିତ୍ରା ବାପ-ମାଆର ଅଭାବ ଅନୁଭବ କରୁଛି । ଦେଖଣାହାରୀଏ କହିଲେ—ପବିତ୍ରା ଶାଶୁଘର ଯିବ ବୋଲି କାନ୍ଦୁଛି । କିନ୍ତୁ ପବିତ୍ରା କାନ୍ଦୁଥିଲା ଦୁଃଖରେ—ଗଲାଦିନର ମଧୁରତା ହରାଇ । ପାଇବାର ଇଚ୍ଛା ନ ପାଇବା ପର୍ଯ୍ୟନ୍ତ ଥାଏ । କିନ୍ତୁ ପାଇଲା ପରେ ଆଗ୍ରହ ରହେ ନାହିଁ । ସେ ଭଲକରି ବୁଝିଥିଲା ତା ଜୀବନର ଗୋଟିଏ ଅଧ୍ୟାୟ ଏଇଠୁ ସରିଲା, ଆଉ ଏକ ଅଧ୍ୟାୟ ପରେ ଜୀବନର ଶେଷ ।

ପବିତ୍ରା ମନରେ ଅବାନ୍ତର ଭାବନା । ଏ ସଂସାରରେ କିଛି ହେଲେ ଚିରସ୍ଥାୟୀ ନୁହେଁ । ସବୁ ଯେମିତି ସ୍ୱପ୍ନ । ଖିଆଲି ମନର ଖେଳନା । ଗୋଟିଏ ଦିନର ଅବସାନରେ କୋଟିଏ ଭାଷା ଯେମିତି

ଝରିଯାଏ, ସେମିତି ଆୟୁଷରୁ ଦିନଟିଏ ବି ସରି ଯାଏ । ପବିତ୍ରା କାନ୍ଦୁଥିଲା ଭବିଷ୍ୟତର ଆଶଙ୍କାରେ । ବିବାହ-ଜୀବନ ସମସ୍ତଙ୍କର ସୁଖମୟ ହୁଏନା । ସବୁରି ରୁଚି ସମାନ ନୁହେଁ । ହୁଏତ ପବିତ୍ରାର ଚାଲିଚଳନ, ଆଚାର ବ୍ୟବହାର ସୁବ୍ରତଙ୍କୁ ଭଲ ଲାଗି ନ ପାରେ ବା ସେ ଯାହାକୁ ଭଲ ପାଉଥିବ ତାକୁ ତାର ପରିବାର ଗ୍ରହଣ କରୁ ନ ଥିବେ ।

ପବିତ୍ରା ଗୋଟିଏ ନାରୀ; ହେଲେ କୋଟିଏ ମନ ନେଇ, ସମସ୍ତଙ୍କ କଥା ବୁଝି, ସମସ୍ତଙ୍କ ସଙ୍ଗେ ନିଜକୁ ମିଶାଇ ସେ ଚଳି ପାରିବ ତ ? ନିଜ କଥା ନିଜେ ଭୁଲି ଯିବାକୁ ପଡ଼ିବ ତାକୁ । ଆଖିର ଲୁହ ଆଖିରେ ଝରାଇ, ମନର କୋହ ମନରେ ମାରି ତାକୁ ଜୋର୍‌କରି ମୁହଁରେ ହସ ଫୁଟାଇବାକୁ ପଡ଼ିବ । ଏ ସଂସାରକୁ ସେ ନିଜ ପାଇଁ ନ ଆସି ଅନ୍ୟ ପାଇଁ ଆସିଛି । ପାରିବ ତ ସେ ସୁବ୍ରତଙ୍କୁ ଖୁସିକରି ? ସୁଖ, ଦୁଃଖ, ପାପପୁଣ୍ୟ, ଜନ୍ମ, ମରଣ ଭିତରେ ଏ ସଂସାର ଆତଯାତ । ନିମିଷକର ସ୍ମୃତି ମୁହୂର୍ତ୍ତକର ସ୍ୱପ୍ନ ଧରି ମଣିଷ ଏ ସଂସାରକୁ ଆସିଛି । ସମୟର ଗତିରେ ନ୍ୟାୟ, ଅନ୍ୟାୟ, ସତ୍ୟ, ଅସତ୍ୟ ସବୁ ପଡ଼ିରହେ ପଛରେ । ମଣିଷ ଖାଲି ଆଗକୁ ଚାଲେ । ଆଗକୁ ଚାଲିବା ଯେପରି ତାର ଧର୍ମ ।

ଏତେ ଦୁର୍ଗମ ଏତେ ଜଟିଳ ଏ ସଂସାରର ପଥ ! କେତେ ଛଳନାମୟ କେତେ ନିଷ୍ଠୁର ଏ ସମୟ ! ସମୟ ଯଦି ସବୁବେଳେ ଆଗକୁ ଧାଉଁଛି ତେବେ ମଣିଷ କାହିଁକି ଏତେ ପଛକୁ ଫେରି ଚାହିଁବ ?

ପବିତ୍ରା ଅତୀତର ଅଭୁଲା କଥାଗୁଡ଼ିକ ଭାବୁଥିଲା ।

ସମସ୍ତଙ୍କ ଭଳି ପବନୀ ବି ଏକ ଝିଅ । ସମସ୍ତଙ୍କ ଭଳି ତାକୁ ବି ସଂସାର କରିବାକୁ ପଡ଼ିବ । ସ୍ୱର୍ଗ ହେଉ ବା ନର୍କ ହେଉ ସେଥିରୁ ସେ ବା କେମିତି ବାଦ୍ ଯିବ । ଅତି ଆପଣାର ଅତି ପରିଚିତ ସେଇ ଘରକୁ ଛାଡ଼ି ସେ ଚାଲିଆସିଛି । ଅସହାୟ ଅଶ୍ରୁ ଭିତରେ ମନରକୋହ ମଉଳି ଯାଇଛି । ଏହି ହାତରେ ଲଗାଇଥିବା ଟଗର, ତବଟ, ଲିଲି, ଗୋଲାପ ଗଛଗୁଡ଼ିକ କେତେ ବଡ଼ ବଡ଼ ହୋଇଯିବେଣି । ସେଇ ଘରେ ସେ ଚାଲି ଆସିଛି ଦୀର୍ଘ ଅଠର ବର୍ଷ । ସେ ଘରର ସୁଖ ଦୁଃଖ ଭଲମନ୍ଦ ସହିତ ସେ ଓତପ୍ରୋତ ଭାବେ ଜଡ଼ିତ । ସବୁଥିରେ ତାର ଯାଦୁକରୀ ସ୍ପର୍ଶ । ରାତି ପାହିଲେ ଗ୍ରେଟ୍ ଶାରୀଟି ତା ନାଁ ଧରି ଡାକିଉଠେ । ରାତି ପାହିଲେ ଘର ପାଚେରୀ ଉପରେ ବସି କୁକୁଡ଼ାଟି ତାକୁଇ ଯେମିତି ସବୁଦିନେ ଡାକ ନିଦରୁ ଉଠାଇବା ପାଇଁ ବୋବାଏ । ଅଫିସରୁ ଫେରିଲେ ସବୁଦିନେ ଦାଣ୍ଡରେ ଭାଇଙ୍କର ଡାକ ଶୁଭେ "ପବନୀ ।" ଆଜି ଭାଉଜଙ୍କର ଟାହିଲି ଟାପରା କଥା ଭିତରେ ଘରକରଣାର ଉପଦେଶ ସବୁ ମନେ ପଡ଼ୁଛି ପବନୀର । ଫୁଲ ଯେମିତି ଟିକିଏ ଟିକିଏ ଖରାରେ ମଉଳିଯାଏ ନାରୀ ସେମିତି ଟିକିଏ ଦୁଃଖରେ ଭାଙ୍ଗିପଡ଼େ । ଆଜି ଏତେ ଦୁଃଖ ସହିବ କିମିତି ପବନୀ । ଜଣକ ଲାଗି କେତେ ମାୟା ମମତା ତାକୁ ତ୍ୟାଗ କରିବାକୁ ପଡ଼ିବ, ସେଇସବୁ ଭାବୁଥିଲା ସେ । ସେ ଜଣକ ଯେ ତାର ଆପଣାର କି ପର ସେ କଥା ସେ ଜାଣି ପାରୁ ନ ଥିଲା ।

ସବୁରି ଜୀବନର ଗତିପଥ ଏକ । ଗ୍ରେଟରୁ ବଢ଼ି । କୈଶୋର, ଯୌବନ । ତା ପରେ ଆସେ ଶେଷ ଅବସ୍ଥା—ବାର୍ଦ୍ଧକ୍ୟ । ସର୍ବଶେଷରେ ମରଣର ଡାକରା । ଏ ଜୀବନ କାହାରି ନୁହେଁ, ଏ ଜନ୍ମ କାହାରି ନୁହେଁ । ଅଳ୍ପଦିନର ସ୍ଥିତି ଭିତରେ

କର୍ତ୍ତବ୍ୟର ଡାକ ବଡ଼ ଡାକ । କେତେ ଧନପାଇଁ ସଂସାରକୁ ଆସି କାହିଁ କେତେ ଅନାବଶ୍ୟକ ଉପକରଣ ସୁଖ, ଦୁଃଖ, ଆନନ୍ଦ, ଧନ, ମାନ, ଯଶ ପାଇଁ ମଣିଷ ପାଗଳ ହୁଏ । ନିଜର ଜନ୍ମସୂତ୍ରେ କିଏ ପାଏ କିଏ ନ ପାଏ । ସଂସାର ଯେ ଦୁଇଟି କଥାରେ ଚଳେ । ସେ ଦୁଇଟି ହେଉଛି—ପାଇବା ଓ ନ ପାଇବା । କିଏ ପାଏ, କିଏ ନ ପାଏ । କିଏ ସୁଖୀ ହୁଏ କିଏ ବା ଦୁଃଖ ଭିତରେ ଚଳେ । ତଥାପି ସଂସାରରେ କେହି କେବେ ପୂର୍ଣ୍ଣତା ପାଏନା । ପୁଅଝିଅର ମିଛି ମିଛିକା ଖେଳ, ପିଲାଦିନର ବୋହୂବୋହୂକା ଖେଳରୁ ମଣିଷ ଘରକରଣା ଶିଖେ । ସେ ଖେଳ ଆଉ ଏ ଖେଳ ଭିତରେ କେତେ ଫରକ ରହିଥାଏ ସତେ !

ପରିବାର ଜୀବନ କେଉଁ ସ୍ତରରେ କଟିବ ସେ ଜାଣେନା । ସମସ୍ତେ ଭଲଟାକୁ ପ୍ରଥମେ ଗ୍ରହଣନ୍ତି । ଖରାପଟାକୁ ଗ୍ରହଣ କରିବାକୁ ପ୍ରଥମେ କେହି ରାଜି ହୁଅନ୍ତିନି । ଦୁନିଆର ହାରଜିତ ଭିତରେ କିଏ ହାରୁଛି ଆଉ କିଏ ଜିତୁଛି । ଭଲଟାକୁ ଆମେ ସ୍ୱାଗତ କରିବା ଅଥଚ ଖରାପଟାକୁ ଗ୍ରହଣ କରିବାକୁ ଏତେ କୁଣ୍ଠା କାହିଁକି ? ଭଲ ଆମର । ଖରାପ ବି ଆମର । ଭଲରୁ କାହାକୁତ ଟିକେ ଭାଗ ଦେବାକୁ ମନ ହୁଏନି । ଖରାପବେଳକୁ କିଏ କାହିଁକି ଭାଗ ନେବାକୁ ଯିବ ? ପୁଣି ପରିବାର ଭିତରେ ଏତେ ଦୁଃଖ କରି ଲାଭ ବା କ'ଣ ? ଯାହା ହେବାର ଥିବ ହେବ । ଭଲ, ଖରାପ ଦୁଇଟିରୁ ଗୋଟିକୁ ଯେପରି ହେଉ ତାକୁ ଗ୍ରହଣ କରିବାକୁ ପଡ଼ିବ ।

ଅନୁଭୂତି ମଣିଷକୁ ବଳ ଦିଏ । ଚଳି ବାଟରେ ଚାଲିବା ପାଇଁ ଶକ୍ତି ଦିଏ । ମଣିଷ ସବୁ ବାଧା ବିଘ୍ନ ଏଡ଼ି ଦୁନିଆଁ ବାଟରେ ଆଗେଇ ଯାଏ । କିଏ ଗଲା ଆଉ କିଏ ଆସିଲା ସେ କଥା ହିସାବ କେହି ରଖେନା । କାହିଁ କେଉଁ ଅଳସ ମଧ୍ୟାହ୍ନର ସ୍ୱପ୍ନଭଳି ମଣିଷର ଅତୀତ । କେତେ ଚଞ୍ଚଳ ଆସି କେଉଁ ଆଡ଼େ ଚାଲିଯାଏ । କେହି ରୋକି ପାରେନା ।

ସୁବ୍ରତର ନିଶ୍ଚଳ ମନର ଅଭିଜ୍ଞତା, ଅନୁଭୂତି ତା ପ୍ରାଣର ସବୁ ପ୍ରାଚୁର୍ଯ୍ୟକୁ ଲୁଟି ନେଇଥିଲା । ସୁବ୍ରତ ସବୁ ମନେ ପକାଇବାକୁ ଚେଷ୍ଟା କରୁଥିଲା । କାହିଁ କେତେ ଦୂରରେ ସେ ଛାଡ଼ି ଆସିଛି ତା ଅତୀତକୁ । ଭାବିଲେ ତାକୁ ଆଶ୍ଚର୍ଯ୍ୟ ଲାଗୁଥିଲା । ସେ ଦିନେ ପିଲା ଥିଲା । ଏଇ ମାଟି ଉପରେ ମଣିଷ ହୋଇ ପ୍ରଥମେ ଭଲପାଇ ଶିଖିଥିଲା । ଯାହାକୁ ଭଲ ପାଉଥିଲା; ସେ ଆଜି କେତେ ଦୂରରେ ରହିଲାଣି । ତା ସଂସାର ଭିତରେ ବ୍ୟସ୍ତ ରହି ସେ ସୁବ୍ରତକୁ ମନେ ପକାଉଥିବ କି ନା କେଜାଣି । ତାକୁ ଭୁଲିଯିବା ପାଇଁ କେବଳ ସୁବ୍ରତ ଆଜି ପରବିନାକୁ ବିବାହ କରିଛି । ହେଲେ ସେ ପରବିନାକୁ ସୁଖୀ କରି ପାରିବ ତ ? ସେ ଯେତିକି ଭାବୁଥିଲା ତା ମନ ସେତିକି ଅସ୍ଥିର ହେଉଥିଲା ।

ଉର୍ବଶୀ, ସିପ୍ରା ଆଉ ପରବିନା ତିନୋଟି କଳିକା । ଉର୍ବଶୀ ଓ ପରବିନା ସୁରଭିଶିକ୍ତା । ହେଲେ ସିପ୍ରା ଏକ ସୁବାସହୀନା ମଲ୍ଲୀ । ନିଜକୁ ଆକର୍ଷଣୀୟ, ମନଲୋଭା ରୂପରେ ସଜାଇବାରେ ତାର ପାରଦର୍ଶିତା ଅଛି । ସେଥିଲାଗି ସେ ସବୁରି ଆଖିରେ ସୁନ୍ଦର ଦିଶେ, ଆଧୁନିକତାର ଛାପ ତାର ପ୍ରତ୍ୟେକ ଚାଲିଚଳନରେ ଫୁଟିଉଠେ ।

ପବନା ! ଆଜକାଲି ସଭ୍ୟ ଦୁନିଆର ବହୁ ପଛରେ ରହି-ଯାଇଛି ସେ । ତାକୁ ଦେଖି ତାର ମନର ପରିଚୟ କେହି ପାଇବ ନାହିଁ । ନିଜକୁ ଦେଖାଇ ଦେବାର ଢଙ୍ଗ ମେ ଶିଖିପାରି ନାହିଁ । ପିଲାଟି ଦିନୁ ଭାଇ ଭାଉଜଙ୍କର କ୍ଷୁଦ୍ର ପରିବେଷ୍ଟନୀ ମଧ୍ୟରେ ରହି ସହରର ଚକମକିଆ ଆଖି ଝଲସିଆ ଆଲୁଅ ତାକୁ ଜଳକା କରି ପାରିନି । ମନ ମଧ୍ୟରେ ସେ କୌଣସି କଥାର ଗୁରୁତ୍ୱ ମାପେନାହିଁ । କେମିତି ଏକ ବ୍ୟତିକ୍ରମ ସେ । କେଜାଣି କାହିଁକି ସୁବ୍ରତ ପବନା କଥା ଯେତିକି ଭାବୁଥିଲା ତା ପ୍ରତି ତାର ଆନ୍ତରିକତା ସେତିକି ବଢୁଥିଲା ।

ସର୍ବଶେଷରେ ସେ ଉର୍ବଶୀ କଥା ଭାବୁଥିଲା । ତାକୁ ଏ ଦୁହିଁଙ୍କ ଠାରୁ ଊଚରେ ଦେଖୁଥିଲା ସେ । ଉର୍ବଶୀ ପ୍ରତି ତାର ଘୃଣା ନ ଥିଲା—ନଥିଲା ଅଭିମାନ ଆଉ ଅହଙ୍କାର । କାରଣ, ତାକୁ ସେ ନିବିଡ଼ ଭାବେ ଭଲପାଏ । ଉର୍ବଶୀ ଏ ଦୁହିଁଙ୍କଠାରୁ ବ୍ୟତିକ୍ରମ ଥିଲା । ତାର ରୂପ-ଗୁଣ ସବୁ ଥିଲା । ପିଲା ଦିନରୁ ଭଲ ପାଇବା କ'ଣ ଜାଣି ନ ଥିବା ଅବସ୍ଥାରୁ ସେ ଉର୍ବଶୀ ସଙ୍ଗେ ଭଲ ଭାବରେ ଚଳି ଆସିଛି । ଝରବେଳେ ଆମ୍ବ ତୋଟାରେ, ସନ୍ଧ୍ୟାରେ ଗାଁ ଦାଣ୍ଡରେ ଆଉ ଗାଁର ରଜ, କୁଆଁର ପୂନେଇ ଓ ଅନ୍ୟ ପୂନିଅ ପରବରେ ସେ ଅନୁଭବ କରିଛି ଉର୍ବଶୀକୁ । ଉର୍ବଶୀ ଯେମିତି ତାର ଅତି ନିଜର । ଏବେ ବି ଭାବେ ସେ ଉର୍ବଶୀ ଆଉ କାହାର ନୁହେଁ । ଉର୍ବଶୀ ନ ଥିଲେ ମାମୁଁ ଘରେ ସେ ଖାଇବା ପିଇବା ସବୁଥିରେ ଅଭାବ ଅନୁଭବ କରେ । ଉର୍ବଶୀ ମନର ପରିଚୟ ସେ ଭଲଭାବରେ ପାଇଛି । ଆଉ ଆଜି ଉର୍ବଶୀ ତା'ଠାରୁ ଖୁବ୍ ଦୂରେଇ ଯାଇଥିଲେ ବି ସେ କେମିତି ଭାବିବ ଯେ ଉର୍ବଶୀ ତାର ନୁହେଁ ? କେମିତି ସେ ତାକୁ ପର ଭାବିବ ? ସେଇଥିପାଇଁ

ଉର୍ବଶୀ ଚିରଦିନ ପାଇଁ ଦୂରେଇ ଯାଇ ଅନ୍ୟର ହୋଇ ଯାଇଥିଲେ ବି ସେ ଚିରଦିନ ଲାଗି ତାର ହୃଦୟ ଭିତରେ ଉର୍ବଶୀ ପାଇଁ ଆସନ ପାତି ଅପେକ୍ଷା କରିଛି ।

ସୁବ୍ରତ ଦେଖୁଥିଲା ଜୀବନର ଧାର ଉଜାଣି କାଟି କାହିଁ କେଉଁ ଆଡ଼େ ବୋହି ଯାଇଛି । ଜୀବନରେ ସତ୍ୟ କ'ଣ ? କାହାକୁ ନେଇ ମଣିଷ ଚିରଦିନ ପାଇଁ ବଞ୍ଚିବ—ଏଇ ସବୁଚିନ୍ତା ତା ହୃଦୟକୁ ଯକ୍ଷ୍ମା ଜୀବାଣୁ ଭଳି ଖିନ୍ନଭିନ୍ନ କରି ପକାଉଥିଲା ।

ପବଣା ନିରୀହା, ସରଳା । ତାକୁ ସୁଖୀ କରିବାର ସମସ୍ତ ଦାୟିତ୍ୱ ସୁବ୍ରତର । ହେଲେ ତା ମନ ଉଡ଼ିବୁଲୁଥିଲା—କାହିଁ କେତେ ଦୂରରେ-ଅସୀମର ସନ୍ଧାନରେ । ଯେଉଁଠି ନ ଥିବ ଉଦ୍‌ବେଗ, ଯନ୍ତ୍ରଣା, ଅଭାବ, ଅନାଟନ । ଏମିତି ଏକ ସୁନ୍ଦର ଦୁନିଆକୁ ମନେ ମନେ କଳ୍ପନା କରୁଥିଲା ସୁବ୍ରତ । ସେଇଠି ସେ ତା ଜୀବନର ପ୍ରକୃତ ସ୍ୱାଦ ଆହରଣ କରି ପାରନ୍ତା । କିନ୍ତୁ କାହିଁ ସେ ଦୁନିଆ !

ସୁବ୍ରତର ମନରେ ସନ୍ନ୍ୟାସୀ ପ୍ରବୃତ୍ତି ଉଙ୍କି ମାରୁଥିଲା ବୋଲି ଅନେକ ଦିନ ପରେ ତାର ସଂଧାନ ପାଇଲା ଉର୍ବଶୀ । ରୂପ ଯୌବନ ହିଁ ତାର ଚିର ଶତ୍ରୁ । ଭଗବାନଙ୍କ ଉପରେ ମନ ତାର ବିଦ୍ରୋହ କରି ଉଠୁଥିଲା । କେତେ କୋମଳ କଳିକା ପ୍ରସ୍ଫୁଟିତ ନ ହେବା ପୂର୍ବରୁ ମଉଳି ଝରି ଯାଉଛନ୍ତି ସତେ ! ଏଇ ଆତଯାତ ସଂସାରର ସ୍ରଷ୍ଟାର କେତେ ମହାନ ଲୀଳା ! ମଣିଷ ଏକ ହେଲେ ମଧ୍ୟ ତାର ମନ ସମାନ ନୁହେଁ । ସମସ୍ତେ ଏକ ମହାଜାତି । ସମସ୍ତେ

ଈଶ୍ୱରଙ୍କର ଅମୃତ ସନ୍ତାନ; ହେଲେ ଏତେ ବ୍ୟବଧାନ କାହିଁକି ? କେଉଁଠି ପ୍ରୟୋଜନ ଥାଇ ମିଳୁନି ଆଉ ବା କେଉଁଠି ଅନାବଶ୍ୟକ ଥିଲେ ବି ଅଯାଚିତ ଭାବେ ଅଜାଡ଼ି ହୋଇ ପଡ଼ୁଛି ।

ଉର୍ବଶୀର ଘରକରଣା ସୁଖ ଦୁଃଖ, ଭଲ ମନ୍ଦ ହୋଇ ତିନୋଟି ବର୍ଷ ହୋଇଗଲାଣି । ଏଇ ତିନୋଟି ବର୍ଷ ଭିତରେ କେତେ ଅଦଳ ବଦଳ ହୋଇ ଗଲାଣି । ଏହା ଭିତରେ ତା ବୋଉ ମରି ଯାଇଛି । ମରିବାର ଆଠଦିନରେ ସେ ଖବର ପାଇଲା । ଝିଅ, ପୁଅ, ସ୍ୱାମୀ, ସ୍ତ୍ରୀ, ବାପ ମା, ସବୁ ମାୟାବନ୍ଧନ । କାହିଁ ନିଜର ଜନ୍ମିତ ମା'କୁ ତ ସେ ମୃତ୍ୟୁବେଳେ ଟିକେ ଦେଖି ପାରିଲାନି । ପୁଣି ଆଠଦିନେ ଖବରି ପାଇଲା । କେତେ ବଡ଼ ନିପଟ ସତ୍ୟ ଆଉ ଦୁଃଖମୟ ଏ ମରଣ । ମରଣ ଯେ ଧ୍ରୁବ ସତ୍ୟ ଏକଥା ମଣିଷ ଜାଣିବି ବୁଝି ପାରେନା କାହିଁକି ? ଯେତେ ଦୁଃଖ କଷ୍ଟ, ଝଡ଼ ଝଞ୍ଜା ମଣିଷ ଜୀବନ ଧରି ସହିଲେ ବି ମରଣକୁ ବରଣ କରିବାକୁ ସେ ଭୟ କରେ । ଏତେ ସୁନ୍ଦର ଏଇ ପୃଥିବୀ ! ଚନ୍ଦ୍ର ବିଜଡ଼ିତ ରାତି, ଗୋଧୂଳିର ମନଲୋଭା ଛବି ଆଉ ଏଇ ମାଟିର ପର୍ଣ୍ଣ-ଗନ୍ଧ ସବୁ ଯେମିତି ମଣିଷର ଜୀବନ ପାଇଁ ସୁନ୍ଦର ଓ ସୁଖପ୍ରଦ । ମରଣ ଆସିବ ଏ କଥା ଭାବିବାକୁ ଯେତିକି ଖରାପ ଲାଗେ ନିଜର ଜୀବନ ଉପରେ ସେତିକି ମାୟା, ଆକର୍ଷଣ ଜନ୍ମେ ।

ବୋଉ ତାର ଚାଲିଗଲା ନିଜବାଟରେ । କିନ୍ତୁ ଏ ଜନ୍ମରେ ତାର ବୋଉ ସହିତ ଆଉ ଦେଖା ହୋଇ ପାରିବନି । ବାପା ମଲା ପରେ ବଡ଼ ଆଶା, ଦମ୍ଭ ସବୁ ଥିଲା ତାର ଉପରେ । ହେଲେ ତା'ର ଆଜି ସେ ସବୁ ଭରସା ନାହିଁ । ମନ ଟାଣ ଭାଙ୍ଗିଗଲା ।

ଯାହାର କୋଳରେ କାଖରେ ମଣିଷ ହୋଇଥିଲି ସେ ଆଜି ନାହିଁ ।

ଉର୍ବଶୀର ଭାଇ ନୁର ଆସି କହିଲା ଯେ ବୋଉ କୁଆଡ଼େ ତାକୁ ଭାରି ଖୋଜୁଥିଲା । ଅନୁତାପରେ ଲୁହ ଢାଳି କହୁଥିଲା, "ନୁରରେ, ମୁଁ କେତେବଡ ଭୁଲ୍‌ଟାଏ କରିଛି । ଟଙ୍କା ଲୋଭରେ ଭରି ଭଲଆ ଝିଅକୁ ବୁଡ଼ାଇ ମାରିଛି । କେଉଁ ମାଆ ଭଲି ତା ଝିଅକୁ ମୋ ପରି କରିବ ।"

ଚହିଁକି ଉଠିଲା ଉର୍ବଶୀ । ଗଲା କଥାରୁ ଆଉ ବା କ'ଣ ମିଳିବ ? ଟଙ୍କା କେଇଟା ପାଇଁ ମୋତେ ତ ସାରା ଜୀବନ ବିକି ଦେଇଛି । ଯିବି କୁଆଡ଼େ ? ରୁକୁଣା ରଥ ପରା ଅଣା ଲେଉଟା । ଏଇଠି ପରା ମୁଁ ମରିବି । ମୋ କର୍ମଫଳ ମୁଁ ଭୋଗୁଛିରେ ନୁର ! ଭଗବାନଙ୍କ ବିଧାନ ଏଇୟା ଥିଲା । ବୋଉର ବା ଦୋଷ କ'ଣ ? ଏତେ ଦିନରେ ଆସି ଖବର ତ ଦେଉଛୁ । ଏ ସଂସାରରେ କିଏ କାହାର ! ଖାଲି ଦିଆନିଆ, କିଣା ବିକାର ବଜାର । କିଏ ବା କାହାର କଣ କରୁଛି ? ନିଜର କଲା କର୍ମନେଇ ଆପଣା ବାଟରେ ସମସ୍ତେ ଯାଆନ୍ତି !

ନୁର ଫେରିଗଲା । ଉର୍ବଶୀର ଗୁଡ଼ିରେ ଛନକା ପଶିଲା । ବୋଉ ତାର ଅତି ଆପଣାର ହୋଇ ତାକୁ ପର କରି ଚାଲିଗଲା । ଆଉ ଯାହାକୁ ସେ ଆପଣାର କରି ଗଢ଼ୁଛି—ତାଙ୍କ ଖବର ତାର ଆଗ ବୁଝିବା ଦରକାର । ବିଛଣା ଉପରୁ ମୁଣ୍ଡ ଟେକି ଚାହିଁଲା । ଆଗରେ ପ୍ରଭାତ ତାକୁ ଚାହିଁ ଠିଆ ହୋଇଛି ଅପରାଧୀ ଭଳି । ଏକୁଟିଆ ଏମିତି ଭାବରେ ତାକୁ ଦେଖି ଭୟରେ ଶିହରି ଉଠିଲା ସେ । ତାର ମାନସପଟରେ ଭାସି ଉଠିଲା ସୁବ୍ରତର

ମୁହଁ । ଜୀବନଟା କି କରୁଣ ଅଥଚ ମର୍ମାନ୍ତକ ସତେ । ଉର୍ବଶୀ ନାରୀ, ସବୁ ନାରୀ ଭଳି ତାର ବି ହୃଦୟ ଅଛି । ତଥାପି ସେ କେତେ ଆଉ ସହିବ ?

ଉର୍ବଶୀ ଯେତେବେଳେ ସୁବ୍ରତ କଥା ଭାବୁଥିଲା ସେତେବେଳେ ପ୍ରଭାତ ଭାବୁଥିଲା ଉର୍ବଶୀ କଥା । ତା ମନରେ ପଶୁ ପ୍ରବୃତ୍ତି ଯାଗିଛି । କାମନା ବଢ଼ିଛି ଆଉ ସେ ଗୃହୁଁଛି ତା କାମନା ଯଜ୍ଞରେ ଉର୍ବଶୀକୁ ବଳି ଦେବାକୁ ।

ଉର୍ବଶୀ ଡାକିଲା ପ୍ରଭାତକୁ—ଏମିତି ଭାବେ ଠିଆ ହୋଇଛୁ କାହିଁକି ? କଣ ହୋଇଛି ତୋର ?

ନାଇଁତ, କିଛି ହୋଇନି ମୋର । ଛୁରୀରେ ପିଟିଦେଲା ଭଳି ଲାଗିଲା ଉର୍ବଶୀର କଥାଗୁଡ଼ାକ । ପ୍ରଭାତ ଆଉ ଅପେକ୍ଷା କରି ପାରିଲା ନାହିଁ । ଖୁବ ଶୀଘ୍ର ପାଦ ପକାଇ ଗୁଲିଗଲା ସେଠାରୁ । ଉର୍ବଶୀ ସବୁ ଭଲ ଭାବରେ ବୁଝିଲା । ସେ ଯେ ଏପର୍ଯ୍ୟନ୍ତ ପ୍ରଭାତକୁ ଚିହ୍ନି ନଥିଲା ତା ନୁହେଁ, କିନ୍ତୁ କାହିଁକି କେଜାଣି ନବୁଝିଲା ପରି ରହିଥିଲା ସେ ।

ସ୍ୱାମୀ ବୋଲି ଉର୍ବଶୀ ଯାହାକୁ ଜାଣେ, ସେ ବୟସରେ ତା ବାପାଙ୍କ ସାଙ୍ଗର ହେବେ । ସ୍ୱାମୀ ଭାବରେ ଯେତିକି ସମ୍ମାନ କରେ ଉର୍ବଶୀ ତାଙ୍କୁ, ସେତିକି ବି ଭୟ କରେ ।

ଉର୍ବଶୀର ମନର ଉତ୍ତେଜନା କମିଯାଇଛି । ସେ ଯେମିତି ବୁଢ଼ୀ ହୋଇଗଲାଣି । ତାର ଧନର ଅଭାବ ନାହିଁ, ଅଭାବ ଅଛି ମନର ।

ଉର୍ବଶୀ ସଙ୍ଗେ ସ୍ୱାମୀଙ୍କର ଦିନରେ ଥରେ ଦେଖାହେବା ବହୁ ଭାଗ୍ୟର କଥା । ଉର୍ବଶୀ ଭାବେ ଯେ ଏ ବୟସରେ ପୁଣି ଥରେ

ବାହା ହେବାପାଇଁ ସେ କେମିତି ରାଜି ହେଲେ ? ପ୍ରଭାତକୁ ତ ବାହା ଦେଇଥିଲେ ଘର ଚଳିବାରେ କିଛି ଅସୁବିଧା ହୋଇ ନଥାନ୍ତା । ସତରେ ଉର୍ବଶୀ ବୋଉର ତାକୁ ବଡ଼ଲୋକ ଘରେ ବାହା ଦେବାର ଯେଉଁ ଆଶା ଆକାଂକ୍ଷା ଥିଲା, ତାହା ପୂରଣ ହୋଇ ଯାଇଛି । କେତେ ମୂର୍ଖ ମ ସତେ ! ମାଆ ତ ମନ ଚିହ୍ନିଲା ନାହିଁ, ଆଉ ଚିହ୍ନିବ କିଏ ? ଉର୍ବଶୀ ସବୁ କଥା ପଛକୁ ପକାଇ ବିଛଣାରୁ ଉଠିଲା ।

କାମ ଧନ୍ଦାରେ ବ୍ୟସ୍ତ ରହିଲେ ଦୁଃଖ କମିଯାଏ । ଭାବନାର ମନ ହାଲୁକା ହୋଇଯାଏ । ପ୍ରକୃତରେ ସେ ଯଦି ଗରିବ ଲୋକଟିଏ ବାହା ହୋଇଥାନ୍ତା ଆଉ ଓଳିଏ ଖାଇ ଓଳିଏ ଉପବାସ ରହନ୍ତା, କଦାପି ଦୁଃଖ କରି ନଥାନ୍ତା । ସ୍ୱାମୀ କୋଳରେ ମଥାରଖି ଦୁଃଖ, ଅସୁବିଧା, ଅନାଟନ ସବୁ ଭୁଲି ଯାଉ ଥାଆନ୍ତା । ଏ ଦୁନିଆରେ କିଛି ଅଭାବ ନଥାନ୍ତା । ଚନ୍ଦ୍ରିମାର ଜହ୍ନ ଉପରେ ପ୍ରକୃତିର ପ୍ରତିଛବି କଳ୍ପନା କରନ୍ତା—ଏ ସୃଷ୍ଟି ମହାନ ଆଉ ଏ ସ୍ରଷ୍ଟା ମହାନ । ଜୀବନ ସୁନ୍ଦର ଓ ମଧୁମୟ ଏବଂ ସମସ୍ତ ଚଞ୍ଚଳ । ମଣିଷର ଜନ୍ମ ଖାଲି ଆନନ୍ଦ ପାଇଁ । ହେଲେ ଉର୍ବଶୀର ଘର ସଂସାର···

କାହିଁଗଲେ ତା ଆପଣାର ସୁବ୍ରତ ଭାଇ ! ଏ ଜନ୍ମରେ ତାଙ୍କ ସହିତ କ'ଣ ଆଉ ଦେଖା ହେବନି ? ବହୁତ ଦିନରୁ ସେ ତାଙ୍କୁ ଦେଖିନି । କିଏ ଜାଣେ ସେ କେଉଁଠି ଆଉ କିପରି ଅଛନ୍ତି । ଏ ଅମୁହାଁ ଦୁର୍ଗ ଭିତରେ ତାଙ୍କ ଖବର ଜାଣିବାକୁ ଆଶା କରିବା ବିଡ଼ମ୍ବନା ମାତ୍ର ।

ଯାହାହେଲେ ବି, ଯେଉଁଠି ଥିଲେ ବି ତାର ସୁବ୍ରତଭାଇ ଭଲରେ ରୁହନ୍ତୁ । ତା ଜୀବନ ବ୍ୟର୍ଥହେଲା ପଛେ ସୁବ୍ରତଭାଇଙ୍କ

ଜୀବନ ଯେପରି ବ୍ୟର୍ଥ ହୋଇ ନଯାଏ । ଅତୀତ ଯେତେ ଦୂରେଇ ଯାଏ, ସ୍ମୃତି ସେତିକି ପୁରୁଣା ହୋଇଯାଏ । ଅତୀତ ଭୁଲ ହୁଏନା । ପୁରୁଣା ହେଲେ ଅଧିକ ମନେପଡ଼େ । ନିଜେ ସୁଖରେ ଥିଲେ ସେ ତାଙ୍କ କଥା ଏତେ ମନେ ପକାଉ ନଥାନ୍ତା । ଏ ଆଦର୍ଶକୁ ଗ୍ରହଣ ନକରି ସେ ସୁବ୍ରତର କଥା ଅନୁସାରେ ଯଦି ଲୁଚିକରି ପଳାଇ ଯାଇଥାନ୍ତା, ତେବେ ସେ ଆଜି ସୁଖରେ ଥାଆନ୍ତା । ଦୁନିଆ ଯାହା କହୁ, ସମାଜ ଯାହା ବୁଝୁ ପଛେ—ଯେଉଁ ସମାଜ ତା ଭଳି ଲକ୍ଷ ଲକ୍ଷ ନାରୀ ଜୀବନକୁ ଏମିତି ଦୁଃଖଦେଇ ଗଢ଼ିଛି, ସେ ସମାଜ ଧ୍ୱଂସ ପାଇଯାଉ ।

ଜୀବନ ଆଶ୍ରୟ ଖୋଜେ, ମନ ଚାହେଁ ଅବଲମ୍ବନ; ଆଶ୍ରୟ କିନ୍ତୁ ନପାଇଲେ ଜୀବନର ମୂଲ୍ୟ ରହେନି । କେହି କଣ ନିନ୍ଦା ପାଇବାକୁ, ଦୁଃଖ ଭୋଗିବାକୁ ଭଲ ପାଇଥାଏ ? ତେବେ ମଣିଷ ଟିକିଏ ସୁଖ ପାଇବାପାଇଁ କାହିଁକି ଏତେ ବ୍ୟାକୁଳ ?

ଉର୍ବଶୀ ମୂର୍ଖ । ସେଇଥିପାଇଁ ସେ ସନ୍ତୁଳ ହେଉଛି । ମଣିଷ ଯାହାକରେ ସେଇୟା ତାର କର୍ତ୍ତବ୍ୟ, ଆଉ ଯାହା ନକରେ ତାହା ଅକର୍ତ୍ତବ୍ୟ । ଆଖିରେ ଯାହା ଦେଖେ ତାହା ତାର ସତ୍ୟ । ତେବେ ତାର ଭୁଲ ରହିଲା କେଉଁଠି ?

ଯାହାକୁ ଯେତିକି ଭୁଲିଯିବାକୁ ଚେଷ୍ଟା କରିବ, ସେ ସେତିକି ବେଶୀ ମନେ ପଡ଼ିବ । ଆପଣା ଲୋକକୁ ସିନା ମନେ ରଖିବା ସହଜ, ହେଲେ ଭୁଲିଯିବା ତ ସହଜ ନୁହେଁ । ପ୍ରବୀରର ନିଷ୍ପାପ ସରଳତା, ସେବା, ସ୍ନେହ, ଭକ୍ତି ତାର ଚାଲିଚଳନରେ ମୁଗ୍ଧ ହେଲା ସୁବ୍ରତ । ପ୍ରବୀର ସୁବ୍ରତକୁ ସନ୍ତୁଷ୍ଟ କରିବାକୁ ଯାବତ୍‌ପର୍ଯ୍ୟନ୍ତ

ଚେଷ୍ଟା କରୁଛି । ସୁବ୍ରତ ଲାଗି ସେ ନିଜକୁ ଭୁଲୁଛି । ଭୁଲି ଯାଉଛି ଅତୀତର ମାଧୁରିମା, କୁମାରୀ ଜୀବନର ସବୁ କିଛି ଚପଳତା । ସଂସାର-ସାଗରକୁ ପାରହେବାକୁ ସେ ନୌକାଟି ଧରି ଚାଲିଛି । ସବୁ ଝଡ଼ ଝଞ୍ଜାକୁ ଅତିକ୍ରମି ଯିବାର ଧୈର୍ଯ୍ୟ ଆଉ ସାହସ ତାର ଦରକାର । ମଝିରେ ଭାଙ୍ଗିପଡ଼ିଲେ ଚଳିବ କିପରି ?

ଭାଉଜ ଚିଠି ଦେଉନ୍ତି, କିମିତି ଲାଗୁଛି ପଦ୍ମିନୀ ତୁମକୁ ତୁମ ନୂଆ ସଂସାର । ସଂସାର କରିବାକୁ ତ ମନା କରୁଥିଲ, ଆଉ ଏଇନେ କିମିତି ସୁବ୍ରତବାବୁଙ୍କୁ ଦେଖି ମୋତେ ଭୁଲିଗଲ ବା ? ସମସ୍ତଙ୍କ ଜୀବନରେ ଏମିତି ଘଟିଥାଏ । ହେଲେ ମୁଁ ତୁମଠାରୁ ଚିଠି ଖଣ୍ଡେ ଚାହେଁ ? ଅବୁଝା ମନଟା ତୁମର ଭଲମନ୍ଦ ଶୁଣିବାକୁ ବ୍ୟାକୁଳ ହୋଇ ଉଠେ । ତୁମ ଅଭାବରେ ଆଜି ଏ ଘରୁ ଲକ୍ଷ୍ମୀ ଚାଲିଯାଇଛନ୍ତି ।

ସତେ ପଦ୍ମିନୀ ତୁମେ କିମିତି ଅଛ ? ମୁଁ ପରା ତୁମକୁ ଜନନୀର ହୃଦୟଦେଇ ମଣିଷ କରିଛି । ଜନନୀ ନ ହେବା ପର୍ଯ୍ୟନ୍ତ ତୁମେ ମୋ ହୃଦୟର ଆବେଗ ବୁଝିପାରିବନି । ଶୀଘ୍ର ଚିଠି ଦେବ । ମୋ ରାଣ ।

ନମ୍ରତାହିଁ ନିଶ୍ଚଳ ମନର ଅଭିବ୍ୟକ୍ତି—ଏ କଥା ପଦ୍ମିନୀଠାରେ ଦେଖା ଦେଇଥିଲା । ହେଲେ ଭାଉଜଙ୍କ ଚିଠି ପାଇଲେ ତାର ସବୁ ଧୈର୍ଯ୍ୟ ତୁଟିଯାଏ । ଲୁହର ଅଜସ୍ର କଣିକା ଭିତରେ ସେ ଆଉ କାହାରିକୁ ଦେଖି ପାରେନା । ସେ ଭଲକରି ଜାଣେ ଯାହା ହେବାର ଥିଲା ହୋଇ ଯାଇଛି । ଏଣିକି ତା ଭାଗ୍ୟରେ ଯାହାଥିବ ସେ ଭୋଗିବ । ଅନ୍ୟ ଆଗରେ ଦୁଃଖ କହିଲେ ତ କମିବନି । ତେବେ ସେ ତା' ଦୁଃଖ ଭାଉଜଙ୍କୁ କାହିଁକି ଲେଖିବ । "ସେ ସୁଖୀ

ହୋଇଛି", ଏ ଧାରଣା ଗ୍ରାମଜନଙ୍କର ପୁଣି ବଦଳି ଯିବ । ତାଙ୍କର ଆଶାଭରସା ତୁଟିଯିବ । ପିତୃ-ମାତୃହୀନା ପବିତ୍ରାର ମଙ୍ଗଳ ଲାଗି ଗାଁ ଗ୍ରାମ ଦୁହେଁ ବହୁତ କରିଛନ୍ତି । ଆଜି ଆଉ ତାଙ୍କୁ ନିଜର ଦୁଃଖ କହି ତାଙ୍କ ମନରେ ଅଧିକ ଦୁଃଖ ଭରିବ କାହିଁକି ?

ପବିତ୍ରା ଏ ଘରକୁ ବୋହୂ ହୋଇ ଆସିବାର ଅନେକଦିନ ହୋଇଗଲାଣି । ତଥାପି ସୁବ୍ରତ କ'ଣ ଚାହେଁ ସେ କଥା ପବିତ୍ରା ବୁଝି ପାରେ ନାହିଁ । ପବିତ୍ରାର ଆବଶ୍ୟକ ସୁବ୍ରତ ଲୋଡ଼େନା କିମ୍ବା ସେ ଯାହା କରେ ତାକୁ କୌଣସିଥିରେ ବାଧା ଦିଏନା । କିନ୍ତୁ ପବିତ୍ରା ସୁବ୍ରତର ସମସ୍ତ ଆଦେଶକୁ ବରାବର ଜଗି ରହିଥାଏ । ହେଲେ ସୁବ୍ରତ ତାକୁ କିଛି କହେନା । ନିଜର କାର୍ଯ୍ୟସବୁ ସେ ନିଜେ କରେ, ରାଗ ନାହିଁ କି ଘୃଣା ନାହିଁ, ଆଦର ନାହିଁ କି ମମତା ନାହିଁ । କେମିତି ବିଚିତ୍ର ମଣିଷ ଏଇ ସୁବ୍ରତ ସେ କଥା ବୁଝି ପାରେନା । ଘରେ ସୁବ୍ରତ ଖୁବ୍ ଅଳ୍ପ ସମୟ ରହେ ଏବଂ ଯେତିକି ସମୟ ରହେ ପବିତ୍ରା ଦେଖେ ଯେ ସୁବ୍ରତ ଖାଲି ଭାବନାରେ ବୁଡ଼ିରହେ । କିନ୍ତୁ କ'ଣ ଭାବୁଛି, କାହାକଥା ଭାବୁଛି ପବିତ୍ରା ଜାଣିପାରେନା ।

ସାହସ ସଞ୍ଚୟ କରି ପବିତ୍ରା ଯେତେବେଳେ ସୁବ୍ରତକୁ ଯାଇ କିଛି ପଦେ ପଚାରିଦିଏ, ସେତେବେଳେ ସୁବ୍ରତ ତାକୁ କିଛି ନ କହି ବାହାରକୁ ଚାଲିଯାଏ । ସେତେବେଳେ ପବିତ୍ରାର ମନ କ'ଣ ହୋଇଥିବ ! ସତରେ ଯାହାକୁ ନିଜର ଭାବି, ଆପଣାର ମଣିଷକୁ ପଛ କରି, ସମସ୍ତଙ୍କୁ ପର କରି ଯାହାକୁ ସୁଖୀ କରିବାକୁ ସେ ଏ ଘରକୁ ଆସିଛି, ସେ ତ ସୁଖୀ ହେଲେନି । କ'ଣ ବା ତାଙ୍କର କାମ୍ୟ ସେ ବୁଝି ପାରେନାହିଁ । ବୁଝିବାକୁ, ଜାଣିବାକୁ ତାର

ବ୍ୟଗ୍ରତା ଯେତିକି ବଢ଼େ, ସୁବ୍ରତର ନିଭୃତ ମନ ଭିତରେ ତାହା ମଉଳିଯାଏ । ସବୁ ଆଶା ଆକାଂକ୍ଷା ତୁଟିଯାଏ । ଜୀବନର ଅଲୁଅରେ ସିନା ସେ ମନକୁ ଲୁଚାଏ ହେଲେ ରାତିର ଅନ୍ଧକାରରେ ମନକୁ ଲୁଚାଇ ପାରେ ନାହିଁ । ବିନିଦ୍ର ହୋଇ ରାତି କଟେ । ଲୁହରେ କାନି ଓଦା ହୁଏ । ଯିଏ ଯେତେ ଉପରକୁ ଉଠିଲେ ବି ସବୁର ଖୋଳପା ଭିତରେ ସେଇ ଗୋଟିଏ ପରିଚୟ । ମଣିଷ ଖାଲି ସାଧାରଣ ମଣିଷଟିଏ । ଅସାଧାରଣ ହୋଇ ପାରେ ନାହିଁ । ପବିତ୍ରା ଖାଲି ଯାହାକରେ ତା ପଛରେ ଏକ ଆକାଂକ୍ଷା ଓ ଆଶା । ଥାଏ । ହେଲେ ସେ ଆଉ କେତେଦିନ ଆଦର୍ଶ ପଛରେ ଗୋଡ଼ାଇବ ।

ଏତେଦିନେ ପବିତ୍ରାର ମନେ ହେଲା, ଯେମିତି ସେ ବିବାହ କରି ଭୁଲ କରିଛି । ଭାଇ ଭାଉଜ ଶାନ୍ତି ପାଇବେ ବୋଲି ତାକୁ ବିଭା କରି ଦେଇଥିଲେ । ଭାଇଙ୍କର ଦାୟିତ୍ୱ କମିଥିଲା କିନ୍ତୁ ପବିତ୍ରାର ଦାୟିତ୍ୱ ବଢ଼ିଛି । ତାର ମନେ ହେଲା ଏ ଜୀବନଟା ଯେମିତି ପଉଷର ଏକ ଘନ କୁହେଳି । ପରିଚୟ, ଆତ୍ମୀୟତା ଯେମିତି ଅସତ୍ୟ । କିଏ କାହାର ? ନାରୀ କ'ଣ ସଂସାରକୁ ଆସିଥାଏ ନିଜକୁ ହରାଇବା ପାଇଁ । ତା ମନର ଏକାନ୍ତ ଦରଦ କାହାରି ପ୍ରାଣକୁ ଛୁଏଁ ନାହିଁ । ଯିଏ ତ୍ୟାଗର ସମ୍ଭୋଗ ଭିତରେ ଜୀବନକୁ ବାଢ଼ି ଦେଇପାରେ, ସବୁରି ସୁଖ ପାଇଁ ନିଜକୁ ଯେ ଭୁଲି, ସବୁରି ଅବୟବ ଭିତରେ ସେ ନିଜକୁ ଦେଖେ, ଅନ୍ୟର ହସ ଅଶ୍ରୁ, ସୁଖ ଦୁଃଖକୁ ଯିଏ ଆପଣାର ମଣେ, ନୀଳକଣ୍ଠ ଭଳି ଯିଏ ଗରଳ ପିଇ ଅନ୍ୟ ମୁଖରେ ଅମୃତ ଭରେ; ଦହନ, ଦୁଃଖ, ରୋଗ ଯନ୍ତ୍ରଣାକୁ ପଛକୁ ପକାଇ ଯିଏ ମହିମାମୟତା ବାଢ଼େ, ଉଦାରତା ଆଣେ, ଅନ୍ଧକାରର କ୍ଷୀଣ ଆଲୋକ ଭଳି ତାର ଟିକିଏ କାମନା କରିବା କଣ ଅପରାଧ ?

ନାରୀ ହିଁ ତ ପୁରୁଷର ଆଶ୍ରୟ ଆଉ ଅବଲମ୍ବନ । ନାରୀ ହିଁ ପୁରୁଷର ପରିପୂରକ । ନାରୀର ପରିଚର୍ଯ୍ୟା ବିନା ପୁରୁଷର ଜୀବନ ସାହାରାର ମରୁଭୂମି । ନାରୀର ମମତା ବିନା ପୁରୁଷର ଜୀବନ ଅସହ୍ୟ ହୋଇ ପଡ଼େ । ନିଜ ଯାତ୍ରା ପଥର ଝଡ଼ ଝଞ୍ଜାକୁ ଅତିକ୍ରମି ଲକ୍ଷ୍ୟ ପଥରେ ପହଞ୍ଚିବା ପାଇଁ ଲୋଡ଼ା ହୁଏ ସହଯାତ୍ରିଣୀ । କର୍ମମୟ ଜୀବନର ବଳିଷ୍ଠ କର୍ତ୍ତବ୍ୟର ଆହ୍ୱାନରେ ଉଦ୍‌ବୋଧନ ଆଣେ ସହକର୍ମିଣୀ । ଚିରଦିନ ପୁରୁଷ ନାରୀ ପାଖେ ଦୁର୍ବଳ । ନାରୀର ଗାମ୍ଭୀର୍ଯ୍ୟ, ତାର କଠୋର କର୍ତ୍ତବ୍ୟର ସଙ୍କେତ ପୁରୁଷର ସମସ୍ତ ଦାମ୍ଭିକତାକୁ ଭାଙ୍ଗି ଦିଏ । ନାରୀ ବିନା ପୁରୁଷର ଜୀବନ ଶୁଷ୍କ ନୀରସ । ସାମାଜିକତାର ସମ୍ମାନ ଓ ଗୌରବର ଅଧିକାର ଦିଏ ନାରୀ । ପ୍ରୀତିର ଅର୍ଘ୍ୟ ଡାଳି ପୂଜାରିଣୀର ସାଧନା କରି ନାରୀ ପୁରୁଷକୁ ଜୟ କରେ । ତଥାପି···ନାରୀର ଛନ୍ଦିତ ପାଦପଦ୍ମରେ, କାକକୃଷ୍ଣ କବରୀରେ, ଆଖିର ଇଙ୍ଗିତରେ ଓ କାମନାର ଇନ୍ଧନରେ ପୁରୁଷକୁ ଧ୍ୱଂସ ପଥରେ ଆଗେଇ ନେଇଥାଏ ସେ ।

ନାରୀ ଦେବୀ, ଦାନବୀ ଆଉ ରାକ୍ଷସୀ । ଚିର ରହସ୍ୟମୟ ଏଇ ସୃଷ୍ଟିରେ ଆହୁରି ରହସ୍ୟମୟୀ ଏଇ ନାରୀ । କିନ୍ତୁ ଅସହାୟ ହୋଇ ବେଳେ ବେଳେ ନାରୀ ଜୀବନ ବଡ଼ କରୁଣ ଆଉ ବ୍ୟର୍ଥତା ଭିତରେ ମଉଳିଯାଏ ।

ପବିତ୍ରା କାନ୍ଦୁଥିଲା । କାନ୍ଦିବା ତାର ଯିମିତି ଜନ୍ମଗତ ଦାବୀ । ଏଥିରେ ଅନ୍ୟ କାହାରି ଅଧିକାର ନାହିଁ । ଏ ଦୁନିଆଟା ଯେମିତି ପ୍ରହସନ ଓ ପ୍ରତାରଣାରେ ପୂର୍ଣ୍ଣ । ଯିଏ ସବୁରି ପାଇଁ ଝୁରେ, ତା ପାଇଁ ଟିକେ ସମବେଦନା ଜ୍ଞାପନ କରିବାକୁ ଏ ଦୁନିଆରେ କ'ଣ

କେବଳ ଜନ୍ମ ହୋଇ ନାହାନ୍ତି । ଆପଣାର ହେବାଟା ଯେତେ କଷ୍ଟ, ପରହେବାଟା ସେତେ ସହଜ । ପୁରୁଷ ଭାଗ୍ୟ ପଥର ତଳେ ଆଉ ନାରୀ ଭାଗ୍ୟ ପଥର ତଳେ ସିନା !

ଏଇ ସୁବ୍ରତକୁ ଦେଖି ଦିନେ ତା ମନ ଫୁଲି ଉଠୁଥିଲା ଜୁଆରଆ ନଈ ପରି । ସବୁରି ଭାଗ୍ୟରେ ଏମିତି ସ୍ୱାମୀ ଜୁଟନ୍ତି ନାହିଁ ! ତଥାପି ତା ମନରେ ଶଙ୍କା ଖେଳିଥିଲା । ଆଜିକାଲିର ସଭ୍ୟତାର ଚିକ୍‌କଣ ଖୋଳପାକୁ ଦେଖି ସେ ଭୟ କରୁଥିଲା । ଆଉ ପାଞ୍ଚଟାଙ୍କ ସହିତ ସେ ନିଜକୁ ତୁଳନା କରୁଥିଲା । ପ୍ରକୃତରେ ଯଦି ସୁବ୍ରତର ବିଭା ହେବାକୁ ଇଚ୍ଛା ନ ଥିଲା, ତେବେ ସେ ଜଣେ ନିରପରାଧିନୀ ଝିଅକୁ ଆଣି ଏମିତି ସନ୍ତୁଳୁଛନ୍ତି କାହିଁକି ? ବେଳେ ବେଳେ ଭାବେ ପଚାରି ଦେବକି, "ତୁମେ ଯାହାକୁ ଚାହଁ, ଯାହାର ସାନ୍ନିଧ୍ୟ ତୁମର କାମ୍ୟ ତୁମେ ତାକୁ ଏ ଘରକୁ ଆଣ । ଯହିଁରେ ତୁମର ଆନନ୍ଦ ସେଥିରେ ମୁଁ ତୁମକୁ ବାଧା ଦେବନି । ମୁଁ ତୁମର ସୁଖ ଚାହେଁ, ଆନନ୍ଦ ଚାହେଁ···" ହେଲେ ପାରିବ ତ ? କହିଦେବା ଖୁବ୍ ସହଜ ହେଲେ କରିବା ଭାରି କଷ୍ଟ । ସ୍ତ୍ରୀ ସବୁ କରିପାରେ ହେଲେ ନିଜ ସ୍ୱାମୀ ଅନ୍ୟର ହୋଇଯାଉ ଏ କଥା ସେ ଆଦୌ ଚାହେଁନି । ନିଜକୁ ସମ୍ପୂର୍ଣ୍ଣ ରୂପେ ସମର୍ପଣ କରି ସେ ଚାହେଁ ସ୍ୱାମୀ ତାର ନିଜର ହୋଇ ସବୁଦିନେ ରହୁ ।

ପବନା ସେଇ ସ୍ତ୍ରୀ···ପୁଣି ଏ ପଥର ନୂତନ ଯାତ୍ରିଣୀ । ଭଲ ମନ୍ଦ ସଂସାର ବିଷୟରେ ତାର ବା କି ଅଭିଜ୍ଞତା ଅଛି ? ତଥାପି···ତାର ଧୈର୍ଯ୍ୟ ଅଛି । ପବନା ନିଜକୁ ବୁଝାଉଥିଲା । ସବୁ ସ୍ତ୍ରୀଙ୍କ ଭାଗ୍ୟରେ ତ ସ୍ୱାମୀର ଅଖଣ୍ଡ ପ୍ରେମ ଓ ମମତା ମିଳେନି । କେବଳ ହିନ୍ଦୁଧର୍ମକୁ ଛାଡ଼ିଦେଲେ କେଉଁଠି ଏକଥା ଅଛି

ଯେ, ସ୍ତ୍ରୀ ନିଜର ସତୀତ୍ୱ ପରୀକ୍ଷା ଲାଗି ସ୍ୱାମୀଙ୍କର ଆଦର୍ଶ ନିଆଁ ଭିତରେ ପ୍ରବେଶ କରିଛି ? ସତ ହେଉ ବା ମିଛ ହେଉ, କେଉଁ ଧର୍ମଶାସ୍ତ୍ରରେ ଅଛି ଯେ ନିଜର ଅନ୍ତଃସତ୍ତ୍ୱା ସ୍ତ୍ରୀକୁ ଲୋକନିନ୍ଦା ଉପରେ ନିବିଡ଼ ଅରଣ୍ୟ ଭିତରେ ଛାଡ଼ି ଆସିବା । ସ୍ୱାମୀର ଏଇଟା କ'ଣ କର୍ତ୍ତବ୍ୟର ପରାକାଷ୍ଠା ! ଏଇସବୁକୁ କ'ଣ କୁହାଯାଏ ଧର୍ମ, ସତ୍ୟ ଓ ତ୍ୟାଗର ପ୍ରତୀକ । ନାରୀପ୍ରତି ଅବହେଳା ସମାଜର ଏକ ଆବର୍ଜନା ହୋଇ ରହିବା କେବଳ ଏଇ ଦେଶରେ ସମ୍ଭବ ।

ବିବାହ ମଧ୍ୟରେ ସମସ୍ତଙ୍କ ଜୀବନରେ କାମନା ଭରି ରହିଥାଏ । ଏଇ କାମନାରେ ଆସେ ସନ୍ତାନ । କିନ୍ତୁ ସନ୍ତାନର କାମନା ରଖି କେହି ବିବାହ କରେ ନାହିଁ ।

ତେବେ ବିବାହ କରିବାର ମାନେ କଣ ହୋଇପାରେ ?

କାମନା, ବାସନା, ଆଶା, ଆକାଂକ୍ଷା, ଉପଭୋଗ, ଅଭିଳାଷ ସମସ୍ତଙ୍କ ଜୀବନରେ ଅଛି । ସମସ୍ତେ ଆଶା ଆକାଂକ୍ଷା ମଧ୍ୟରେ କାମନା, ବାସନାକୁ ପ୍ରତୀକ୍ଷା କରିଥାଆନ୍ତି ।

ସବୁ ନାରୀର ଯାହା କାମ୍ୟ, ସମସ୍ତେ ଯାହା କାମନା କରିଥାଆନ୍ତି ଠିକ୍ ସେଇସବୁ କାମନା କରିଥିଲା ପଦ୍ମିନୀ । ସୁବ୍ରତକୁ ବିବାହ କରି ସାରିଲା ପରେ ମନରେ ଆଶାର ତାଜମହଲ ଗଢ଼ିଥିଲା । ସୁବ୍ରତର ରୁକ୍ମିମନଭୁଲା ରୂପ ଦେଖି ଭାବିଥିଲା ଜୀବନଟା ଏଥର ବେଶ୍ ଆନନ୍ଦରେ କଟିଯିବ । କିନ୍ତୁ ହେଲା କଣ ?...

ପଦ୍ମିନୀ କେବଳ ଆଦର୍ଶର ମଶାଲ ଜଳାଇ ଶେଷକୁ ନିଜେ ସେଇଥିରେ ଜଳିଗଲା । ସୁବ୍ରତକୁ ବିବାହ କରି ସେ ଆଶାର ଯେଉଁ ତାଜ ଗଢ଼ୁଥିଲା ତାହା ଅସମାପ୍ତ ରହିଲା ଚିରଦିନ ପାଇଁ । ହେଲେ ନିଜ ଜୀବନଟା ବ୍ୟର୍ଥ ହୋଇଗଲା ସବୁଦିନପାଇଁ ।

ପବନାକୁ ଚାରିଆଡ଼ ଅନ୍ଧାର ଦେଖାଯାଉଥିଲା । ଶରୀରର ଅସୁସ୍ଥତା, ମାନସିକ ଚିନ୍ତାର ଜୀବାଣୁ ଯେପରି ତାର ଦେହ ମନକୁ ଟିକ୍ ଟିକ୍ କରି କାଟି ପକାଉଥିଲେ । ସେ କେବଳ ଦି'ଟା ଆଖିରେ ଚାହିଁ ଏଇ ଅସତ୍ୟ ଦୁନିଆକୁ ଦେଖୁଥିଲା ।

ବାଉଳା ମେଘର ବାଉଳା ମନ ବେଳ ଅବେଳ ମାନେନା । ଦିଗନ୍ତ ବିସ୍ତୃତ ଦୂର ଅନନ୍ତ ଅମ୍ବରର ନୀଳିମା ତଳେ ଦିନାନ୍ତର ରଶ୍ମି ବିକିରଣ କରୁଛି । ତଳେ ସବୁଜ ବସୁନ୍ଧରାର ସୁନ୍ଦର ରୂପ ସମ୍ଭାର ।

ସିପ୍ରା ଆଜି କାନ୍ଦୁଛି । ଜୀବନର ପ୍ରଥମଥର ପାଇଁ ସେ ଆଜି କାନ୍ଦୁଛି । ଆଖିରେ ତା'ର ଅଜସ୍ର ଲୁହର ସମ୍ଭାର । ବୟସର ଉଦ୍ଦାମତା, ଯୌବନର ଖିଆଲରେ ସେ ଯେଉଁ ବିରାଟ ଭୁଲ୍ କରିଥିଲା ତାହା ଆଜି ସଂଶୋଧନ ହୋଇ ଯାଇଛି । ଶିଶିରକୁ ବିବାହ କରି ସେ ଯେଉଁ ବିରାଟ ଭୁଲ୍ କରି ଥାଆନ୍ତା ସେଥିରୁ ଅଳ୍ପକେ ରକ୍ଷା ପାଇଯାଇଛି ସେ ।

ଶିଶିର ବିବାହିତ ବୋଲି ସେ ଜାଣି ନ ଥିଲା । ଶିଶିରର ଭଲ ପାଇବା ସ୍ନେହକରିବା ମୂଳରେ ତା'ର କେଉଁ ସ୍ୱାର୍ଥ ଥିଲା ସେ ଆଜି ଭଲ ଭାବରେ ବୁଝି ପାରିଛି । ଶିଶିର ଭାବିଥିଲା ବିବାହିତର ପରିଚୟ ନ ଦେଇ ଅବିବାହିତ ଜୀବନର ଅଭିନୟ କରି ସିପ୍ରାର ଯୌବନକୁ ଉପଭୋଗ କରିବ । ଆଉ ସିପ୍ରା ବିବାହପାଇଁ ତିଥି ନିର୍ଣ୍ଣୟ କଲେ ସେ ଘରର ଅସୁବିଧା ଦର୍ଶାଇ ଦିନ ଘୁଞ୍ଚାଇ ଚାଲିଥିବ ।

କିନ୍ତୁ ସିପ୍ରା ଯେତେବେଳେ ଜାଣିଲା, ଶିଶିର ବିବାହିତ ବୋଲି ସେ ଦୁଃଖରେ ମ୍ରିୟମାଣ ହୋଇ ଉଠିଲା । ଘରଆଡ଼ ତାକୁ ଅନ୍ଧାର ଦେଖାଗଲା । ନିଜକୁ ଅତ୍ୟନ୍ତ ଅସହାୟ ମଣିଲା ।

କୋଠାଘରର ବାଲ୍‌କୋନି ପାଖରେ ଛିଡ଼ା ହୋଇ ସିପ୍ରା ଅତୀତକୁ ମନେ ପକାଉଥିଲା ଆଉ ଅନୁତାପ ବି କରୁଥିଲା । ସେ ଭାବିଥିଲା ଏ ଦୁନିଆଁରେ ସୁବ୍ରତ ଗୋଟାଏ ଅପଦାର୍ଥ । ତାକୁ ବିବାହ କରିବା ଅପେକ୍ଷା, ବିଷ ଖାଇ ଆତ୍ମହତ୍ୟା କରିବା ସେଇସ୍ଥା । କିନ୍ତୁ ଆଜି ସେ ଭାବୁଛି ଶିଶିରକୁ କାମନା ନ କରି ସୁବ୍ରତକୁ ବିବାହ କରିଥିଲେ ତା'ଜୀବନଟା ଆନନ୍ଦ ମୁଖର ହୋଇ ପାରିଥାଆନ୍ତା । ତା' ନାରୀ ଜୀବନ ସାର୍ଥକ ହୋଇ ଥାଆନ୍ତା ।

କିନ୍ତୁ ଆଜି ତା' ନାରୀ ଜୀବନ ବ୍ୟର୍ଥ ହୋଇ ଯାଇଛି । ଏ ଜନ୍ମପାଇଁ ସେ ଆଉ କାହାର ବଧୂ ହୋଇ ପାରିବ ନାହିଁ । ସେ ଶିଶିରର ପ୍ରେମିକା ହୋଇଥିଲା କିନ୍ତୁ ଜାୟା ହୋଇ ପାରିଲା ନାହିଁ । ଅଥଚ ଜନନୀ ହୋଇ ପାରିଲା ।

ସିପ୍ରା ଆଖିରୁ ଝରୁଥିଲା ଶ୍ରାବଣର ବାରିଧାରା । ଜୀବନଟା ସତେ କେଡ଼େ ରୁକ୍ଷ ହୋଇ ଉଠିଲା । ଶିଶିର ତାକୁ ଗଭୀର ଭଲ-ପାଇ ତା' ପ୍ରତି ଏମିତି ବିଶ୍ୱାସଘାତକତା କରିବ ବୋଲି ସେ କେବେ କଳ୍ପନା କରିନଥିଲା ।

କିନ୍ତୁ ଆଜି ସମସ୍ତ କଳ୍ପନା ବାସ୍ତବରେ ରୂପ ପାଇଲା ।

ପାହାଚ ଉପରେ କାହାର ପାଦଶବ୍ଦ ଶୁଣି ସିପ୍ରା ପଛକୁ ଫେରି ଚାହିଁଲା । ଶିଶିର ଆସୁଥିବାର ଦେଖି ଘୃଣାରେ ମୁହଁ ବୁଲାଇ ନେଲା । ରାଗରେ ଯେମିତି ତା'ର ସର୍ବାଙ୍ଗ ଜଳି ଉଠିଲା ।

ଶିଶିର ସ୍ମିତହସି, ଧିରେ ଧିରେ ଆସି ସିପ୍ରାର କାନ୍ଧରେ ହାତ ରଖିଲା ।

'ସିପ୍ରା ଘୁଞ୍ଚିଗଲା । କହିଲା—ଧନ୍ୟବାଦ । ଗୋଟିଏ ନାରୀର ସରଳତାର ସୁଯୋଗ ନେଇ ଅନେକ ଦିନ ଖେଳିଲେଣି । ପୁଣି ଆଉ କାହିଁକି ? ଆଜ ଆପଣଙ୍କର ପ୍ରକୃତ ସ୍ୱରୂପ ଖୋଲି ଯାଇଛି । ଆପଣଙ୍କର ସମସ୍ତ ଗୁଲବାଜି ଧରାପଡ଼ି ଯାଇଛି । ଭଦ୍ର ଖୋଳପିନ୍ଧା ମୁଖା ଭିତରେ ଯେଉଁ ଅଭିନୟ କରୁଥିଲେ ତାହା ଯେ କେବଳ ପାଇବାର, ଛଳନା କରିବାର ଅଭିନୟ ତାହା ମୁଁ ଆଜ ଜାଣିଲି ।

ତମେ ଏ ସବୁ କ'ଣ କହୁଛ ? ତୁମେ କ'ଣ ଆଜପର୍ଯ୍ୟନ୍ତ ମୋତେ ଚିହ୍ନି ନାହିଁ । ମୁଁ ଯେ ତୁମର ଭାବି ସ୍ୱାମୀ । ଆଉ କେଇଟା ଦିନ ଗଲେ ହିନ୍ଦୁବିବାହ ଅନୁସାରେ ତମେ ମୋର ସ୍ତ୍ରୀ ହେବ ।

ସ୍ତ୍ରୀ ! ସେ ସ୍ୱପ୍ନ ଖାଲି ସ୍ୱପ୍ନରେ ରହୁ ଶିଶିରବାବୁ । ତାକୁ ବାହାରେ ପ୍ରକାଶ କରିବାକୁ ଆଗ୍ରହ କରନ୍ତୁନି । ମୋତେ ସ୍ତ୍ରୀ ରୂପେ ପାଇବାକୁ ଆପଣଙ୍କର କେବେ ଆଗ୍ରହ ନ ଥିଲା କି ଆଜ ମଧ୍ୟ ନାହିଁ । —କେବଳ ଆଗ୍ରହ ଥିଲା ମୋର ରୂପ-ଯୌବନ ପାଇଁ । ସେତିକ ମଧ୍ୟ ମିଳିଯାଇଛି । ପୁଣି ଆଉ କାହିଁକି ଆସିଛନ୍ତି । ଏଥର ଫେରିଯାଆନ୍ତୁ ଆପଣ ।

ସିପ୍ରା ! ପାଗଳୀଙ୍କ ଭଳି ଏ ସବୁ କଣ କହୁଛ ?

ମୁଁ ଠିକ୍ କହୁଛି ! ଗୋଟିଏ ସରଳା ନିଷ୍ପାପ ଝିଅର ନିଷ୍ପାପ ପବିତ୍ର ପ୍ରେମକୁ ଆପଣ କଳଙ୍କିତ କରିଛନ୍ତି । ସନ୍ତାନର ପିତୃତ୍ୱ ପାଇଲା ପରେ ବି ବାହାରେ ଅବିବାହିତ ରହି କୁମାରୀ କନ୍ୟାମାନଙ୍କୁ ବିପଥଗାମୀ କରୁଛନ୍ତି । ଗୋଟିଏ ଚରିତ୍ରହୀନ,

ମଦ୍ୟପ, ଲମ୍ପଟକୁ ଏତେଦିନ ଧରି ମୁଁ ଭଲ ପାଇଥିଲି, ପ୍ରେମକରିଥିଲି ସେ କଥା ଭାବିଲେ ମୋତେ ଘୃଣା ଲାଗୁଛି । ଆପଣଙ୍କୁ ଧନ୍ୟବାଦ ଶିଶିରବାବୁ ! ଏଥର ଆପଣ ସିଧା ଫେରିଯାଆନ୍ତୁ ।

ସିପ୍ରା ! ପୁଣି ଶିଶିର ଡାକି ଉଠିଲା ।

ଆଜି ପର୍ଯ୍ୟନ୍ତ ସିପ୍ରା ପାଖରୁ ସମସ୍ତେ ହାରିଥିଲେ । ସିପ୍ରାଦାସ ଏପର୍ଯ୍ୟନ୍ତ କାହାରି ପାଖରେ ମୁଣ୍ଡ ନୋଇଁ ନ ଥିଲା । ହେଲେ ଆଜି ସିପ୍ରା ହାରି ଯାଇଛି—ହାରି ଯାଇଛି ଆପଣଙ୍କ ପାଖେ । ମୁଁ ଆଜି ପରାଜିତା । ତମ ପାଇଁ ମୁଁ ଆଜି ଚରିତ୍ରହୀନା ।

ହା...ହା...ହା 'ଚରିତ୍ର' ! କେଉଁ ଚରିତ୍ରର ସଂଜ୍ଞା ତୁମେ ମତେ ବୁଝାଉଛ ସିପ୍ରା ! ତୁମେ ସେଇ ମଣିଷ, ଯେ ପ୍ରେମ ବିପଣୀରେ ଜଣଙ୍କ ପରେ ଜଣକୁ ପ୍ରେମଦାନ କରେ । ତମରିଭଳି ଝିଅକୁ ଉପଯୁକ୍ତ ଶାସ୍ତି ଦେବାକୁ ମୋ ଛଡ଼ା ଆଉ କେହି ପାରି ନ ଥାନ୍ତେ ସିପ୍ରା । ଏତେ ଦିନେ ତୁମର ଅହଙ୍କାର ତୁଟିଛି । ଜାଣ ସିପ୍ରା, ଏ ସଂସାରରେ ଏମିତି କେହି ନାରୀ ନାହିଁ, ଯିଏ ଶିଶିର ପାତ୍ରର ମନକୁ ବାନ୍ଧି ରଖିପାରିବ । ନାରୀ ଖାଲି ସୁରା । ରଙ୍ଗିନ ବୋତଲର ଦାମିକା ହୁଇସ୍କି, ବ୍ରାଣ୍ଡି ସହିତ ସମାନ । ତାକୁ ପିଇବା, ତାକୁ ନିଶେଷ କରିବାକୁ ପୁରୁଷର କାମ । ମଦ ସରିଲେ ଫମ୍ପା ବୋତଲକୁ କିଏ ପଚାରେ ? ନାରୀର ଜୀବନ ମୋ ପାଖେ ମୂଲ୍ୟବାନ ନୁହେଁ । ମୋ ଜୀବନ ଛଡ଼ା ମୁଁ କାହାରି ଜୀବନକୁ ସମ୍ମାନ ଦେଇନି । ନାରୀକୁ ମୁଁ ଖାଲି ଉତ୍ତେଜନା ବେଳେ ଲୋଡ଼େ । ତୁମେ ଠିକ୍‌ବେଳେ ଜାଣିଛ । ମୋତେ ଯଦି ବିବାହ କରିଥାନ୍ତ ତେବେ ତୁମେ କେବେହେଲେ ସୁଖୀ ହୋଇ

ପାରି ନ ଥାନ୍ତି । ଆଚ୍ଛା ମୁଁ ଚାଲିଲି ! କେବେ ଯଦି ମୋର ସାହାଯ୍ୟ ଦରକାର ହୁଏ, ତେବେ ମୁଁ ସାହାଯ୍ୟ ଦେବାକୁ ପ୍ରସ୍ତୁତ ଅଛି । ମୋ ଘରର ଦ୍ୱାର ସଦାଦିନେ ତୁମପାଇଁ ଉନ୍ମୁକ୍ତ । ହେଲେ ମୁଁ ଜାଣେ ଆମର ଆଉ କେବେ ସାକ୍ଷାତ ହୋଇ ପାରିବନି ।

ଆରେ ! ଆପଣଙ୍କର ମୁଦିଟା ନେଇଯାନ୍ତୁ ଯେ ! ମୋ ପାଖରେ ମୁଦିଟା ରହିଲେ ଆପଣଙ୍କର ସ୍ମୃତି ମୋତେ କଳୁଷିତ କରିବ । —ଉର୍ବଶୀ କହିଲା ।

ଏବେ ବି ମୋ ସ୍ମୃତି କ'ଣ ତୁମକୁ କଳୁଷିତ କରିନି । ଏ ମୁଦିରେ ମୁଁ କେବେ ନ ଥିଲି କି ଆଜି ବି ନାହିଁ । ହେଲେ ଶିଶିର ପାଦ ଯେଉଁ ସ୍ଥାନରେ ରହିଲା, ସେଠୁ କେବେ ବାହାରିବନି । ଯାଉଛି ସିପ୍ରା ! ପରେ ପୁଣି ସାକ୍ଷାତ ହୋଇପାରେ ।

ବେଶ୍ । ଚାଲିଯାଆନ୍ତୁ ଆପଣ । ନିମନ୍ତ୍ରଣ କରି ଆପଣଙ୍କୁ ଡକାଇ ନଥିଲି । ପତଙ୍ଗ ପରି ଛୁଟି ଆସିଥିଲ । ଅଲୋକ ଲିଭିଗଲା । ପତଙ୍ଗ ଚାଲିଗଲା । ଏଥିରେ ମୁଁ ଦୁଃଖ କରିବି କାହିଁକି ?

ହଠାତ୍ ଅଟକିଗଲା ଶିଶିର । କହିଲା—ପତଙ୍ଗ ଆସିଥିଲା ସତ; କିନ୍ତୁ ସେ ନିଆଁରେ ଦଗ୍ଧ ହୋଇପାରିଲା ନାହିଁ । ନିର୍ବାଣୋନ୍ମୁଖୀ ଅଗ୍ନିକୁ ଚିରଦିନ ପାଇଁ ଲିଭାଇ ଚାଲିଗଲା । ଚିରଦିନ ପାଇଁ ତୁମ ହୃଦୟରେ ଏକ ଗଭୀର ଦାଗଦେଇ ଚାଲିଗଲା । ତୁମେ ଆଜି ଚରିତ୍ରହୀନା, ପରିତ୍ୟକ୍ତା । ତୁମେ ଆଉ କାହାର ପ୍ରେମିକା ହୋଇପାରିବ କିମ୍ବା ବଧୂ ଓ ଜନନୀର ଗୌରବ ପାଇବାକୁ ଅଯୋଗ୍ୟ ।

ଶିଶିର ଚାଲିଗଲା ।

ଦୂରରୁ ଶିଶିର ଅଟ୍ଟହାସ୍ୟ ଶୁଭୁଥିଲା । ଆଉ ସିପ୍ରା ଖାଲି ଉତ୍ତେଜନାରେ ଥରୁଥିଲା । ତା ପରେ ତାର କ'ଣ ହେଲା ସେ ଜାଣେନା । ସେ ପ୍ରକୃତିସ୍ଥ ହେଲାବେଳକୁ ରାତି ଅନେକ ହୋଇଯାଇଥିଲା । ଦେଖିଲା ପଲଙ୍କରେ ସେ ଶୋଇଛି ଆଉ ନିକଟରେ ତାର ଜଣେ ସମ୍ପର୍କୀୟା ମାଉସୀ ବସି ତାକୁ ଆଉଁସିବାରେ ଲାଗିଛନ୍ତି । ଚାକରମାନେ ସବୁ ଉତ୍କଣ୍ଠାରେ ଚାହିଁ ରହିଛନ୍ତି । ଏଁ ! ଏ କ'ଣ ପୁଣି ଡାକ୍ତର ଆସିଛନ୍ତି । କ'ଣ ହୋଇଛି ତାର । ସେ ତ କିଛି ଜାଣିନି । କିଛି ତାର ମନେ ନାହିଁ । ସିପ୍ରା ଧୀରେ ଧୀରେ ସନ୍ଧ୍ୟାବେଳର କଥା ମନେ ପକାଉଥିଲା । ଝାପସା ହୋଇ ମନେ ପଡ଼ୁଛି ତା'ର । ବାପାଙ୍କ ଶୋଇବା ଘର ଆଲମିରାରୁ କ'ଣ ସେ ବାହାର କରି ପିଇବ ବୋଲି ଧରିଥିଲା । ତାପରେ ଆଉ କିଛି ମନେ ପଡ଼ୁନି ।

ସୁବ୍ରତ ଚିଠି ପାଇଲା । ଅତି ଜରୁରି ଚିଠି ।

ମୁକ୍ତିକାନ୍ତ ଲେଖିଛନ୍ତି ।—ପରିବାର ଦେହ ଭୀଷଣ ଖରାପ । ଯେତେ କାମଥାଉ, ସବୁ ଛାଡ଼ି ଶୀଘ୍ର ଗାଁକୁ ଆସିବୁ ।

ସୁବ୍ରତ ବିସ୍ମିତ ହୋଇ ଉଠିଲା । କଣ ହେଲା ପରିବାର ଦେହ ! ଯଦି ସମାନ୍ୟ ହୋଇଥାଏ ତେବେ ବାପା ଜରୁରୀ ଚିଠି ଦେବାର ପ୍ରୟୋଜନ କ'ଣ ? ନାଁ, ବୋଧେ ଭୀଷଣ ଅସୁସ୍ଥ ଅଛି ପରିବା ! ତାକୁ ସନ୍ଧ୍ୟାଗାଡ଼ିରେ ଯେ କୌଣସି ମତେ ଯିବାକୁ ହେବ ।

ଦିନ ଯାଇ ରାତି ହେଲା ।

ମୁକ୍ତିକାନ୍ତ ପ୍ରତୀକ୍ଷା କରିଥିଲେ ।

ପ୍ରତୀକ୍ଷା କରିଥିଲା ପବିସା ! ସତେ କ'ଣ ଆସିବେନି ସେ !

ବେଳ ଗଡ଼ି ଗଡ଼ି ଯାଉଛି ।

କମଳାଦେବୀ ସୁବ୍ରତକୁ ଦେଖି କୁଣ୍ଢାଇ ପକାଇଲେ । କହିଲେ—ଏତେ ଦିନ ପରେ ଘରକଥା ମନେ ପଡ଼ିଲା ପୁଅ ! ହଉ ଆ, ପବିସା ଦେହ ଖୁବ୍ ଅସୁସ୍ଥ ! ତୋତେ ଦେଖିବାକୁ ଅନେକ ବେଳୁ ଚାହିଁ ବସିଛି ।

ସୁବ୍ରତ ବିସ୍ମିତ ହେଉଥିଲା । ମାଆଙ୍କର ଆଜି ଏ କି ଅସମ୍ଭବ ପରିବର୍ତ୍ତନ ! ସେ ଭାବୁଥିଲା; ଦୁଃଖ ନ ସହିଲେ ପ୍ରକୃତ ସୁଖ କେହି ଉପଲବ୍ଧି କରିପାରେନା । ଆଜନ୍ମରୁ ମାତୃହରା ହୋଇ ସେ ଏଇ ସାବତ ମାଆର ଅତ୍ୟାଚାର ସହି ନ ପାରି ଘରକୁ ଆସେନା ! ସେଇ ମାଆର ଆଜି ପୁଣି ଏ କି ବିରାଟ ପରିବର୍ତ୍ତନ !

ଭାବୁଛୁ କ'ଣ ସୁବ୍ରତ । ଆ, ପବିସା ପାଖକୁ ଆ ।

ସୁବ୍ରତ ପବିସା ପାଖକୁ ଗଲା ।

ପବିସା ନିଦରେ ଶୋଇ ଯାଇଛି । କିନ୍ତୁ ଚିକ୍କଣ ଗାଲ ଉପରେ ଶୁଖିଲା ଲୁହର ଦାଗ ଦିଶୁଥିଲା । ତେବେ ପବିସା କାନ୍ଦୁଥିଲା ? କାହିଁକି ?

ଅନୁତାପ କରୁଥିଲା ସୁବ୍ରତ ।

ଅନୁତାପ ହିଁ ମଣିଷର ଉଚିତ ଶାସ୍ତି ।

ପ୍ରକୃତରେ ସେ ପବିସା ପ୍ରତି ଖୁବ୍ ଅବହେଳା କରିଛି । ଏ ଘରକୁ ବୋହୂ ହୋଇ ଆସିବା ପବିସାର ଅନେକ ଦିନ ହୋଇଗଲାଣି । ହେଲେ ସେ କେବେ ତାର ତତ୍ତ୍ୱ ନେବାକୁ

ଚାହିଁନାହିଁ । କିନ୍ତୁ ପବନା···ତା' ପାଇଁ ନିଜ ଜୀବନକୁ ଜଳାଞ୍ଜଳି ଦେଇଛି । ନିଜେ ନହସି ଅନ୍ୟକୁ ହସାଇବାକୁ ଚେଷ୍ଟା କରିଛି । ଅନ୍ୟ ଭୁଣ୍ଡରେ ଆହାର ଦେଇ ନିଜେ ଉପବାସ ରହିଛି । କିନ୍ତୁ ବିନିମୟରେ କିଛି ଚାହିଁନି । ସେ ବି କିଛି ତାକୁ ଦେଇ ପାରିନି । କିନ୍ତୁ ସେ ବିବାହ ପୂର୍ବରୁ ଭାବିଥିଲା ପବନାକୁ ଯେପରି ହେଉ ସୁଖୀ କରାଇବ । ପବନାର ଯାହା କାମ୍ୟ, ସ୍ୱାମୀର ସ୍ତ୍ରୀ ପ୍ରତି ଯେତିକି କର୍ତ୍ତବ୍ୟ ସେତିକି ସେ ଦେବାକୁ ଅବହେଳା କରିବ ନାହିଁ । ହେଲେ କୌଣସି କଥା ତ ସେ ରଖି ପାରିନି !

ଆଜି ପବନା ଯାହା କରିଛି, ଉର୍ବଶୀ କଣ ତା'ଠାରୁ ବେଶି କରିଥାଆନ୍ତା । ପାଇବାର କାମନା ନ ରଖି ଯିଏ ଦୁନିଆଁ ପାଇଁ କରିଯାଏ ସେ ସିନା ଆଦର୍ଶ ମଣିଷ ।

ପବନା ଆଜି ତା' ନିକଟରେ ପୂଜ୍ୟ । ସେ ସାମାନ୍ୟ ନାରୀ ନୁହେଁ, ସେ ଦେବୀ—ମହାମାନବୀ ।

ସୁବ୍ରତ ପବନାକୁ ଚାହିଁଲା ।

ଏପର୍ଯ୍ୟନ୍ତ ବି ପବନାର ଆଖି ଖୋଲିନି ।

ପବନା ଦେହରେ ହାତ ଦେଲା ସୁବ୍ରତ । ଖଇଫୁଟା ତାତି । ତେବେ ପବନା କ'ଣ ବଞ୍ଚିବନି ।

ପବନା ଆଖି ଖୋଲିଲା । ଚାରି ଆଡ଼କୁ ଚାହିଁଲା । ଆଖି-ଆଗରେ ସୁବ୍ରତକୁ ଦେଖି କହିଲା— ତମେ ଆସିଛ ! ଏତେଦିନ ପରେ ମୋ କଥା ତୁମର ମନେ ପଡ଼ିଲା ? କିନ୍ତୁ ଖୁବ୍ ବିଳମ୍ବରେ ଆସିଲ ତୁମେ ! ଅନେକ କଥା କହିବାର ଥିଲା କିନ୍ତୁ କିଛି କହି ପାରୁନି ।

ପବନୀ ! ଏସବୁ ତୁମେ କ'ଣ କହୁଛ ! ସାମାନ୍ୟ ଜ୍ୱର ହୋଇଛି । ସେ ଭଲ ହୋଇ ଯିବନି । ଜ୍ୱର ଭଲ ହୋଇଗଲେ ମୁଁ ତୁମକୁ ସହରକୁ ନେଇ ଯିବି ।

ସହର ! ସେତେବେଳେ ତ ନେଇ ନଥିଲ ! ଆଉ ଜ୍ୱର ଭଲ ହେଲାପରେ ନେବ ! ଜ୍ୱର ଭଲ ହେବନି କି ମୁଁ ଆଉ ସହରକୁ ଯିବନି । ଏଇଠି ଏଇ ଘରେ ମୋର ଶେଷ···

ସୁବ୍ରତ ପବନୀର ପାଟିରେ ହାତଦେଲା । ଏ ସବୁ କଣ କହୁଛ ପବନୀ ।

ସବୁ ଠିକ୍ କହୁଛି । ବାସ୍ତବ ସତ୍ୟ, ନିଘଂଟ ସତକଥା । କିନ୍ତୁ ଆଜି ମୋ ପ୍ରତି ତୁମର ଯେଉଁ ସମବେଦନା, ସହାନଭୂତି ରହିଛି ସେତକ ଯଦି ପୂର୍ବରୁ ଥାଆନ୍ତା, ତେବେ ଆଜି ମୋର ଏ ଅବସ୍ଥା ହୋଇ ନ ଥାଆନ୍ତା !

ହଁ, ପବନୀ ! ସେ ସବୁ ମୋର ଦୋଷ ହୋଇଛି । ମୋତେ କ୍ଷମା କର ।

ପବନୀର ଆଖିରୁ ଗଡ଼ି ପଡ଼ିଲା ଦି'ଧାର ଲୁହ ।

ସୁବ୍ରତ ପବନୀର ପାପୁଲିକୁ ଧିରେ ଆଉଁସି ଦେଉ ଦେଉ କହିଲା—ଆଜିଠାରୁ ସୁବ୍ରତ ତୁମର ! ଏକାନ୍ତ ତୁମର । ଆଜି ମୁଁ ମୋର ଭୁଲ୍ ବୁଝି ପାରିଛି ।

ପବନୀ ଆଉ କିଛି କହିପାରିଲା ନାହିଁ । ଟୋପେ ପାଣିପାଇଁ ଇଙ୍ଗିତ ଦେଲା ।

ସୁବ୍ରତ ପବନୀ ତୁଣ୍ଡରେ ପାଣିଦେଲା ।

କିନ୍ତୁ ପାଣି ଗଲାନି ବେକରେ ଆଉ ଟିକେ ।

ସୁବ୍ରତ ଭେ ଭେ ହୋଇ କାନ୍ଦି ଉଠିଲା ।

ନିରୋଳାରେ ବସି ଗଭୀର ଭାବେ ଚିନ୍ତା କରୁଥିଲା ସୁବ୍ରତ । ଅତୀତକୁ ମନେ ପକାଇଲେ ଆଖିରେ ଲୁହ ଆସୁଛି—କୋହ ଆସୁଛି । କୁଆଡେ଼ ଗଲା ପବିତ୍ରା ! କୁଆଡେ଼ ଗଲା ପବିତ୍ରାର ଆଦର୍ଶ ଭରା କଥା ! କୁଆଡେ଼ ଗଲା ପବିତ୍ରାର ସ୍ନେହ, ମମତା, ଆନ୍ତରିକତା !

ଆଜି ପବିତ୍ରା ନାହିଁ । ପବିତ୍ରା ଆଜି କାହିଁ କେତେ ଦୂରରେ ! ସ୍ୱାମୀ ହିସାବରେ ସ୍ତ୍ରୀର କର୍ତ୍ତବ୍ୟ ଯେତିକି ରହିବାର କଥା ପବିତ୍ରା ତା'ଠାରୁ ବେଶୀ କରିଛି । ହେଲେ ବିନିମୟରେ ପାଇଛି କଣ ? ଅବହେଳିତା, ନିକ୍ଷେପିତା, ପରିତ୍ୟକ୍ତା ଭାବରେ ଜୀବନ ବିତିଛି ତାର । ସ୍ୱାମୀର ସ୍ନେହ, ଆଦର, ପ୍ରେମ ପାଇ ପାରିଲାନି । ସ୍ୱାମୀର ଅବହେଳା, ନିର୍ଯ୍ୟାତନା ପାଇ ପାଇ ନିଜ ଜୀବନକୁ ତିଳ ତିଳ କରି ନିଃଶେଷ କରି ଚାଲି ଯାଇଛି । ତା'ର ବିବାହିତା ସ୍ୱାମୀ ପାଇଁ ଖାଲି ହତାଶ, ନିରାଶ, ବ୍ୟର୍ଥତାର ସାହାରା ଭିତରେ ଗୁଡ଼ିଯାଇଛି ।

ସେଇ ସୁବ୍ରତ ଆଜି ଭାବୁଛି ।

ସେ ଯଦି ପବିତ୍ରାକୁ ତା'ର ପ୍ରାପ୍ୟ ଦେଇଥାଆନ୍ତା, ସ୍ୱାମୀ ହିସାବରେ ସ୍ତ୍ରୀ ପ୍ରତି ଯେତିକି କର୍ତ୍ତବ୍ୟ ସେ ଯଦି ସେତିକି କରିଥାଆନ୍ତା, ତେବେ ପବିତ୍ରା ଆଜି ଶୁଖି-ଶୁଖି ମରି ନ ଥାଆନ୍ତା ! ଅକାଳରେ ତା'ର ବିୟୋଗ ହୋଇ ନ ଥାଆନ୍ତା ।

ସୁବ୍ରତର ଆଖିରୁ ଦୁଇଧାର ଲୁହ ଗଡ଼ି ପଡ଼ିଲା ।

କୁଆଡେ଼ ଗଲା ଆଜି ଉର୍ବଶୀ ! କେଉଁଠି ଥାଇ କ'ଣ କରୁଥିବ ସେ ?

ଉର୍ବଶୀ ହିନେ ତାକୁ ଭଲ ପାଇଥିଲା । ବିବାହ କରିବ ବୋଲି ମନେ ମନେ ସଂକଳ୍ପ କରିଥିଲା । କିନ୍ତୁ ବିବାହ କରି

ପାରିଲାନି ସେ । ମନର ସବୁ ଆଶା ଭରସା ମଉଳି ଗଲା ଅଦିନ ଝଡ଼ ପରି । ଶେଷକୁ ଗୋଟିଏ ବୟସ୍କ ଲୋକ, ଠିକ୍ ତାର ବାପା ବୟସ ହେବ, ତାକୁଇ ବିବାହ କରିଗଲା । ଧନ, ଜନ, ମାନ ସମ୍ମାନ ସବୁ ପାଇଲା । କିନ୍ତୁ ସୁଖୀ ହୋଇ ପାରିଲା ନାହିଁ । କାନ୍ଦି କାନ୍ଦି ଜୀବନର ମଧ୍ୟାହ୍ନଟା ବିତିଗଲା ।

ପବିତ୍ରାର ମୃତ୍ୟୁ ଆଜି ଉର୍ବଶୀର ଦୁଃଖମୟ ଜୀବନ ପାଇଁ ସୁବ୍ରତ ନିଜକୁ ଦାୟୀ କରୁଥିଲା । କେବଳ ତା'ରି ପାଇଁ ଦୁଇଟି ନାରୀଙ୍କର ଜୀବନ ନଷ୍ଟ ଭ୍ରଷ୍ଟ ହୋଇଯାଇଛି । ତାଙ୍କର ଆଖି ଲୁହରେ ନିଜ ଜୀବନଟା ଆଜି ମରୁଭୂମି ପାଲଟି ଯାଇଛି ।

ଆଖିରୁ ଲୁହ ପୋଛି ସୁବ୍ରତ ଉଠିଲା ।

ନାଁ, ପବିତ୍ରା ଚାଲିଯାଇଛି । ଉର୍ବଶୀ ବିବାହ କରି ସାରିଛି । କିନ୍ତୁ ଦିନକ ପାଇଁ ସେ ଉର୍ବଶୀ କଥା ଚିନ୍ତା କରିନି ।

ଆଜି ପବିତ୍ରାର ମୃତ୍ୟୁପରେ ଉର୍ବଶୀର କଥା ମନେ ପଡ଼ିଲା । ସୁବ୍ରତ ଭାବିଲା—ସେ ଉର୍ବଶୀ ପାଖକୁ ଯିବ, ବିବାହ କରି ତା'ଠାରୁ ଅଲଗା ହୋଇଯିବା ପ୍ରାୟ ଦୁଇବର୍ଷ ହୋଇଯିବ । କିନ୍ତୁ ଦିନକପାଇଁ ସେ ଉର୍ବଶୀକୁ ଦେଖାକରିବାକୁ ଯାଇନି ।

ନାଁ, ଆଜି ସେ ଯିବ । ଉର୍ବଶୀକୁ ସାକ୍ଷାତ କରିବ । କହିବ—ତୋ ଆଦରର ସୁବ୍ରତଭାଇକୁ ତୁ ଏତେ ଶୀଘ୍ର ଭୁଲିଯାଇ ପାରିଲୁ ! ଯାହାକୁ ତୁ ଏତେ ଭଲପାଇ ଥିଲୁ ତା'ପ୍ରତି ତୁ ଏତେ ପାଷାଣୀ ହୋଇ ପାରିଲୁ ? ଥରଟିଏ ଚିଠି ଦେଇ ଭଲମନ୍ଦ ପଚାରି ପାରିଲୁନି ?

ସୁବ୍ରତ ଭାବିଲା—ଉର୍ବଶୀକୁ ଦେଖା କରିବାକୁ ସେ ଆଜି ଯିବ । ଆଜି କାହିଁକି ଉର୍ବଶୀ କଥା ବେଶୀ ମନେ ପଡ଼ୁଛି ।

ସୁବ୍ରତ ବାହାରି ପଡ଼ିଲା ଖଣ୍ଡିଏ ସାଇକେଲ ଧରି ।

ଉର୍ବଶୀର ପ୍ରଗାଢ ସେବା, ଯତ୍ନ ଆଉ ଡାକ୍ତରଙ୍କର ଅକ୍ଲାନ୍ତ ପରିଶ୍ରମ ସତ୍ତ୍ୱେ ସମସ୍ତ ଚେଷ୍ଟା ବିଫଳ ହେବାକୁ ବସିଛି । ଦୀର୍ଘ ତିନିମାସ ଧରି ସ୍ୱାମୀ ପୂର୍ଣ୍ଣଚନ୍ଦ୍ରଙ୍କୁ ଭୀଷଣ ଜ୍ୱର । ଆରୋଗ୍ୟ ପରିବର୍ତ୍ତେ ରୋଗ ଦିନକୁ ଦିନ ବଢ଼ିବାରେ ଲାଗିଛି ।

ଉର୍ବଶୀ ଚାହିଁଲା ସ୍ୱାମୀ ପୂର୍ଣ୍ଣଚନ୍ଦ୍ରଙ୍କୁ । ମୁଖ ବିବର୍ଣ୍ଣ ଦିଶୁଛି । ମଝିରେ ମଝିରେ ଯନ୍ତ୍ରଣାରେ ଚିତ୍କାର କରି ଉଠୁଛନ୍ତି । ଆଖିରେ କରୁଣ ଆଉ ମର୍ମନ୍ତୁଦ ଚାହାଣୀ । କେତେ କଣ କହିବାର ଆଗ୍ରହ ଓ ଅନୁତାପର ଛାପ ସେ ମୁହଁରେ ଆତ୍ମ ପ୍ରକାଶ ପାଉଛି । ସେ ଯେମିତି ଭାବୁଛନ୍ତି—ଉର୍ବଶୀ ଭଳି ସରଳ ନିଷ୍ପାପ ଝିଅର ଜୀବନ ଜାଣି ଜାଣି ସେ କାହିଁକି ନଷ୍ଟ, ଭ୍ରଷ୍ଟ କରିଦେଲେ ? କାହିଁକି ତାକୁ ଦ୍ୱିତୀୟ ବିବାହ କରି ତା' ସୁନେଲି ଭବିଷ୍ୟତରେ କଳଙ୍କର କାଳିମା ବୋଳି ଦେଲେ ।

ଉର୍ବଶୀ ସ୍ତ୍ରୀ ! କୁଳବଧୂ !

ସ୍ୱାମୀର ସେବା ତା'ର କର୍ତ୍ତବ୍ୟ ! ମୁଣ୍ଡରେ ସିନ୍ଦୂର, ହାତରେ କାଚ ଥିଲେ ଦୁନିଆରେ ନାରୀର ସମ୍ମାନ ଥାଏ । ମନ-କପୋତ ମରି ମରି ଯାଉ ପଛେ, ଦୁନିଆ ଜାଣିବ ସେ ଭାଗ୍ୟବତୀ, ଅହ୍ୟ ସୁଲକ୍ଷଣୀ । ବଡ଼ ଲୋକର ସହଧର୍ମିଣୀ । ତା'ର କିଛି ଅଭାବ ନାହିଁ । ଜମିଦାରଙ୍କର ଧର୍ମପତ୍ନୀ । କୋଠାଘର ଅଛି, ଜମିଦାରୀ ଅଛି । ତା'ର ପୁଣି ଅଭାବ କଣ ?

କିନ୍ତୁ ଅଭାବଟା ନିଜେ ବୁଝେ ଉର୍ବଶୀ । ନିଜର ଅଭାବ ଅସୁବିଧା ନିଜେ ଯେମିତି ଉପଲବ୍ଧି କରି ପାରିବ ଅନ୍ୟ କେହି ସେପରି ପାରିବେ ନାହିଁ ।

ନିଜର ଦୁଃଖ, ଅଭାବ ଉର୍ବଶୀ ଅନୁଭବ କରୁଥିଲା । ସ୍ୱାମୀ ଥାଇ ଆଜ ନଥିଲା ଭଳି । ବିବାହ କରି ସ୍ୱାମୀ ନିକଟରୁ ନିଜର ପ୍ରାପ୍ୟ ନପାଇଲେ ମନ କ'ଣ ହୁଏ ତାହା ଅନୁଭବ ଛଡ଼ା ଆଉ କେହି ଅନୁଭବ କରି ପାରିବେ ନାହିଁ । ଉର୍ବଶୀ ଅନୁଭବ କରି ପାରୁଥିଲା । ସେଇଥିପାଇଁ କାହାକୁ କିଛି ନ କହି ନିଜେ ଚୁପ୍ ରହିଥିଲା । କାହାକୁ କହିବ ଏକଥା ! ଯାହାକୁ କହିବ ସେ ଯଦି ହସିବ ଏକଥା ଶୁଣି ? ମାଆ ବିବାହ କରିଦେଇ ଥିଲେ ଜାଣି ଜାଣି । ଝିଅ ତା'ର ସୁଖରେ ରହିବ ; ବଡ଼ ଲୋକର ସ୍ତ୍ରୀ ହେବ । ଦାସ ଦାସୀ ଗହଳରେ ନିଜ ଜୀବନଟା ବେଶ ଅଲଅଲରେ ବିତିଯିବ । ପେଟର କ୍ଷୁଧା, ଅଭାବର ତାଡ଼ନା ମୋଟେ ରହିବନି !

ଆଜି ଅବଶ୍ୟ ମାଆଙ୍କ କଥା ସତ ହୋଇଛି । ଝିଅ ତା'ର ଖୁବ୍ ସୁଖରେ ରହିଛି । କିନ୍ତୁ ଯେଉଁ ଝିଅକୁ ସେ ସୁଖରେ ରହିବ ବୋଲି ଜମିଦାର ଘରେ ବିବାହ ଦେଇଥିଲା, ସତରେ କଣ ସେ ଆଜି ସୁଖରେ ରହି ପାରିଛି ।

ଅଭାବ, ଅନାଟନ, କ୍ଷୁଧା ନ ରହିଲେ ବିବାହିତା ନାରୀ ଯେ ସୁଖରେ ଥାଏ ଏ କଥା ଠିକ୍ ନୁହେଁ, ବିବାହର କାମନା, ଉପଭୋଗର ଲାଳସା ନ ଥିଲେ ସେ ବିବାହର ମାନେ କିଛି ହୋଇପାରେ ନା । ପେଟକୁ ଦି'ଟା ଖାଇପିଇ ବଞ୍ଚିରହିବା ମାନେ କଣ ବିବାହିତ ଜୀବନର ସୁଖ ଭରି ରହିଥାଏ ! !

ଆଖିରୁ ଲୁହ ଝରାଇ ଉର୍ବଶୀ କାନ୍ଦୁଥିଲା ।

ସ୍ୱାମୀ ପୂର୍ଣ୍ଣଚନ୍ଦ୍ର କଣ୍ଠ ଲେଉଟାଇଲେ ।

ଉର୍ବଶୀ ସ୍ୱାମୀଙ୍କ କପାଳରେ ହାତରଖିଲା । ତାତି ସେମିତି ଭରି ରହିଛି । ବେଳକୁ ବେଳ ଅବସ୍ଥା ଅସମ୍ଭାଳ ହୋଇ ଉଠୁଛି । କେଉଁ ମୁହୂର୍ତ୍ତରେ କଣ ହେବ କିଛି କହି ହେଉନି ।

ଉର୍ବଶୀ କାନ୍ଦି ଉଠିଲା କଇଁ କଇଁ ହୋଇ ।

ପୂର୍ଣ୍ଣଚନ୍ଦ୍ର ଇଙ୍ଗିତ ଦ୍ୱାରା ପାଖକୁ ଡାକିଲେ ।

ଉର୍ବଶୀ ସ୍ୱାମୀଙ୍କ ପାଖକୁ ଗଲା ।

ଧିର, ଶୁଷ୍କ କଣ୍ଠରେ ସ୍ୱାମୀ ତାର କହିଲେ—ମୋତେ କ୍ଷମା ଦେଇଚ ଉର୍ବଶୀ !

କ୍ଷମା ! ଭୁଲ ନ ଥାଇ କ୍ଷମାର ପ୍ରଶ୍ନ ଉଠୁଛି କାହିଁକି ?

ମୁଁ ଭୁଲ କରିଛି । ଜୀବନ-ମଧ୍ୟାହ୍ନର ବୟସ ବିତିଯିବା ପରେ ତୁମକୁ ବିବାହ କରି ମୁଁ ମସ୍ତବଡ ଅପରାଧ କରିଛି । ତମେ ମୋର ସ୍ତ୍ରୀ । କିନ୍ତୁ କଣ ଦେଇଚି ତମକୁ ମୁଁ । କିଛି ନାହିଁ । ଦେବାର କ୍ଷମତା ଭଗବାନ ମୋର କାଡି ନେଇଛନ୍ତି । ମୁଁ ଅକର୍ମଣ୍ୟ, ପଙ୍ଗୁ । ଏଇଠି ଦି'ଟା ଖାଇବା ପାଇଁ, ରହିବା ପାଇଁ ତମେ ମୋତେ ବିବାହ କରି ନ ଥିଲ । ଯେଉଁ ଆଶା, ଯେଉଁ କାମନା, ବାସନା ରଖି ତମେ ମୋତେ ବିବାହ କରିଥିଲ, ତାହା ମୁଁ ଦେଇପାରିଲି ନାହିଁ । ସେଇଥିପାଇଁ ଆଜି ମୋର ଏତେ ଦୁଃଖ । ସବୁଦିନେ ତମକୁ ଚାହିଁ, ତମ ଆଖିରେ ଲୁହ ଦେଖି ମୁଁ ଭାବେ—ମୁଁ ଅପରାଧ କରିଛି । ଦୋଷ କରିଛି । ······

ଉର୍ବଶୀ ସ୍ୱାମୀଙ୍କର ପାଟିରେ ହାତଦେଲା—ଏ କଥା ତୁମକୁ କିଏ କହିଲା ? ତମେ କିଛି ଦୋଷ କରିନ, ସେ ମୋର ଭାଗ୍ୟ । ମୋ ଭାଗ୍ୟରେ ଯାହାଥିଲା ତାହା ହୋଇଗଲା । ସେଥିପାଇଁ ତୁମେ କାହିଁକି ଦୋଷୀ ହେବ ?

ସ୍ୱାମୀ ପୂର୍ଣ୍ଣଚନ୍ଦ୍ର ମୃଦୁହସି ମୁହଁ ବୁଲାଇ ଦିଅନ୍ତି ।

ଇମିତି ଏହିପରି ଭାବରେ ଆଠଟିଦିନ କଟିଗଲା ।

ନବମ ଦିନ ରାତ୍ରି । ଏକ କାଳରାତ୍ରି ହୋଇ ରହିଲା ଉର୍ବଶୀ ପାଇଁ । ସେଇଦିନ ରାତ୍ର ଦ୍ୱିତୀୟ ପ୍ରହରରେ······

ଉର୍ବଶୀ ଆଜ କିଛି ଭାବିପାରୁ ନଥିଲା । ଭଲ ମଣିଷ ପରି ଖାଇଲେ—ପିଇଲେ । ଅନେକ ଗପ କଲେ ।

କିନ୍ତୁ ହଠାତ୍ ରହିଯାଇ ଛାତିର ପୀଡ଼ା ଅନୁଭବ କଲେ । ତାପରେ ମାତ୍ର କେତୋଟି ମିନିଟ୍‌.....

ତାପରେ ଦୀପ ଲିଭିଗଲା ।
ମାଟିର ଦେହ ମାଟିରେ ମିଶିଗଲା ।
ଉର୍ବଶୀ କାନ୍ଦିଉଠିଲା ପିଲାଙ୍କ ପରି ।

ଉର୍ବଶୀର ସମସ୍ତ ସୁଖର ଦିନ ବିତିଗଲା । ଭଗବାନଙ୍କ ନିକଟରେ ସବୁ ପ୍ରାର୍ଥନା ନିଷ୍ଫଳ ହେଲା । ହାତର କାଚ, ମୁଣ୍ଡର ସିନ୍ଦୂର ଲିଭିଗଲା । ସେ ହୀନ-କପାଳୀ,ବିଧବା ହୋଇ ଉଠିଲା ।

ଉର୍ବଶୀର ଜୀବନ ଦୁର୍ବିସହ ହୋଇ ଉଠିଲା । ନିଜ ଜୀବନର ମଧ୍ୟାହ୍ନକୁ କିପରି କଟାଇବ ସେଇଥିପାଇଁ ଚିନ୍ତା କରୁଥିଲା ଉର୍ବଶୀ । ଘରର ଦାୟିତ୍ୱ, ପିଲାମାନଙ୍କର ଜଞ୍ଜାଳ ଭିତରେ ତାକୁ ରହିବାକୁ ଯେତେ କଷ୍ଟ ହେଉ ନଥିଲା ପ୍ରଭାତ ପାଖରେ ରହିବାକୁ ତାକୁ ସେତିକି ଭୟ ହେଉଥିଲା ।

ଦୁଃର୍ବଳତାର ସୁଯୋଗ ନେଇ ପ୍ରଭାତ ନିରୋଳା ମୁହୂର୍ତ୍ତରେ ଯଦି ନିଜର କାମନା, ବାସନା ଦାବୀ କରିବସେ ତେବେ ସେ ନିଜକୁ କିପରି ରକ୍ଷା କରିବ, ସେଇଥିପାଇଁ ଚିନ୍ତା କରୁଥିଲା ଉର୍ବଶୀ । ପ୍ରଭାତ କଥା ମନେ ପଡ଼ିଲାବେଳକୁ ଦେହ ତା'ର ଶିହରି ଉଠୁଥିଲା ।

ମାଆ !

ଉର୍ବଶୀ ଆଖିରୁ ଲୁହ ପୋଛୁ ପଛକୁ ଗୃହିଁଲା । ଦାସୀ ରଙ୍ଗଲତା କହିଲା—କିଏ ଜଣେ ତମକୁ ଦେଖା କରିବାକୁ ବାହାରେ ଅପେକ୍ଷା କରିଛନ୍ତି ।

ମୋତେ ଦେଖା କରିବେ ? ମୋ ସାଙ୍ଗରେ ତାଙ୍କର କି କାମ ! ଉର୍ବଶୀ କହିଲା—ତାଙ୍କୁ କହିଦେ, ସେ କାଲି ଆସିବେ ।

ରଙ୍ଗଲତା କହିଲା—ସେ କନ୍ତୁ ଅନେକ ଦୂରରୁ ଆସିଛନ୍ତି ବୋଲି କହୁଚନ୍ତି ।

ଉର୍ବଶୀ ଭାବିଲା—ଅନେକ ଦୂରରୁ କିଏ ଆସିଛି ! କିଏ ତାର ଅଛି ଆପଣାର !

ରଙ୍ଗଲତା ପୁଣି କହିଲା—ସେ କହୁଛନ୍ତି ତମ ଗାଁରେ ତାଙ୍କ ଘର । ଆଉ ସେ ତମର ଭାଇ ହେବେ ବୋଲି କହୁଛନ୍ତି ।

ଭାଇ ! ଭାଇ ତାର କିଏ ଅଛି ? ତାର ଅତି ଆପଣାର ଥିଲେ ସୁବ୍ରତ ଭାଇ । ସେ ତ ଅନେକ ଦିନ ତଳର କଥା । ସେ ପୁଣି ଆଜି ଆସିଛନ୍ତି କାହିଁକି ? କଣ ପାଇଁ ? ?

ଉର୍ବଶୀ କହିଲା—ତାଙ୍କୁ ନେଇଆ ଏଠାକୁ ।

ରଙ୍ଗଲତା ଚାଲିଗଲା ।

ଉର୍ବଶୀ ଭାବିଲା—ସୁବ୍ରତଭାଇ କଣ ଆସିଛନ୍ତି କି ?

ଦରଜା ପାଖରେ ଠିଆହୋଇ ସୁବ୍ରତ ଘରଭିତରକୁ ଗୃହିଁଲା । ପଲଙ୍କ ଉପରେ ତରୁଣୀଟିଏ ବସିଛି । ମୁହଁରେ ବିଷାଦର

କାଳିମା । କିଏ ? କିଏ ସେ ? ସୁବ୍ରତ ଭଲକରି ଚାହିଁଲା । ଆଖିମଳି ପୁଣି ଚାହିଁଲା । ହଠାତ୍ ସମ୍ବିଭୂତ ହୋଇଗଲା ସୁବ୍ରତ । ଏ କଣ ଉର୍ବଶୀ ! ହାତରେ କଙ୍କଣ ନାହିଁ, ମୁଣ୍ଡରେ ସିନ୍ଦୂର ନାହିଁ । ପରିଧେୟ ଖଣ୍ଡେ ଧଳା ଧୋତି ।

ସୁବ୍ରତ ଘରଭିତରକୁ ପାଦ ପକାଇ ପାରିଲା ନାହିଁ କି କଣ୍ଠଖୋଲି ଡାକି ପାରିଲା ନାହିଁ । ନିଶ୍ଚଳ ମୂର୍ତ୍ତିଟି ଭଳି ଉର୍ବଶୀକୁ ଚାହିଁରହିଲା ସେ ।

ଅନେକ ସମୟ ଅପେକ୍ଷା କରିବା ପରେ ଉର୍ବଶୀ ପଦାକୁ ବାହାରି ଆସିଲା । ଦରଜା ସାମନାରେ ଗୋଟିଏ ଯୁବକକୁ ଦେଖି ସ୍ତମ୍ଭିଭୂତ ହୋଇଗଲା ସେ ।

ଭଲକରି ଚାହିଁଲା ଯୁବକଟିକୁ । ତାପରେ ସୁବ୍ରତ ଭାଇ ବୋଲି କହି ଦଉଡ଼ି ଆସିଲା ।

ସୁବ୍ରତର ବାହୁ ବନ୍ଧନ ଭିତରେ ଆବଦ୍ଧ ଉର୍ବଶୀ । ଆଖିରୁ ବହି ଯାଉଛି ଗଙ୍ଗା ଯମୁନାର ଦୁଇଟି ଧାର । ସୁବ୍ରତର ବକ୍ଷ ଉପରେ ସେମିତି ମୁହଁ ରଖି ଉର୍ବଶୀ କହିଲା—ଏତେଦିନ ପରେ ତମର ମନେ ପଡ଼ିଲା ସୁବ୍ରତ ଭାଇ ! ଉର୍ବଶୀର କେଉଁ ଐଶ୍ୱର୍ଯ୍ୟ ଦେଖିବାକୁ ତମେ ଆସିଥିଲ ! କାହିଁକି ଆସିଥିଲ ?

ସୁବ୍ରତ କିଛି କହିପାରିଲା ନାହିଁ ।

ଉର୍ବଶୀ କହିଲା—ସବୁ ସୁଖ ମୋର ସରିଗଲା ସୁବ୍ରତଭାଇ ! ମୁଁ ଏକାକି ହୋଇ ଉଠିଲି । ହତଭାଗିନୀ ଜୀବନ ମୋର । କେହି ନାହିଁ ମୋର ସାହାଭରସା ।

ଉର୍ବଶୀର ପିଠିରେ ହାତ ବୁଲାଉ ବୁଲାଉ ସୁବ୍ରତ କହିଲା— କିଏ କହିଲା ତୋର କେହି ନାହିଁ ବୋଲି ? ସେଦିନ ତୋର ସମସ୍ତେ ଥିଲେ । କୁଳବଧୂ ହୋଇଥିଲୁ ତୁ ! କିନ୍ତୁ ଆଜି···ଆଜି ତୋର କେହି ସାହା ଭରସା ନାହିଁ । ତୁ ଦୁଃଖ କର ନାହିଁ ଉର ! ଦୁନିଆରେ ତୋର କେହି ନଥିଲେ ବି ସୁବ୍ରତ ଭାଇ ତୋର ଅଛି । ସେ ମରିଯାଇନି ।

ଉର୍ବଶୀ ସୁବ୍ରତକୁ ନିଜ ଦୁଇ ବାହୁ ଦ୍ୱାରା ନିବିଡ଼ ଭାବରେ ଚାପି ଧରିଲା ।

ସତେ ଯେମିତି ସୁବ୍ରତ ତାର ସବୁ ।···ସୁବ୍ରତ ଯେମିତି ତା'ର ଆଜି ଆଶାଭରସା, ଏକମାତ୍ର ଆଶ୍ରୟ ସ୍ଥଳ ।

ସୁବ୍ରତ କହିଲା—ଉଠ୍ ଉର ! ଆଖିରୁ ଲୁହ ପୋଛି ଥରେ ହସିଲୁ !

ଉର୍ବଶୀ ହସି ପାରୁନି କି କାନ୍ଦି ବି ପାରୁନି ।

ଆକାଶରେ ଦୁଷ୍ଟ ଚନ୍ଦ୍ରଟା ହସୁଥିଲା ଅତି ନଗ୍ନ ବିଭତ୍ସ ଭାବରେ ।

ଷଙ୍କପାଳ
କଟକ

ପ୍ରଖ୍ୟାତ ଲେଖକଙ୍କର ଚମକପ୍ରଦ ଉପନ୍ୟାସ

ଭଗ୍ନତରୀ—	ମହେନ୍ଦ୍ରକୁମାର ବେହେରା	ଟ ୨୮
ସ୍ୱର୍ଣ୍ଣତରୀ—	„ ବନ୍ଧେଇ	ଟ ୨୬
ଆସିଥିଲା ଅଭିମାନିନୀ—	„	ଟ ୨୮
ଦୀପଶିଖା—	କମଳାକାନ୍ତ ଦାସ	ଟ ୨।
ଶେଷ ପରିଚ୍ଛେଦ—	ଚନ୍ଦ୍ରମଣି ଦାସ	ଟ ୨୮
ଭାନୁମତୀ—	ଯତୀନ୍ଦ୍ର କୁମାର ଦାସ	ଟ ୧୪
ନାଗରିକା—	ରସାନନ୍ଦ ସାହୁ	ଟ ୧୪
ନିଃସଙ୍ଗ ବିହଙ୍ଗୀ—	ବିଭୂତି ପଟ୍ଟନାୟକ	ଟ ୧୪
କଏଦୀ ନଂ ୧୮—	ଯୋଗେନ୍ଦ୍ର କୁମାର ମହାନ୍ତି	ଟ ୨।
ଅପସରାର ଇତିକଥା—	ଭଗିରଥି ନେପାକ	ଟ ୧୫
ଜୀବନ ସାଥୀ—	ବିନୋଦବିହାରୀ ମହାନ୍ତି	ଟ ୧୫
ଅପା—	ପଦ୍ମା ଦାସ	ଟ ୨୮

ପ୍ରକାଶକ

ମେଘମାଳା (M) ପବ୍ଲିକେସନ

ମେଘମାଳାର ଆଗାମୀ ସଂଖ୍ୟାର ଆକର୍ଷଣ

ଛଳନା

ରଚନା—ଶ୍ରୀ ଅନନ୍ତନାରାୟଣ ପଟ୍ଟନାୟକ

ମେଘମାଳାର ଦୋଳ ବିଶେଷାଙ୍କରେ ପଢ଼ିବେ···

—ଫାଲ୍‌ଗୁନର ଉପବନେ—

ରଚନା କରିଛନ୍ତି ଔପନ୍ୟାସିକ—ଶ୍ରୀ ଯତୀନ୍ଦ୍ର କୁମାର ଦାସ

ଏଇ ମନ

କୁମାରୀ ସ୍ୱର୍ଣ୍ଣଲତା ମହାନ୍ତି
ଶୈଳବାଳା ମହିଳା କଲେଜ

ଜନ୍ମ-ଜନ୍ମର ସାଥୀ ମୋର,

ବୈବାହିକ ଜୀବନରେ ଏଇ ମୋର ତୁମ ପାଖକୁ ପ୍ରଥମ ଓ ଶେଷ ପତ୍ର । ଆଖିରୁ ଲୁହ···ଛାତିରୁ କୋହ ଉଠାଇ ଯେଉଁ କେତୋଟି ଲିପି ମୁଁ ରଖି ଯାଇଛି ଏ କାଗଜ ଉପରେ, ଆଶାକରେ ଧୈର୍ଯ୍ୟ ଧରି ପଢ଼ିବ । ଅନୁରାଗରେ ନ ହେଲେ ଘୃଣାରେ ହେଲେ ରଖିବ, ଏଇ ମୋର ଅନ୍ତିମ ଅନୁରୋଧ ।

ଆଜିପରି ଏମିତି ଥରିଲା ହାତରେ କେତେଥର ତୁମ ପାଖକୁ ଅବୈବାହିକ ଜୀବନରେ ଚିଠି ଲେଖିଛି, କିନ୍ତୁ ସେଦିନ ଆଉ ଆଜି···

ସେଦିନ ଉଚ୍ଛ୍ୱଳିନ କି ଏ ମନ ବି ଉଚ୍ଛ୍ୱଳି ନି······

···ରାତି ଆସି ଅଧ ହେଲଣି··ବାହାରେ ବର୍ଷା ଟୋପାର ଶବ୍ଦ । ଏଇ ବର୍ଷଣମୁଖୀ ରାତିକୁ ତମେ କେତେ ଭଲପାଅ ! ସବୁ ମୋର ମନେ ପଡ଼ୁଛି । ଆଜିର ଏ ଶୋକ ସନ୍ତାପ ମୁହୂର୍ତ୍ତରେ ବି ତୁମରି ଭାବନାରେ ମୋର ଶିହରଣ ଜାତ ହେଉଛି ।

କି ଅବାନ୍ତର ମୋ ଭାବନା !······

ଆଜି ମୁଁ ପରିତ୍ୟକ୍ତା···ତୁମ କଥା ଭାବିବାର କୌଣସି ଅଧିକାର ନାହିଁ ମୋର······

ତଥାପି ମୁଁ ବୁଝେଇ ପାରୁନି ମୋ ମନକୁ·····

ମନେ ପଡ଼ୁଚ୍ଛି ଆଜିର ଘଟଣା···ଓଃ, ମନରୁ ପୋଛିହୋଇ ଯାଆନ୍ତା କି ସେ ମୁହୂର୍ତ୍ତ !

ହିନ୍ଦୁ କୋଡ଼୍ ବିଲ୍······

ଆଇନଟା କ'ଣ ଜାଣି ନଥିଲି ମାସକ ଆଗରୁ, କିନ୍ତୁ ଆଜି ସେଇ ଆଇନର ଖାଦକ ହେଉଛି ମୁଁ···ବିବାହିତ ଜୀବନ ମୋର ଜଳି ଯାଇଛି ଖଣ୍ଡେ କାଗଜ ଉପରେ—କେତେଟା ଦସ୍ତଖତ ମଧ୍ୟରେ···

ବିବାହିତ ଆମ ଜୀବନ···ଆନନ୍ଦର ଅଶ୍ରୁ ଝରିଲି ଆସିଥିଲି ଆଉ ଗଲାବେଳେ ବି ଲୁହର ସୋତ ବୁହାଇ ଚାଲିଗଲା···

ଗଲାଦିନ କଥା···ମନେପଡ଼ିଲେ ଆଖିରେ ଲୁହ ଆସୁଛି ।

ମାଦକଭରା ତାର ପ୍ରତିଟି ମୁହୂର୍ତ୍ତ···ସବୁ ଆମର ରୋମାଞ୍ଚ ଧରି ଆଙ୍କିହୋଇ ରହି ଯାଇଛି ମୋ ହୃଦୟରେ ।

ସେଦିନ କଥା···

ମୋତେ ପନ୍ଦର କି ଷୋଳ ବର୍ଷ ହୋଇଥିଲା । ନୂଆ ନୂଆ ଲୁଗା ପିନ୍ଧୁଥିଲି । ଯୌବନର ଲହଡ଼ି ଭାଙ୍ଗୁଥିଲା ମୋ ଦେହସାରା ।

ସଂଧ୍ୟାର ମାଟ୍ଟ ଅନ୍ଧାର···

ସବୁଦିନ ପରି ସେଦିନ ବି ପାଣି ଆଣିବାକୁ ଗଲି ନଈକି । ମୁଣ୍ଡରେ ଅଧା ଓଢ଼ଣା···କାଖରେ କଳସୀ । ବନ୍ଧତଳେ କଳସୀକୁ ରଖି ଖଣ୍ଡେ ପଥର ଉପରେ ବସି ଗୋଡ଼ରେ ପାଣି ଖେଳେଇ-ବାରେ ଲାଗିଲି । ଦୂରରୁ ଭାସି ଆସିଲା ବଇଁଶୀର ସ୍ୱର··· ମନେ ପଡ଼ିଲା ମୋର···ଶୁଭ ଭାଇଙ୍କର ରାଗିଣୀ···ଏଁ, ତେବେ ସେ କ'ଣ ଆସିଛନ୍ତି କଟକରୁ··· ?

ମନରେ ମୋର ସନ୍ଦେହ···

ଭଗ୍ନ କଳସୀ ଉଠାଇ ନଈ ବନ୍ଧକୁ ଉଠିଲି । ବନ୍ଧଉପରେ ଓସ୍ତଗଛକୁ ଆଉଜି ଠିଆହୋଇଥିଲ ତମେ···

ଭାରି ଲାଜ ଲାଗିଲା ମତେ । ଦି’ବର୍ଷ ହେଲା ତମକୁ ଦେଖି ନଥିଲି । ଏଇ ଦି’ବର୍ଷର ପରିବର୍ତ୍ତନ ଆପେ ଆପେ ମୋ ହାତ ଉଠାଇ ନେଲା ଓଢ଼ଣା ଟାଣି ଦେବାକୁ ।

ତମେ ଆସିଲ ମୋ ପାଖକୁ···ସିଧା ଅନେଇ ନ ଥିଲେ ବି ମୁଁ ଜାଣି ପାରିଥିଲି ତୁମରି ଆଗମନ···ଓଢ଼ଣା ଭିତରେ ଧୀରେ ହସ ନାଚି ଉଠିଥିଲା ମୋ ଅଧର-ପ୍ରାନ୍ତରେ ।

କିଛି ସମୟ ନୀରବରେ କଟିଗଲା । ତା ପରେ ଧୀରେ ଡାକିଲ “ସୁନିତା···”

ଉତ୍ତର ଦେଇ ପାରିଲିନି ମୁଁ । ଆହୁରି ପାଖକୁ ଲାଗିଆସିଲ ତମେ । କହିଲ—“ଓଃ, ଭାରି ଲାଜ ! କେଉଁଦିନୁ ପକ୍କା ଘରଣୀ ଗୁଣ ଶିଖିଲୁ ମ !”

“ଧେତ୍ ! ସେମିତି କହିବତ ମୁଁ ଚାଲିଯିବି ।”

“ମୋତେ ଛାଡ଼ି ତୁ କୁଆଡ଼େ ଯିବୁ ?” କହି ମୋ ହାତ ପାପୁଲି ମୁଠାଇ ଧରିଲ ।

ବିଦ୍ୟୁତର ଶିହରଣ ଖେଳିଗଲା ମୋ ଦେହରେ···ଲାଜରେ ମ୍ରିୟମାଣ ହୋଇ ଉଠିଲି ।

ନିଗୁଟିଆ ନଈବନ୍ଧ । ଅରପାରି ଗଛ ଉହାଡ଼ରେ ଜହ୍ନ ଆତ୍ମପ୍ରକାଶ କରିଥିଲା । ସେଇ ଝାପସା ଆଲୁଅରେ ଆମେ ଦି’ଜଣ ଠିଆ ହୋଇଥିଲୁ ନଈକୂଳ ଓସ୍ତଗଛ ମୂଳେ ।

"ଆ, ଟିକେ ଆମ ବଗିଚା ଆଡ଼େ ବୁଲି ଆସିବା ! ଦ'ବର୍ଷ ପରେ ଉଚେ ଏକୁଟିଆ ପାଇ ମନ ହେଉନି ଛାଡ଼ି ଦବାକୁ ।

ମାଟିଆକୁ ଗଛମୂଳେ ଥୋଇ ତମ ହାତଧରି ମୁଁ ନଇ ବନ୍ଧଚାଲ ତମର ବଗିଚାକୁ ଆସିଥିଲି ।

ମଲ୍ଲୀ, ଗୋଲାପର ବଣ···ସୁଗନ୍ଧରେ ମହକ ଉଠୁଥିଲା ଚାରିଆଡ଼—ମନ୍ଦ ମଳୟ···ଜହ୍ନ ଆଲୁଅ । ଭାରି ଉପଭୋଗ୍ୟ ସେ ମୁହୂର୍ତ୍ତ !

ବଗିଚା ଭିତରେ ବୁଲୁବୁଲୁ ତମେ ଗପି ଚାଲିଥିଲ ତମ ଆଇନ ପାଠର ଅଭିଜ୍ଞତା ।

ଆଗପଛ ହୋଇ ଚାଲୁଥିଲୁ ଦୁହେଁ···

ତାପରେ ବଡ ଗୋଲାପ ଫୁଲଟିଏ ଆଣି ମୋ ମୁଣ୍ଡରେ ଖୋସି ଦେଇଥିଲ । ଦେଶୀ ବିଦେଶୀ ଫୁଲଫଳ ଗଛ ମଝିରେ ଅଟକି ଯାଇଥିଲା ମୋ ପାଦ । ବୁଲି ପଡ଼ିଥିଲି ତୁମ ଆଡ଼କୁ ।

ଦୁହେଁ ସାମନା ସାମନି···

"ସୁନିତା···ମୋ କଳ୍ପନା ମୋ ପ୍ରତିଜ୍ଞାକୁ ପୂର୍ଣ୍ଣକରି ତୁ ଆସିବୁତ ମୋ ପାଖକୁ !"

ଓଢ଼ଣା ଟେକି ଅନେଇଲି ମୁଁ ତୁମ ମୁହଁକୁ । ଜହ୍ନ ଆଲୁଅରେ ଉଦ୍ଭାସିତ ହୋଇ ଉଠିଲା ମୋ ମୁହଁ ।

"ତଥାପି ତୁମର ସନ୍ଦେହ ? ତମେ କ'ଣ ଭାବ ଖାଲି ଦେଖାଚାହିଁ । କଥାବାର୍ତ୍ତା ମଧ୍ୟରେ ଅନୁରାଗ ପରମାପ ହୋଇପାରେ ?

"ତୋ ଉପରେ ମୋର ବିଶ୍ୱାସ ଅଛି...ପୂର୍ଣ୍ଣ ବିଶ୍ୱାସ । କିନ୍ତୁ ତୋର ଉଦାସୀନତା ଦେଖିଲେ ମନେ ହୁଏ, ମୁଁ ଯେପରି ତୋର ଯୋଗ୍ୟ ନୁହେଁ ।

"ତୁ ଏମିତି କହନ୍ତୁ..." ହାତ ଦେଲି ତମ ପାଟିରେ ।

ଟାଣିନେଲ ମୋତେ ବୁକୁ ଉପରକୁ...ଜ୍ୟୋସ୍ନା ବିଧୌତ ରଜନୀରେ ରଜତ ଲହଡ଼ିମାଳା ଭିତରେ ମୁଁ ବି ହଜିଗଲି ତୁମ ମନ-ଦେହ ହୃଦୟ ସବୁଠି ।

ସେଦିନ ଫେରିଥିଲି । ବିଳମ୍ବ ହେବାରୁ ବୋଉଠାରୁ କେତେ ଗାଳି ଶୁଣିବାକୁ ପଡ଼ିଥିଲା ।

ଗାଁ ଜମିଦାରଙ୍କର ଏକମାତ୍ର ପୁଅ ଥିଲ ତମେ । ଆଉ ସେଇ ଗାଁର ଜଣେ ମଧ୍ୟବିତ୍ତ ପରିବାରର ଝିଅ ଥିଲି ମୁଁ ।

କଥା ଲୁଚି ରହିଲନି । ଗାଁ ସାରା ଛି଼ଃ ଛାଃ ହେଲେ । ତୁମ ବାପ ମା ଜାଣିଲେ । ସେ ବି ମତେ ଛିଗୁଲେଇ ହୋଇ କହିଲେ...ମୁଁ କୁଆଡ଼େ ତାଙ୍କ ପୁଅକୁ କୁପଥକୁ ନେଇ ଆସିଛି ।

ସେଦିନ ଗୋଧୂଳି...

ଘରେ ବୋଉ ନଥିଲା । ଠାକୁରଙ୍କ ପାଇଁ ମୁଁ ଫୁଲ ଗୁନ୍ଥୁଥିଲି । ତମେ ଆସିଲ । ମୁହଁଟା ତୁମର ଭାରି ଗମ୍ଭୀର ଦେଖା ଯାଉଥିଲା ?

କିଛି ସମୟ ପରେ ତମେ କହିଲ "ଆଜି ବାପା ମତେ ତାଙ୍କର ଶେଷ କଥା ଶୁଣାଇଦେଲେ ମିତା, କହିଲେ ମିତାକୁ ଗ୍ରହଣ କଲେ ତୁ ତୋର ସମସ୍ତ ପ୍ରାପ୍ୟରୁ ବଞ୍ଚିତ ହେବୁ ।"

ଚମକି ପଡ଼ିଥିଲି ମୁଁ । ସଦା ଚପଳ ଶୁଭ ଭାଇଙ୍କ ଆଖିରେ ଲୁହର ଢେଉ !

କାନ୍ଦି ଉଠିଲା ମୋ ଅନ୍ତର । ପଣତରେ ତୁମ ଆଖି ପୋଛୁ କହିଥିଲି "ତୁ କାନ୍ଦୁଛ, ତୁମର ମଙ୍ଗଳ ପାଇଁ ମତେ ଯଦି ଦୂରେଇ ରହିବାକୁ ପଡ଼ିବ ମୁଁ କ'ଣ ପାରିବନି ?

"ନା, ନା ମୀତା ! ମୁଁ ପାରିବନି । ବାପାଙ୍କର ସମ୍ପତ୍ତିରୁ ବଞ୍ଚିତ ହେବ ପଛେ କିନ୍ତୁ ତତେ ଛାଡ଼ି ପାରିବନି । କଥା ଦେଇ କଥା ଭାଙ୍ଗି ପାରିବନି ।

ଆଜି ମୁଁ ମୋର ଜଣେ ସାଙ୍ଗ ପାଖକୁ ଟେଲିଗ୍ରାମ କରୁଛି । ସେ ରାତି ବାରଟାରେ ଗାଡ଼ିନେଇ ବନ୍ଧ ପାଖରେ ପହଞ୍ଚିବ । ଆମେ ଆଜି ଏ ଗାଁ ଛାଡ଼ି ପଳେଇବା ।

ତମ କଥା ଭାଙ୍ଗି ଦବାର ମୋର ଶକ୍ତି ନଥିଲା । ସେଇଦିନ ରାତି ଅଧରେ ଗାଁ-ମାଟି, ବିଧବା ମା'ର ଆକର୍ଷଣ ପଛରେ ପକାଇ ମୁଁ ତୁମ ହାତ ଧରି ବାହାରି ଆସିଲି ।

ପ୍ରଭାତରେ ଅପବାଦର ଢେଙ୍ଗୁରା ବାଜି ଉଠିଲା ଗିରିଖଣ୍ଡ ଗାଁରେ । କିନ୍ତୁ ସେଥିପ୍ରତି ମୋର ଭ୍ରୂକ୍ଷେପ ନଥିଲା । ମୁଁ ଜାଣିଥିଲି, ମୁଁ ନଷ୍ଟଚରିତ୍ରା ନୁହେଁ । ପିଲାଦିନେ ମିଛିମିଛିକା ବର କନିଆଁ ହୋଇ ଖେଳୁଥିବା ଶୁଭଭାଇଙ୍କ ସଙ୍ଗେ ଆଜୀବନ କନିଆଁ ହୋଇ ମୁଁ ଚାଲି ଆସିଛି ।

ପନ୍ଦର ଦିନ ରହଣୀ ପରେ କୋର୍ଟରେ ଆମର ବିବାହ ହୋଇଥିଲା । ପ୍ରଥମେ ମୁଁ ମନା କରିଥିଲି । କହିଥିଲି "ତୁମ ମତରେ ମନର ମିଳନ, ହୃଦୟର ବନ୍ଧନଠାରୁ ଏ କାଗଜ ପତ୍ରର କେତେଟା ପ୍ରମାଣ କ'ଣ ବେଶୀ ବଡ଼ ? କୋର୍ଟରେ ବିବାହ ନ ହେଲେ ଏମିତି ଆମର ବିବାହକୁ ତମେ କଣ ଅସ୍ୱୀକାର କରି ପାରିବ ?

କିନ୍ତୁ ତମେ କହିଥିଲ—ମଣିଷ ମନମିଛ ! ଆଜ କଥା କାଲିକି ନାହିଁ । ପରିବର୍ତ୍ତନଶୀଳ ଦୁନିଆଁ ତ !...

ଆଶ୍ଚର୍ଯ୍ୟ ହୋଇଥିଲି ମୁଁ...

କହିଥିଲି—ପରିବର୍ତ୍ତନଶୀଳ ଦୁନିଆଁରେ ତୁମେ ବି କ'ଣ ପରିବର୍ତ୍ତନ ହୋଇ ଯିବ ଶୁଭଭାଇ !

କିଛି କହି ନଥିଲ ତମେ ।

ମୁଁ ଅନେଇ ଥିଲି ତମ ମୁହଁକୁ, ଆଉ ଭାବୁଥିଲି ଖାଲି ପରିବର୍ତ୍ତନଶୀଳ ଦୁନିଆଁ...ମଣିଷ ମନ...

ତେବେ ମୁଁ ବି କ'ଣ ବଦଳିଯିବି ? ଶୁଭଭାଇଙ୍କର ବି କଣ ପରିବର୍ତ୍ତନ ହୋଇଯିବ ?

ନା ନା, ମୋଟେ ନୁହେଁ...ଶୁଭଭାଇ ମୋର, ମୁଁ ତାଙ୍କର । କେବେହେଲେ ସୃଷ୍ଟି ବିଚ୍ଛିନ୍ନ କରି ପାରିବନି ଆମ ଦୁହିଁଙ୍କୁ ।

ଦଲିଲ କାଗଜ ଉପରେ ମୁଁ ଦସ୍ତଖତ କରିଥିଲି ।

ବିବାହର ରହସ୍ୟ ଆମର ସୀମିତ ହୋଇଗଲା ମାତ୍ର ଦୁଇଟି ଦସ୍ତଖତ ମଧ୍ୟରେ...

ଆସ୍ତେ ଆସ୍ତେ ଲିଭିଗଲା ତୁଣ୍ଡବାଇଦ...ଶାଶୁଘରେ ବାପଘରେ ସମସ୍ତେ ଆଦର କରିବାକୁ ଲଗିଲେ ।

ଗାଁ ମାଟିର ଝିଅ ମୁଁ । ସେଦିନ ତୁମର କଥା ମତେ କେମିତି ଅପସନ୍ଦ ଲାଗିଲା । ତୁମର ଅନୁରୋଧ, ମୁଁ ତୁମ ସାଥୀ ସୁବ୍ରତବାବୁଙ୍କ ସଙ୍ଗେ କଥା କହିବି ।

ପାରିଲିନି ମୁଁ...ସଫା ସଫା ଜଣେଇ ଦେଲି । ଲୋକଟା ଭଲ ଚରିତ୍ରର ନୁହେଁ । ଘରେ ତାଙ୍କୁ ଏତେ ପ୍ରଶସ୍ତ ଦେବା ଉଚିତ ନୁହେଁ ।

ତମେ ମୋ କଥା ଶୁଣିଲନି ।

ସେଇ ସୁବ୍ରତ ବାବୁଙ୍କ ଭଉଣୀ ଅଳକା । ସୁନ୍ଦରୀ ନ ହେଲେ ବି ଅସୁନ୍ଦରୀ ନୁହେଁ । ତୁମ ମାତାଲ ଅବସ୍ଥାରେ ସେ ହେଲା ତୁମର ଅଙ୍ଗୀକାର ।

ଦୁଃଖ, ବେଦନାରେ ଈଶ୍ୱରଙ୍କୁ ପ୍ରାର୍ଥନା କଲି ମୁଁ···"ହେ ଭଗବାନ··ତାଙ୍କୁ ତମେ ଭଲ ବୁଦ୍ଧି ଦିଅ ! ଅବାଟରୁ ଫେରେଇ ଆଣ ।"

ପଥର ଦେବତା ବୁଝିଲେନି ମୋ ଅଶ୍ରୁର ଗୁରୁତ୍ୱ । ସୁରା··· ଆଉ···ନାରୀ···ଆଗେଇ ନେଲେ ତୁମକୁ କୁ ପଥର ବହୁଦୂରକୁ ।

ଏଇ କେଇଟାଦିନ ତଳର କଥା···

ତୁମ କଥା ଭାବି ଭାବି ଅନିଦ୍ରାରେ ଛଟପଟ ହୋଇଥିଲି ରାତିସାରା । ରାତିର ଶେଷ ପ୍ରହରରେ ତମେ ଆସିଲ । ତମ ପାଦ ଧରି ମୁଁ ଲୋଟିପଡ଼ିଲି କାନ୍ଦି କାନ୍ଦି, "ମତେ ମାରି ଦିଅ···ତୁମର ଏ ଦୁର୍ଦ୍ଦିନ ଦେଖିବା ଆଗରୁ ଏଇ ହାତରେ ମତେ ମାରିଦିଅ । ମୁଁ ମରିଗଲେ ତୁମେ ଦିନରାତି ଅଳକା ପାଖରେ ରହିବ । ବାଧା ଦେବାକୁ କେହି ନଥିବେ···"

ତମେ କିଛି କହି ନ ଥିଲ । ପୁଣି ମୁଁ କହିଥିଲି—କୁହ ଶୁଭଙ୍କର ସବୁ ମାୟା ମମତାକୁ ପଛରେ ପକେଇ ଯେତେବେଳେ ମୁଁ ତୁମ ହାତଧରି ଚାଲିଆସିଥିଲି, ସେଇ ଅନୁରାଗର ପ୍ରତିଦାନ କ'ଣ ଏଇଆ ?

ମୋ ପାଖରୁ ଦୂରେଇ ଯାଇଥିଲ ତମେ—ଯେପରି ମୋ କଥା ଶୁଣିବାକୁ ତମର ମୋଟେ ସ୍ପୃହା ନଥିଲା ।

ପୁଣି ମୁଁ ତୁମର ହାତଧରି କାନ୍ଦି କାନ୍ଦି କହିଥିଲି— "କାହାପାଇଁ ମୁଁ ଆଜି ବଞ୍ଚିଛି ? ତୁମର ସାନିଧ୍ୟ, ଆମର ଘରଟିଆ ସଂସାର ! ଏଇତ ମୋର ପାଥେୟ···ଏହାକୁ ଯଦି ଜୋରକରି ମୋ ହାତରୁ ଛଡ଼େଇ ନିଆଯାଏ ତେବେ କାହା ଭରସାରେ ମୁଁ

ବଞ୍ଚିବି···" ତୁମ ହାତ ଧରି ଆଜି କହୁଛି, ସେ ଅଲକା ଘରକୁ ତୁମେ ଆଉ ଯାଅନା···

ଠାଏ·କରି ଗୋଟାଏ ଚଟକଣା ବସିଲା ମୋ ଗାଲରେ । "କ'ଣ କହିଲୁ ଅଲକା ଘରକୁ ଯିବନି ?"

ଅଶ୍ରୁ ସଜଳ ଆଖିରେ ମୁଁ ଅନାଇଥିଲି···

ସେଇ ଅପାଲଟା ଲୁଗାରେ ତମେ ବାହାରି ଯାଇଥିଲ, ଆଉ ମୁଁ ସ୍ଥାଣୁପରି ଠିଆ ହୋଇ ଭାବୁଥିଲି, "ସ୍ତ୍ରୀ ହିସାବରେ ତୁମକୁ ଏଇ ଅନୁରୋଧ କରି ମୁଁ କ'ଣ ଭୁଲ କରିଛି ?"

ଏକାଦିକ୍ରମେ ସପ୍ତାହେ ବିତିଗଲା । ତମେ ଆସିଲନି । କାଲି ସକାଳେ ଆସି ଜଣେଇ ଦେଲ ଛାଡ଼ପତ୍ର ଦାବୀ ।

ଅବାକ୍ ହୋଇ ମୁଁ ଅନେଇଥିଲି···ବୁଝି ପାରୁ ନ ଥିଲି ତୁମ କଥାଟା ।

ତମେ କହିଲ "ଠିଆ ହେଲ କ'ଣ ? ସିଆଡ଼େ ମୁଁ ସବୁ ଠିକ୍‌ଠାକ୍ କରି ଦେଇ ଆସିଛି । ଜଲଦି ବାହାରିବାକୁ ହେବ···

ଆଖିରୁ ମୋର ଝରୁଥିଲା ଲହରି ଅଶ୍ରୁ । ବହୁ କଷ୍ଟରେ ତମକୁ କହିଥିଲି "ତୁମରି ଇଚ୍ଛା ଯଦି ଏଇଆ, ତେବେ ମୁଁ କ'ଣ ଅଲଗା ରହି ପାରିବିନି । ଏଥିପାଇଁ କୋର୍ଟ ଉପରକୁ···"

ବାହାରେ ତୁମ ବନ୍ଧୁ ସୁବ୍ରତର ଡାକ ! ବେଳ ହୋଇ-ଗଲାରେ ଶୁଭ !

ତମେ ରିକ୍‌ସାକୁ ଗଲ·· ପଥର ମୂର୍ତ୍ତି ପରି ତମ ପାଖେ ଯାଇ ବସିଲି ମୁଁ । ଦେହର ବ୍ୟବଧାନ ଗୋଟାଏ ସେଣ୍ଟିମିଟର ବି ନୁହେଁ ଆଉ ମନର ବ୍ୟବଧାନ ।···

କୋର୍ଟରେ ତମେ ତମ କଥା କହିଲ ।

ବିମୂଢ଼ ହୋଇ ଅନାଇ ଥିଲି ମୁଁ ତୁମଆଡ଼େ । ପରିବର୍ତ୍ତନଶୀଳ ଦୁନିଆଁରେ ପରିବର୍ତ୍ତନ ହେବାକୁ କେତେ କମ୍ ସମୟ ଲାଗିଲା ତୁମକୁ ?

ତୁମ ମିଛ ମନ୍ତବ୍ୟରେ ଜାଣି ଶୁଣି ମୁଁ ପ୍ରତିବାଦ କଲିନି ।

ଯେଉଁ ଦୁଇଟି ଦସ୍ତଖତ ଆମର ଦାମ୍ପତ୍ୟଜୀବନ ଯୋଡ଼ି ଦେଇଥିଲା, ସେଇ ପୁଣି ଟାଣି ଓଟାରି ବିଚ୍ଛିନ୍ନ କରିଦେଲା ମତେ ତୁମଠାରୁ ।

ବିଚ୍ଛିନ୍ନ ହୋଇଗଲି ମୁଁ ଏ ଜନ୍ମ ପାଇଁ ତୁମଠାରୁ ।···

ବିଧବା ମା ମୋର ଯାଇଛି, ତା'ରି ଅଶ୍ରୁର ଫଳ ମୁଁ ଭୋଗୁଛି···

ମୃତ୍ୟୁର ଆହ୍ୱାନ ଶୁଣାଗଲାଣି ମତେ । ଆରପାରିରେ ବୋଉର ଆକର୍ଷଣ ଆଉ ଏ ପାରିରେ ତୁମର ବିକର୍ଷଣ···

ଦେବତା ମୋର···ଜାଣେ ମୁଁ ଆଜ ତମର ନୁହେ । କିନ୍ତୁ ତମେ ମୋର···ସୃଷ୍ଟିର ଶେଷଯାଏ ତମେ ମୋର । ତୁମେ ଚିରନ୍ତ···ଅମଳିନ ମୋ ହୃଦୟରେ ।

ତୁମରି ମଙ୍ଗଳ···ତୁମରି ଶାନ୍ତି ପାଇଁ ଆଜି ମୁଁ ଭଗବାନଙ୍କ କୋର୍ଟରେ ଗୁଡ଼ପତ୍ର ଦେଇ ଯାଉଛି । ···ଯେଉଁ ଗୁଡ଼ପତ୍ରରେ ଜନ୍ମ ଜନ୍ମ ପାଇଁ ଦେଖିବାର ଆଶା ବି ମଉଳି ଯିବ ।

ରାତି ଦି'ଟା ହେବ ବୋଧେ···

ବିରାଟ ଶୂନ୍ୟତା···ଆଉ ତା ମଧ୍ୟରେ ଶୁଣା ଯାଉଛି ପୂର୍ଣ୍ଣ-ଗର୍ଭା ମହାନଦୀର ଲହରୀମାଳାର ଡାକ । ମହାନଦୀ ବିଷ ଗର୍ଜୁଛି, ଆଉ ତା' ସଙ୍ଗେ ଆର୍ତ୍ତନାଦ କରି ଉଠୁଛି ମୋ ଅନ୍ତରାତ୍ମା·· ଦୁହେଁ ଯେପରି ଏକାକାର ହୋଇ ଯିବାକୁ ଚାହାନ୍ତି···

ଯାଉଛି, ଅଭିମାନରେ ନୁହେଁ—ତୁମରି ଓ ଅଳକାର ଦାମ୍ପତ୍ୟ ଜୀବନର ଶୁଭ କାମନା କରି । ଇତି ।

ଗତ ଜନ୍ମର ମାନସୀ

ଏକ ନବଜାତ ଦ୍ରବ୍ୟର ଇତି କଥା

ଅନେକଙ୍କର ଧାରଣା, ବଜାରରେ ଯେଉଁସବୁ ନୂଆ ନୂଆ ଜିନିଷ ମିଳୁଛି, ବୈଜ୍ଞାନିକମାନେ ସେ ସବୁ ଆବିଷ୍କାର କରିଛନ୍ତି, ଆଉ ସଙ୍ଗେ ସଙ୍ଗେ ତାହା ତିଆରି ହୋଇ ବଜାରକୁ ଚାଲି ଆସୁଛି । କିନ୍ତୁ ପ୍ରକୃତରେ ବିଷୟଟି ସେତେ ସହଜ ନୁହେଁ । ଗବେଷଣାଗାରର କାଚ ନଳଟି ମଧ୍ୟରେ ଯେଉଁ ନୂତନ ସାମଗ୍ରୀଟି ଭ୍ରୂଣାକାରରେ ଜନ୍ମ ନେଲା, ତାହାକୁ ମାନବକଲ୍ୟାଣରେ ବିନିଯୁକ୍ତ କରିବା ପୂର୍ବରୁ ବହୁ ସାଧ-ସାଧନା ଓ ଅର୍ଥବ୍ୟୟ ପ୍ରୟୋଜନ ହୁଏ ।

ଦୃଷ୍ଟାନ୍ତ ସ୍ୱରୂପ ଆମେରିକାର ପ୍ରସିଦ୍ଧ ଡୁପଣ୍ଟ୍ କମ୍ପାନୀ କଥା ଧରାଯାଉ । ଉକ୍ତ କମ୍ପାନୀଟି ଆମେରିକାର ଏକ ବିଶିଷ୍ଟ ରସାୟନିକ ନିର୍ମାଣ ଏବଂ "ନାଇଲନ୍‌ର" ଆବିଷ୍କର୍ତ୍ତା ହିସାବରେ ଏହି କମ୍ପାନୀର ଖ୍ୟାତି ବିଶ୍ୱବ୍ୟାପୀ । ପ୍ଲାଷ୍ଟିକ୍‌ରୁ ପ୍ରସ୍ତୁତ ସେହି ନୂତନ ଦ୍ରବ୍ୟଟି ପ୍ରଥମେ ସିଲ୍କ୍ ଓ ରେୟନ ବଦଳରେ ବ୍ୟବହୃତ ହେଲା । ପରେ ପରେ ମୋଟର୍‌ର ଗିୟର୍, ଯନ୍ତ୍ରର ବିୟରିଂ ଓ ଅନ୍ୟାନ୍ୟ ଅନେକ ଶିଳ୍ପ ସଂଶ୍ଳିଷ୍ଟ କାର୍ଯ୍ୟରେ ଏହାର ଉପଯୋଗିତା ମଧ୍ୟ ପରିଲକ୍ଷିତ ହେଲା । ସାରା ପୃଥିବୀରେ ଚହଳ ପଡ଼ିଗଲା । ଉକ୍ତ କମ୍ପାନୀ ଏବେ ଆଉ ଏକ ପ୍ରକାର ନୂତନ ଦ୍ରବ୍ୟ ଆବିଷ୍କାର କରିଛନ୍ତି । ତା'ର ନାମ ହେଉଛି 'କର୍ଫାମ୍' । ଏହାର ଗୁଣ, ଧର୍ମ ସବୁ ଚମଡ଼ା ସହିତ ସମାନ । କେବଳ ଚମଡ଼ାଭଳି ଏହାର କୌଣସି ଗନ୍ଧ ନାହିଁ । ଚମଡ଼ା ତିଆରି ଯୋତା ମଧ୍ୟକୁ ଯେପରି ପବନ ଯା'ଆସ କରିପାରେ ଏହି ରସାୟନିକ ପଦାର୍ଥଟିର ତିଆରି ଯୋତା ମଧ୍ୟକୁ ସେହିପରି ପବନ ଯା'ଆସ କରିପାରିବ ।

ଚମଡ଼ା ଯୋତାର ସମସ୍ତ ଗୁଣ ଥାଇ ମଧ୍ୟ କୋର୍ଫମ୍ ଯୋତା ଅପେକ୍ଷାକୃତ ଶସ୍ତା ଏବଂ ଦୀର୍ଘଦିନ ପର୍ଯ୍ୟନ୍ତ ବ୍ୟବହାରୋପଯୋଗୀ ହୋଇଥାଏ । ଅଦୂର ଭବିଷ୍ୟତରେ ଏହି ବାୟୁ ଚଳାଚଳ ପାଇଁ ସୁବିଧାଥିବା ଦ୍ରବ୍ୟ କୋର୍ଫମରୁ ଆଉ କିଛି ନୂଆ ଜିନିଷ ବାହାରି ପାରେ ।

ତେବେ ବର୍ତ୍ତମାନ କଥା ହେଉଛି, କୋର୍ଫମ୍ ଖୁବ୍ ସହଜ ଉପାୟରେ ଆବିଷ୍କୃତ ହୋଇ ନାହିଁ ! ଏଥିପାଇଁ ଗବେଷକମାନେ ଦୁଇଜଣ ଲୋକ ୨୪ଘଣ୍ଟା ଲେଖାଏ ଦୈନିକ ପରିଶ୍ରମ କରି ଶହେ ବର୍ଷରେ ଯେତିକ ଶ୍ରମ ଦାନ କରିଥାଆନ୍ତେ, ସେତିକ ଶ୍ରମ ଏହି ବସ୍ତୁଟିର ଆବିଷ୍କାରରେ ବିନିଯୁକ୍ତ ହୋଇଛି ।

ତା'ପରେ ଗବେଷଣାଗାର ମଧ୍ୟରେ ଯେଉଁ ଦ୍ରବ୍ୟଟି "କୋର୍ଫମ୍" ନାମରେ ଜନ୍ମଲାଭ କରିଛି, ତା'ର ପରିମାଣ ଅତ୍ୟନ୍ତ ଅଳ୍ପ । କିନ୍ତୁ ଏହାର ଗୁଣାଗୁଣ ପରୀକ୍ଷା କରିବାକୁ ହେଲେ ପରିମାଣ କିଛି ବେଶି ହେବା ଦରକାର । ଦ୍ରବ୍ୟର ପରିମାଣ ବଢ଼ାଇବାକୁ ହେଲେ ଏକ ପରୀକ୍ଷା ମୂଳକ କାରଖାନାଟିଏ ଗଢ଼ାଯିବା ଦରକାର । ଟେଷ୍ଟଟ୍ୟୁବ୍ ମଧ୍ୟରେ ଜିନିଷଟିଏ ତିଆରି କରିବା ଅନ୍ୟ ଏକ କଥା, କାରଣ ସେ କ୍ଷେତ୍ରରେ ତିଆରି ବେଳର ସାବଧାନତା ଭାଗ ମାପର ସମତା ଓ ବ୍ୟୟ ସଙ୍କୋଚ ଇତ୍ୟାଦି ପ୍ରତି ଯଦି ଦୃଷ୍ଟି ଦିଆ ନ ଯାଏ, ତେବେ ସବୁ ପରିଶ୍ରମ ପଣ୍ଡ ହୋଇଯିବ ।

ଏହି ସବୁ ବିଷୟ ପ୍ରତି ଦୃଷ୍ଟି ଦେଇ ଗତବର୍ଷ ତଳେ ନ୍ୟୁୟର୍କର ନିଉବର୍ଗଠାରେ ଏକ କାରଖାନା ଖୋଲାଯାଇଛି । ଆବଶ୍ୟକୀୟ ପରିମାଣ କୋର୍ଫମ ତିଆରି ସଙ୍ଗେ ସଙ୍ଗେ ତାହା କିପରି ସୁବିଧାଜନକ ପନ୍ଥାରେ ପ୍ରସ୍ତୁତ ହୋଇ ପାରିବ ତାହା ମଧ୍ୟ

ପରୀକ୍ଷା କରି ଦେଖିବା ଆବଶ୍ୟକ ହୋଇ ପଡ଼ିଲା । ବାରମ୍ବାର ଯନ୍ତ୍ରପାତି ଗୁଡ଼ିକର ଆକୃତି ପ୍ରକୃତିର ପରିବର୍ତ୍ତନ ଆବଶ୍ୟକ ହେଲା । ଏତେକରି ମଧ୍ୟ ଦେଖାଗଲା ଯେ, ଆଜି ଯେଉଁ କିସମ୍‌ର ଜିନିଷ ବାହାରୁଛି, କାଲି ତାଠାରୁ ଭିନ୍ନ ରକମର ଜିନିଷ ବାହାରୁଛି । ଯାହା ହେଉ ସେ ସବୁ ଅସୁବିଧା ଧୀରେ ଧୀରେ ଦୂର ହେଲା । ନିର୍ଦ୍ଦିଷ୍ଟ କିସମ ର ଜିନିଷ ମିଳିଲା, ମାତ୍ର ସେଥିର କୋର୍ଫାମ୍‌ଗୁଡ଼ିକର ମୋଟେଇ ସମାନ ହେଲା ନାହିଁ । ସେଥିପାଇଁ ପୁଣି କିଛି ଶ୍ରମ ବ୍ୟୟିତ ହେଲା ।

ସର୍ବଶେଷରେ କୋର୍ଫାମ୍‌ରୁ ତିଆରି ହେଲା ଯୋତା । ଡି. ପଣ୍ଟ କମ୍ପାନୀର କର୍ମଚାରୀମାନଙ୍କ ପାଇଁ ପନ୍ଦର ହଜାର ହଳ ଯୋତା ତିଆରି ହୋଇ ସେମାନଙ୍କୁ ପିନ୍ଧିବାକୁ ଦିଆଗଲା । ଦେଖାଗଲା ଚମଡ଼ା ଯୋତା ଅପେକ୍ଷା ଏହି କୋର୍ଫାମ୍ ଯୋତାର ସୁବିଧା ଅନେକ । ପ୍ରଥମତଃ ଉଚ୍ଚକୋଟିର ଚମଡ଼ା ଯୋତା ଠାରୁ ଏହା ଅଧିକ ସମ୍ପ୍ରସାରଣଶୀଳ, ହାଲ୍‌କା ଏବଂ ଏହା ଚମଡ଼ା ଯୋତା ଅପେକ୍ଷା ଅଧିକ କାଳ ଜଳରେ ଭିଜିଲେ ମଧ୍ୟ ନଷ୍ଟ ହୋଇଯାଏ ନାହିଁ । ତା'ଛଡ଼ା ଏହି ଯୋତାରେ ସହଜରେ ଭାଙ୍ଗ ପଡ଼େ ନାହିଁ କି ରଙ୍ଗ କରିବା, ସେତେ ବେଶି ଦରକାର ହୁଏ ନାହିଁ ।

ମୋଟା ମୋଟି ଗ୍ରାହକଙ୍କ ହାତକୁ ନୂତନ ବସ୍ତୁଟିଏ ଆସିବା ଆଗରୁ ଯବନିକାନ୍ତରାଳର ଏହି ଧାରାବାହିକ ଉଦ୍ୟମ ସାହସିକ ପଦକ୍ଷେପ ଆବଶ୍ୟକ ହୁଏ । କାହାଣୀଟି ନୂତନ ବୈଜ୍ଞାନିକ ଆବିଷ୍କାର ଭଳି ଚମତ୍କାର ନୁହେଁ; ମାତ୍ର ମାନବ କଲ୍ୟାଣକଳ୍ପେ କେତେଜଣ ନୀରବ ସାଧକ କିପରି ପ୍ରତ୍ୟେକ ଆବିଷ୍କାର ମୂଳରେ ଆତ୍ମନିୟୋଗ କରନ୍ତି ତା'ର ଏକ ଦୃଷ୍ଟାନ୍ତ ଏହି କାହାଣୀରୁ ସ୍ପଷ୍ଟ ହୋଇ ଉଠେ ।

-୦-

ବାହାର ଦୁନିଆ ଓ ଏ ଦେଶ

ଅଣ୍ଡା ଗଣିବା ଯନ୍ତ୍ର ଓ ଉତ୍ପାଦନ ବୃଦ୍ଧି

ଅବଶ୍ୟ କୁକୁଡ଼ାକୁ ଅଣ୍ଡା ଦେବାପାଇଁ ବାଧ୍ୟକରିବାର କୌଣସି ସ୍ୱୟଂକ୍ରିୟ ପଦ୍ଧତି ନାହିଁ । ମାତ୍ର ଆମେରିକାର ଦୁଇଜଣ କୁକୁଡ଼ାପାଳନକାରୀ ଅଣ୍ଡା ଉତ୍ପାଦନର ଅନ୍ୟାନ୍ୟ ପର୍ଯ୍ୟାୟରେ ସ୍ୱୟଂକ୍ରିୟ ଯାନ୍ତ୍ରିକ ପଦ୍ଧତି କପରି ଅନୁସୃତ ହୋଇ ପାରିବ, ତା'ର କେତେକ ଉପାୟ ସ୍ଥିର କରି ସାରିଛନ୍ତି ।

ହାୱାର୍ଡ଼ ଗ୍ରିମ୍ ଓ ପଲ ଲେର୍ ଦୁଇଜଣ ଏକ ସ୍ୱୟଂକ୍ରିୟ କୁକୁଡ଼ା ପାଳନ କେନ୍ଦ୍ରର ମାଲିକ । ଏଠାରେ ୧୫ ହଜାର କୁକୁଡ଼ାଙ୍କୁ ରଖାଯାଇଛି । ମାତ୍ର ଏହି କୁକୁଡ଼ାଗୁଡ଼ିକୁ ଖାଇବାକୁ ଦେବା, ସେମାନଙ୍କୁ ଗାଧୋଇ ଦେବା, ଅଣ୍ଡା ଦେଲାବେଳେ ପାଣି ଦେବା ଇତ୍ୟାଦି କାର୍ଯ୍ୟ ଯାନ୍ତ୍ରିକ ପଦ୍ଧତିରେ ହିଁ ହୋଇଥାଏ ।

ଯେଉଁ ବିରାଟ କୋଠାରେ ଏହି ପନ୍ଦରହଜାର କୁକୁଡ଼ା ରହନ୍ତି, ସେଠାରେ ଯାନ୍ତ୍ରିକ ଉପାୟରେ ପ୍ରତ୍ୟେକ କୁକୁଡ଼ାଠାରୁ ଅଣ୍ଡା ସଂଗ୍ରହ କରିବା ପାଇଁ ପ୍ରାୟ ଏକ ମାଇଲ୍‌ରୁ ଊର୍ଦ୍ଧ୍ୱ ଦୈର୍ଘ୍ୟ-ବିଶିଷ୍ଟ କନ୍‌ଭେୟର୍ ବେଲ୍ଟ କାର୍ଯ୍ୟ କରେ । ପ୍ରତ୍ୟେକ କୁକୁଡ଼ାର ଜାଲିଦିଆ ଘରର ଚଟାଣଟି ଏହି ଅଣ୍ଡା ସଂଗ୍ରହକାରୀ ବେଲଟ୍ ଆଡ଼କୁ ଗଡ଼ାଣିଆ ଥାଏ । ଅଣ୍ଡା ଦେଲାକ୍ଷଣି, ତାହା ଧୀରେ ଧୀରେ ଗଡ଼ିଯାଇ ବେଲ୍ଟର ନରମ ଶଯ୍ୟା ଉପରେ ପଡ଼େ । ବେଲ୍ଟଟି ରବର ଓ ତନ୍ତୁରେ ତିଆରି । ଏହିଭଳି ସମୁଦାୟ ଆଠଟି ସଂଗ୍ରାହକ ବେଲ୍ଟ୍ ଅଣ୍ଡାଗୁଡ଼ିକୁ ସଂଗ୍ରହ କରିନେଇ ସେହି ବିରାଟ 'ହେନ୍ ହାଉସ୍' (କୁକୁଡ଼ା କୋଠୀ) ର ଏକ ପ୍ରାନ୍ତକୁ ନେଇଯାଏ— ଯେଉଁଠାରେ ଏହି ବେଲ୍ଟକୁ ଭୂମିକରି ଆଉ ଏକ ବିରାଟ ବେଲ୍ଟ୍ ଲମ୍ବିଭାବେ ଘୂରୁଥାଏ । ଅଣ୍ଡାଗୁଡ଼ିକ ଯାଇ ତା'ର ଉପରେ ପଡ଼େ ଏବଂ ସମୟରେ ଗୋଟିଏ ନରମ

ତାର ସବୁତ ଅଣ୍ଡାଗୁଡ଼ିକ ଗଣି ହୋଇଯାଏ । ତାରଟି ଗୋଟାଏ ଗଣନକ ଯନ୍ତ୍ର ସହିତ ସଂଯୁକ୍ତ, ସୁତରାଂ କେତୋଟି ଅଣ୍ଡା ସଂଗୃହୀତ ହେଲା ତାହା ଆପେ ଆପେ ଗଣା ହୋଇଯାଏ !

ସଂଗ୍ରାହକ ବେଲ୍‌ଟ୍‌ରୁ ଅଣ୍ଡାଗୁଡ଼ିକ ଯେଉଁ ବେଲ୍‌ଟ୍‌କୁ ଯାଏ ତାହାକୁ କୁହାଯାଏ ମାଷ୍ଟର ବେଲ୍‌ଟ୍ । ଏହି ବେଲ୍‌ଟ୍‌ଟି ଖୁବ୍ ପ୍ରଶସ୍ତ । ମାଷ୍ଟର ବେଲ୍‌ଟ୍ ଅଣ୍ଡାଗୁଡ଼ିକୁ ନେଇ ପେକିଙ୍ଗ୍ ଘରେ ପହଞ୍ଚାଇ ଦିଏ । ସେଠାରେ ଯାନ୍ତ୍ରିକ ଉପାୟରେ ପରିଷ୍କୃତ ହୁଏ ଏବଂ ପ୍ୟାକ୍ ହୁଏ ।

ସୁତରାଂ ଏହିଭଳି ଏକ ବିରାଟ କୁକୁଡ଼ା ପାଳନ କେନ୍ଦ୍ରରେ ଦଶହଜାର ଅଣ୍ଡା ଉତ୍ପାଦନ ହେଉଥିବା ବେଳେ, ସେଗୁଡ଼ିକୁ ଉପରୋକ୍ତ ମତେ ଗଣି, ପରିଷ୍କାର କରି, ପ୍ୟାକ୍ କରିବାରେ କେତେ ଶ୍ରମ ସଞ୍ଚୟ ହୁଏ, ହିସାବ କରନ୍ତୁ ତ !

———

ଶିଳ୍ପୀ ସମୀର ରାୟ, ପାଇଲଟ୍ ସୁବ୍ରତ ଦାସ, ଡାକ୍ତର-ତନୟା ସାଗରିକା ଆଉ ରୂପ-ବିଳାସିନୀ ନୂପୁରର ଜୀବନରେ ଆସିଥିଲା ଦିନେ ଯୌବନର ସମ୍ଭାର ନେଇ ମଧୁ-ବସନ୍ତ । ସେଇ ଚୈତ୍ର ମାସରେ ଝାଉଁବନର ଶୀତଳ କୁଞ୍ଜରେ ଜନ୍ମ ନେଇଥିଲା ଗୋଟିଏ ପ୍ରେମ ! ସେଇ ସାଧାରଣ ପ୍ରେମର ଅସାଧାରଣ କାହାଣୀ !



ମନର ମୟୁର

ଯତୀନ୍ଦ୍ର କୁମାର ଦାସ

ନୂତନ ଟେକ୍‌ନିକ୍ ବେଗବାନ ଭାଷାର ଅପୂର୍ବ ଉପନ୍ୟାସ ।

ପ୍ରକାଶକ

ସାହିତ୍ୟ ସଂସାର, ବାଙ୍କାବଜାର, କଟକ—୨

ମେଘମାଳାର କେତୋଟି ନିୟମ ।

୧ । ପ୍ରତିମାସର ପ୍ରଥମ ସପ୍ତାହରେ ପ୍ରକାଶ ପାଏ ।

୨ । ଯାନୁୟାରୀ ୨୫ଠାରୁ ମାର୍ଚ୍ଚ ମାସ ପର୍ଯ୍ୟନ୍ତ ମେଘମାଳାର ବାର୍ଷିକ କନସେସନ ଦେୟ ଟ୧୦.୦୦ ଷାଣ୍ମାସିକ ଟ୫.୫୦ ଖଣ୍ଡି ଟ୧. ୦୦ । ରେଜେଷ୍ଟ୍ରି ଡାକରେ ନେଲେ ଟ୨.୦୦ ଅଧିକ ଦେବାକୁ ପଡ଼େ ।

୩ । ଗ୍ରାହକମାନଙ୍କ ପାଖକୁ ସାର୍ଟିଫିକେଟ୍ ଅଫ୍ ପୋଷ୍ଟିଂରେ ପଠାଯାଉଥିବାରୁ ହଜିବା କପି ବଦଳରେ ନୂତନ କପି ଦିଆଯାଏ ନାହିଁ ।

ଏଜେଣ୍ଟମାନଙ୍କ ପାଇଁ

୧ । ଦଶଖଣ୍ଡରୁ କମ୍ କପି ଏଜେନ୍‌ସି ଦିଆଯାଏ ନାହିଁ ।

୨ । ନୂତନ ଏଜେଣ୍ଟମାନଙ୍କୁ କେବଳ ଭି. ପି. ରେ ଯୋଗାଇ ଦିଆ-ହୁଏ; କିମ୍ବା ଟଙ୍କା ଡିପୋଜିଟ୍ ଦେଲେ ପତ୍ରିକା ପଠାଯାଏ ।

୩ । ପୁରାତନ ଏଜେଣ୍ଟମାନେ ପ୍ରତିମାସର ଟଙ୍କା ଉକ୍ତ ମାସର ୨୫ ତାରିଖ ସୁଦ୍ଧା ନ ପଠାଇଲେ ପତ୍ରିକା ପଠାଯାଏ ନାହିଁ ।

ଲେଖକ ଲେଖିକାଙ୍କ ପାଇଁ

୧ । "ମେଘମାଳା" ସମସ୍ତ ପ୍ରକାର ଉପନ୍ୟାସ ଗ୍ରହଣ କରେ ।

୨ । ଲେଖକ ଲେଖିକାମାନେ ତାଙ୍କ ଉପନ୍ୟାସ ଯେପରି ୧୦୦ ପୃଷ୍ଠା ଭିତରେ ହୁଏ, ସେଥିପ୍ରତି ବିଶେଷ ଦୃଷ୍ଟି ଦେବେ ।

୩ । ପ୍ରତି ମାସରେ ଗୋଟିଏ ବଡ଼ ଗଳ୍ପ ପ୍ରକାଶ ପାଏ, ସେଥିପାଇଁ ଗଳ୍ପଟି ଯେପରି ଛପା ୬ ପୃଷ୍ଠା ଭିତରେ ହୁଏ ସେଥିପ୍ରତି ଦୃଷ୍ଟି ଦେବେ ।

୪ । ନୂତନ ଲେଖକ ଓ ଲେଖିକାଙ୍କ ଲେଖା ଗ୍ରହଣ କରାଯାଏ, କିନ୍ତୁ ମନୋନୀତ ନ ହେଲେ ଉପଯୁକ୍ତ ଡାକଟିକଟ ପଠାଇଲେ ଲେଖା ଫେରସ୍ତ ଦିଆଯାଏ ।